ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 44 ◆ISSUE-92 ◆FRIDAY ◆25 SEPTEMBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୯୨ ◆ଶୁକ୍ରବାର ◆୨୫ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ବଦଳିଲା ଟାଇଟଲ୍

▶ପୃଷ୍ଠା ୧୧ ଦେଖନ୍ତୁ...

ସ୍କାନ୍ କରନ୍ତୁ

Flipkart amazon.in ରେ ମଧ୍ୟ ଉପଲବ୍ଧ*

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE

72198 21111

*ନିୟମ ଏବଂ ସର୍ତ୍ତାବଳୀ ଲାଗୁ । ଉଲ୍ଲେଖିତ ESRPs, 125 ସିଙ୍ଗଲ୍ ସିଟ୍ ଭେରିଆଣ୍ଟ ପାଇଁ ଅଟେ । ଷ୍ଟଣ୍ଟଗୁଡ଼ିକ ବିଶେଷଜ୍ଞମାନଙ୍କ ଦ୍ୱାରା, ପେସାଦାର ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଏବଂ ବନ୍ଦ ପରିବେଶରେ, ସାଧାରଣ ଜନସାଧାରଣ କିମ୍ବା ସାର୍ବଜନୀନ ରାସ୍ତାଠାରୁ ଅଲଗା ରହି କରାଯାଇଛି । ଏହି ଷ୍ଟଣ୍ଟଗୁଡ଼ିକୁ ଅନୁକରଣ କରିବାକୁ ଚେଷ୍ଟା କରନ୍ତୁ ନାହିଁ ଏବଂ ସର୍ବଦା ଟ୍ରାଫିକ ଓ ସୁରକ୍ଷା ନିୟମ ପାଳନ କରନ୍ତୁ । E-କମ୍ ଅଫର୍‌ଗୁଡ଼ିକ ସମ୍ପୃକ୍ତ E-କମ୍ ପାର୍ଟନରଙ୍କ ନିୟମ ଏବଂ ସର୍ତ୍ତାବଳୀ ଅଧୀନରେ ରହିଛି । E-କମ୍ ଅଫର୍‌ଗୁଡ଼ିକ ବିଭିନ୍ନ ପାର୍ଟନରଙ୍କ ଅନୁସାରେ ବଦଳିପାରେ । ଚିତ୍ରଗୁଡ଼ିକ କେବଳ ପ୍ରତିନିଧିତ୍ୱ ଉଦ୍ଦେଶ୍ୟରେ ଦିଆଯାଇଛି । ପ୍ରକୃତ ରଙ୍ଗ ଭିନ୍ନ ହୋଇପାରେ ।

Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon BHARAT BAJAJ 73810 99441** • **Puri** MSB BAJAJ 7077735752 • **Pipili MSB BAJAJ 7077735755** • **Brahmagiri MSB BAJAJ 7008198739 Sakhigopal MSB BAJAJ 9124590859** • **Jankia BHARAT BAJAJ 9348768960** •**Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Rahama** MAITREE BAJAJ 9668801781 • **Chandikhole** TARINI BAJAJ 9937310800 • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Nayagarh MSB BAJAJ 7790048130** • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979.

ତମେ ସବୁ ମରିଯାଅ; କିନ୍ତୁ ଗାଡ଼ି ଅଟକିବ ନାହିଁ

■ ଧୂମପାନ କରି ଯାତ୍ରୀଙ୍କୁ ଧମକାଇଲେ ଡ୍ରାଇଭର
■ ଚଳନ୍ତା ବସ୍‌ରେ ଭୟାବହ ଅଗ୍ନିକାଣ୍ଡ; ୯ ମୃତ

ଗ୍ରେଟର ନୋଏଡା, ୨୪।୯(ଏଜେନ୍ସି): ଉତ୍ତରପ୍ରଦେଶର ଯମୁନା ଏକ୍ସପ୍ରେସ୍‌ୱେରେ ବୁଧବାର ରାତିରେ ଏକ ଚଳନ୍ତା ସ୍ଲିପର ବସ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ୮ ଜଣ ପୁରୁଷ ଅଛନ୍ତି। ଦିଲ୍ଲୀରୁ ମହୋବା ଯାଉଥିବା ଏହି ବସ୍‌ରେ ପ୍ରାୟ ୩୦ରୁ ୩୫ ଜଣ ଯାତ୍ରୀ ଥିଲେ। ଘଟଣା ପରେ ବସ୍‌ର ଚାଳକ ପବନ ଓ କଣ୍ଡକ୍ଟର ଯୋଗେଶଙ୍କୁ ପୁଲିସ ଅଟକ ରଖିଛି। ରାତି ପ୍ରାୟ ୧୧ଟା ୩୦ରେ ବସ୍‌ଟି ନୋଏଡା-ଆଗ୍ରା ରାସ୍ତାରେ ଥିବାବେଳେ ଚାଳକଙ୍କ କ୍ୟାବିନ୍‌ରୁ ପୋଡ଼ା ଗନ୍ଧ ଆସିଥିଲା। ଯାତ୍ରୀମାନେ ଏନେଇ ଚାଳକ ଓ କଣ୍ଡକ୍ଟରଙ୍କୁ ଜଣାଇଥିଲେ ମଧ୍ୟ ସେମାନେ ଏହାକୁ ଅଣଦେଖା କରିଥିବା ଏତଲାରେ ଅଭିଯୋଗ ହୋଇଛି। ଏତଲା ଅନୁଯାୟୀ, ଚାଳକ ପୋଡ଼ା ଗନ୍ଧକୁ ସାଧାରଣ କଥା କହି ବସ୍ ଅଟକାଇନଥିଲେ। ଏପରିକି ଚାଳକ ଓ କଣ୍ଡକ୍ଟର କ୍ୟାବିନ୍‌ରେ ବିଡ଼ି-ସିଗାରେଟ୍ ଟାଣୁଥିବା ଅଭିଯୋଗ ହୋଇଛି। କିଛି ସମୟ ପରେ ଚାଳକଙ୍କ ଆସନ ନିକଟରୁ ନିଆଁ ବାହାରିଥିଲା। ଯାତ୍ରୀମାନେ ବସ୍ ଅଟକାଇବାକୁ ଚିତ୍କାର କରିଥିଲେ ମଧ୍ୟ ଚାଳକ ତୁରନ୍ତ ଗାଡ଼ି ଅଟକାଇନଥିବା ଅଭିଯୋଗ ରହିଛି। ନିମିଷକ ମଧ୍ୟରେ ନିଆଁ ବସ୍‌କୁ ଗ୍ରାସ କରିବା ସହ ଧୂଆଁରେ ଭରିଯାଇଥିଲା ଭିତର ଅଂଶ। ଜୀବନ ବଞ୍ଚାଇବାକୁ କେତେକ ଯାତ୍ରୀ ଚଳନ୍ତା ବସ୍‌ରୁ ଡେଇଁ ପଡ଼ିଥିଲେ। ଅନ୍ୟମାନେ ଠେଲାପେଲା ମଧ୍ୟରେ ବାହାରକୁ ଆସିବାକୁ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରାଥମିକ ଭାବେ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଏଡିଏମ୍ ଅଜିତ ସିଂହ କହିଛନ୍ତି। ଘଟଣାରେ ଶୋକ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ମୃତକଙ୍କ ପରିବାର ସହ କଥା ହେବା ସହ ଆହତଙ୍କ ଉପଯୁକ୍ତ ଚିକିତ୍ସା ଓ ପୀଡ଼ିତ ପରିବାରଙ୍କୁ ସହାୟତା ଯୋଗାଇଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ହର୍ମୁଜ୍‌ରେ ପୁଣି ଆକ୍ରମଣ; ଭାରତୀୟ ନାବିକ ମୃତ

ଦେଓରିଆ, ୨୪।୯(ଏଜେନ୍ସି): ହର୍ମୁଜ୍ ପ୍ରଣାଳୀ ନିକଟରେ ଏକ ବାଣିଜ୍ୟିକ କାର୍ଗୋ ଜାହାଜ ଉପରେ ଆକ୍ରମଣରେ ଉତ୍ତରପ୍ରଦେଶର ଦେଓରିଆ ଜିଲ୍ଲାର ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଛି। ମୃତ ନାବିକ ହେଲେ ୨୩ ବର୍ଷୀୟ ସୂରଜ ଯାଦବ। ସେ କର୍ମାଞ୍ଜିପୁର ଅହିରୱତି ଟୋଲା ଗାଁର ବାସିନ୍ଦା ଏବଂ ଓମ୍‌ପ୍ରକାଶ ଯାଦବଙ୍କ ପୁଅ। ସୂଚନା ଅନୁଯାୟୀ, ଅଗଷ୍ଟ ୧୯ରେ ମୁମ୍ବାଇସ୍ଥିତ ଏକ କମ୍ପାନି ମାଧ୍ୟମରେ ସୂରଜ ଓମାନ ଯାଇଥିଲେ। ସେ ଜାହାଜରେ 'ୱାଇପର' ଭାବେ କାମ କରୁଥିଲେ। ଜାହାଜଟି ଓମାନରୁ ବାହାରି ବାହାରିନ ଅଭିମୁଖେ ଯାଇଥିଲା। ପରେ ଏହା ଭାରତ ଅଭିମୁଖେ ଯାଉଥିବା ସମୟରେ ଆକ୍ରମଣର ସମ୍ମୁଖୀନ ହୋଇଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି, ଜାହାଜରେ ଥିବା ୧୯ ଜଣ ଭାରତୀୟଙ୍କ ସମେତ ବଞ୍ଚିଥିବା ସମସ୍ତ ନାବିକଙ୍କୁ ଓମାନ ରୟାଲ ନେଭି ଉଦ୍ଧାର କରିଛି। ସେମାନେ ସୁରକ୍ଷିତ ଭାବେ କୂଳରେ ପହଞ୍ଚିଛନ୍ତି। ସୂରଜଙ୍କ ମୃତଦେହ ଭାରତ ଫେରାଇ ଆଣିବା ସହ ପରିବାରକୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ସରକାର କହିଛନ୍ତି।

ଆମେରିକୀୟ ଯୁଦ୍ଧବିମାନର ଯନ୍ତ୍ରାଂଶ ଜବତକଲା ଚୀନ୍

ୱାଶିଂଟନ୍, ୨୪।୯(ଏଜେନ୍ସି): ଆମେରିକାର ଅତ୍ୟାଧୁନିକ ଏଫ୍-୩୫ ଷ୍ଟିଲ୍‌ଥ ଯୁଦ୍ଧବିମାନର ସମ୍ବେଦନଶୀଳ ଯନ୍ତ୍ରାଂଶ ଅଷ୍ଟ୍ରେଲିଆରୁ ଆମେରିକା ଯିବା ବଦଳରେ ହଂକଂରେ ପହଞ୍ଚିବା ଘଟଣା ଏବେ ରହସ୍ୟ ଘେରରେ। ମେ' ମାସରେ ଘଟିଥିବା ଏହି ଘଟଣାରେ ଚୀନ୍ ଉକ୍ତ ଯନ୍ତ୍ରାଂଶଗୁଡ଼ିକୁ ନିଜ ହେପାଜତକୁ ନେଇଥିବା ବ୍ଲୁମ୍‌ବର୍ଗ ରିପୋର୍ଟରେ କୁହାଯାଇଛି। ଏହାକୁ ନେଇ ଆମେରିକାର ସୁରକ୍ଷା ମହଲରେ ଚିନ୍ତା ବଢ଼ିଛି। ଯନ୍ତ୍ରାଂଶଗୁଡ଼ିକ ମଧ୍ୟରେ କକ୍‌ପିଟ୍‌ର ଆଗ କାଚ ଓ ଅସ୍ତ୍ର ରଖିବା ଖୋପର ଦ୍ୱାର ରହିଛି। ଏଥିରେ ରାଡାର୍‌କୁ ଏଡ଼ାଇବାରେ ସହାୟକ ସ୍ୱତନ୍ତ୍ର ଆବରଣ ଲାଗିଥିବାରୁ ଏହାର ପ୍ରଯୁକ୍ତି ଚୀନ୍ ହାତରେ ପଡ଼ିବା ଆମେରିକା ପାଇଁ ଚିନ୍ତା ସୃଷ୍ଟି କରିଛି। ଅଷ୍ଟ୍ରେଲିଆ ଓ ପେଣ୍ଟାଗନ୍ ଘଟଣାର ତଦନ୍ତ କରୁଛନ୍ତି। ମରାମତି ପାଇଁ ୟୁପିଏସ୍ ମାଧ୍ୟମରେ ଆମେରିକା ପଠାଯାଉଥିବା ଏହି ସାମଗ୍ରୀ ଦକ୍ଷିଣ କୋରିଆରୁ କିପରି ହଂକଂକୁ ଯିବାକୁ ଦିଆଗଲା, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

ମୁସ୍ତାକ୍ ଖାନଙ୍କ ପରଲୋକ

ମୁମ୍ବଇ, ୨୪।୯(ଏଜେନ୍ସି): ଜଣାଶୁଣା ବରିଷ୍ଠ ଅଭିନେତା ମୁସ୍ତାକ୍ ଖାନଙ୍କର ୫୬ ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଯାଇଛି। ଆଜି ମୁମ୍ବଇର ନାନାବତୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି।

ଗତ ୫ ବର୍ଷ ଧରି ତାଙ୍କର କ୍ୟାନସର ରୋଗର ଚିକିତ୍ସା ଚାଲିଥିଲା। ଗୁରୁତର ଅସୁସ୍ଥତା ଯୋଗୁଁ ତାଙ୍କୁ ଗତ ୧୫ ଦିନ ଧରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆସନ୍ତାକାଲି ମୁମ୍ବଇରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ମଧ୍ୟପ୍ରଦେଶରୁ ଆସି ମୁସ୍ତାକ୍ ଖାନ ନାଟକରୁ ନିଜର ଅଭିନୟ ଯାତ୍ରା ଆରମ୍ଭ କରିଥିଲେ। ୧୯୯୦ ଦଶକରେ ହିନ୍ଦୀ ଚଳଚ୍ଚିତ୍ର ଜଗତରେ ପ୍ରବେଶ କରିଥିଲେ। 'ୱେଲକମ୍', 'ଗଦର: ଏକ ପ୍ରେମ କଥା', 'ଜୋଡ଼ି ନଂ ୧', 'ଆଶିକୀ' ଏବଂ 'ଦିଲ୍ ହୈ କି ମାନତା ନହିଁ' ଭଳି ଅନେକ ସଫଳ ଚଳଚ୍ଚିତ୍ରରେ ସେ ଅଭିନୟ କରିଥିଲେ। ହାସ୍ୟରସାତ୍ମକ ଓ ସହାୟକ ଭୂମିକା ପାଇଁ ତାଙ୍କର ବେଶ୍ ଲୋକପ୍ରିୟତା ରହିଥିଲା। ମୁସ୍ତାକଙ୍କ ବିୟୋଗରେ ଚଳଚ୍ଚିତ୍ର ଜଗତରେ ଗଭୀର ଶୋକର ଛାୟା ଖେଳିଯାଇଛି।

ଧର୍ମ ବାହାନାରେ ମହିଳାଙ୍କୁ ଗଣଦୁଷ୍କର୍ମ; ୪ ପୁଲିସ ଗିରଫ

ଅମରୋହା, ୨୪।୯(ଏଜେନ୍ସି): ଉତ୍ତରପ୍ରଦେଶର ଅମରୋହାରେ ଧାର୍ମିକ ସ୍ଥାନ ବୁଲାଇବା ବାହାନାରେ ହରିୟାଣାର ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳାଙ୍କୁ ଏକ ଫାର୍ମହାଉସ୍‌କୁ ନେଇ ଗଣଦୁଷ୍କର୍ମ କରାଯାଇଛି। ଘଟଣାରେ ଉତ୍ତରପ୍ରଦେଶ ପୁଲିସର ଦୁଇ କର୍ମଚାରୀ ଓ ଦୁଇ ସିଆରପିଏଫ୍ ଯବାନଙ୍କୁ ଗିରଫ କରାଯାଇଛି। ପୁଲିସ ଅନୁସାରେ, ଫତେହାବାଦର ଏହି ଯୁବତୀଙ୍କୁ ଜଣେ ମହିଳା ପରିଚିତା ସେପ୍ଟେମ୍ବର ୨୦ରେ ଯୋଗାଯୋଗ କରିଥିଲେ। ଅମରୋହାର ଧାର୍ମିକ ସ୍ଥାନ ବୁଲିବା ପାଇଁ ସିଆରପିଏଫ୍ ଇନ୍ସପେକ୍ଟର ମୋହିତଙ୍କ ସହ ଦେଖା କରିବାକୁ ତାଙ୍କୁ କୁହାଯାଇଥିଲା। ପରେ ସେ ମୋହିତଙ୍କ ସହ ଯାତ୍ରା କରିଥିଲେ। ସେପ୍ଟେମ୍ବର ୨୨ ସନ୍ଧ୍ୟାରେ ମୋହିତ ଓ ସିଆରପିଏଫ୍ ହେଡ୍ କନଷ୍ଟେବଲ ଲାଲାରାମ ଯାଦବ ତାଙ୍କୁ ଗାଡ଼ିରେ ନେଇ ହସନପୁର ଯାଇଥିଲେ। ବାଟରେ ଉତ୍ତରପ୍ରଦେଶ ପୁଲିସ ଉପନିରୀକ୍ଷକ ସଞ୍ଜୟ ତୋମରଙ୍କୁ ସେମାନେ ସାଙ୍ଗରେ ନେଇଥିଲେ। ପରେ ଆତ୍ରାସୀ-ହସନପୁର ରାସ୍ତାର ଏକ ଫାର୍ମହାଉସ୍‌କୁ ନେଇଯାଇଥିବା ଯୁବତୀ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ମୋହିତ, ଲାଲାରାମ ଓ ସଞ୍ଜୟ ତାଙ୍କୁ ପର୍ଯ୍ୟାୟକ୍ରମେ ଦୁଷ୍କର୍ମ କରିଥିଲେ।

ଜ୍ଞାନେଶଙ୍କ ନାମରେ ଏଫ୍‌ଆଇଆର୍

ଟିଏମ୍‌ସି ଟାର୍ଗେଟରେ ସିଇସି

ନୂଆଦିଲ୍ଲୀ, ୨୪।୯(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଏଫ୍‌ଆଇଆର୍ ଦାଖଲ କରିଛନ୍ତି ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ର। ଗୁରୁବାର ସେ ନୂଆଦିଲ୍ଲୀର ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ଅଭିଯୋଗ ଦାଖଲ କରିଛନ୍ତି। ତେବେ ପୁଲିସ ଏପର୍ଯ୍ୟନ୍ତ ଏଫ୍‌ଆଇଆର୍ ରୁଜୁ କରିନାହିଁ। ମୋଇତ୍ରଙ୍କ ଅଭିଯୋଗର ଆଧାର ହେଉଛି 'ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟ। ଏଥିରେ କୁହାଯାଇଥିଲା ଯେ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଗତ ୧୦ ମାସରେ ଅନ୍ତତଃ ୧୪ ଥର ଭୋଟର ଯୋଡ଼ା, ବାଦ୍ ଓ ପୁନଃସ୍ଥାପନ ସମେତ ବିଭିନ୍ନ ନିଷ୍ପତ୍ତି ଉପରେ ଲିଖିତ ଆପତ୍ତି ଜଣାଇଥିଲେ। ମୋଇତ୍ରଙ୍କ ଅଭିଯୋଗ, ଅନ୍ୟ ଦୁଇ କମିସନରଙ୍କ ମତକୁ ଅଣଦେଖା କରି ସିଇସି ଏକପାଖିଆ ଭାବେ ନିଷ୍ପତ୍ତି ନେଇଥିଲେ। ଏସ୍‌ଆଇଆର୍ ପାଇଁ ସରକାରୀ ଅର୍ଥ ବ୍ୟବହାର ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ମହୁଆଙ୍କ ଅନୁଯାୟୀ, ସମ୍ପୂର୍ଣ୍ଣ କମିସନଙ୍କ ସମ୍ମତି ବିନା ନିଆଯାଇଥିବା ନିଷ୍ପତ୍ତି ବେଆଇନ। ସିଇସି ୨୦୨୩ ଅଧିନିୟମର ଧାରା ୧୬ ଅଧୀନରେ ଥିବା ଆଇନଗତ ସୁରକ୍ଷାର ଆଢୁଆଳରେ ରହିପାରିବେ ନାହିଁ। ତାଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ ହେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

କୁମାରଙ୍କୁ ଗିରଫ କରାଯାଉ: ଅଭିଷେକ

କୋଲକାତା, ୨୪।୯(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି)ର ସାଧାରଣ ସମ୍ପାଦକ ସାଂସଦ ଅଭିଷେକ ବାନାର୍ଜୀ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ ଭୋଟର ତାଲିକା ହେରଫେର ଓ ନିର୍ବାଚନ ଜାଲିଆତି ଅଭିଯୋଗରେ ସିଇସିଙ୍କୁ ତୁରନ୍ତ ପଦରୁ ହଟାଇବା ସହ ଗିରଫ କରିବାକୁ ଦାବି କରିଛନ୍ତି। ଅଭିଷେକ ଅଭିଯୋଗ କରିଛନ୍ତି ଯେ, ବିଜେପିର ନିର୍ବାଚନୀ ଲାଭ ପାଇଁ ଏସ୍‌ଆଇଆର୍ ପ୍ରକ୍ରିୟା କରାଯାଉଛି। ଏହାମାଧ୍ୟମରେ ଲକ୍ଷ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି। ଏପରି କାର୍ଯ୍ୟ ଗଣତନ୍ତ୍ରର ମୂଳଦୁଆ ଉପରେ ସିଧାସଳଖ ଆକ୍ରମଣ। ସିଇସି ଯେପରି ଦେଶ ଛାଡ଼ି ଫେରାର ନ ହୁଅନ୍ତି, ସେଥିପାଇଁ ତାଙ୍କ ବିରୋଧରେ ଲୁକଆଉଟ୍ ସର୍କୁଲାର ଜାରି କରିବାକୁ ସେ ନିବେଦନ କରିଛନ୍ତି। ଏହା ସହିତ ନିର୍ବାଚନ ଆୟୋଗର କାର୍ଯ୍ୟଶୈଳୀ ଉପରେ ସୁପ୍ରିମକୋର୍ଟଙ୍କ ଏକ ନିରପେକ୍ଷ ତଦନ୍ତ କରାଯିବା ପାଇଁ ସେ ଦାବି କରିଛନ୍ତି।

ମତଭେଦ ଯୋଗୁଁ ଅଟକିଛି ଜେନ୍-ଜି ପଞ୍ଜୀକରଣ

ନୂଆଦିଲ୍ଲୀ, ୨୪।୯(ଏଜେନ୍ସି): ନିର୍ବାଚନ କମିସନରେ ମତଭେଦ ଯୋଗୁଁ ନୂତନ ଭୋଟର ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ବାର୍ଷିକ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) କାର୍ଯ୍ୟକ୍ରମ ସ୍ଥଗିତ ରହିଛି।୨୦୨୪ ପରଠାରୁ ଏହି ପ୍ରକ୍ରିୟା ପୁନଃ ଆରମ୍ଭ ହୋଇନାହିଁ। ଫଳରେ ଦେଶର ନୂତନ ଭାବେ ୧୮ ବର୍ଷରେ ପଦାର୍ପଣ କରୁଥିବା ଯୁବଗୋଷ୍ଠୀ ବା ଜେନ୍-ଜିଙ୍କ ଭୋଟିଂ ଅଧିକାର ଗୁରୁତର ଭାବେ ପ୍ରଭାବିତ ହୋଇଛି। ସାଧାରଣତଃ ୧୮ ବର୍ଷୀୟ ଯୁବ ଭୋଟରଙ୍କୁ ବର୍ଷକୁ ଚାରୋଟି ନିର୍ଦ୍ଦିଷ୍ଟ ତାରିଖ (ଜାନୁଆରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧)ରେ ନାମ ପଞ୍ଜୀକରଣ କରିବାର ସୁଯୋଗ ମିଳିଥାଏ। କିନ୍ତୁ ୧୯୫୮ ମସିହାରୁ ନିରବଚ୍ଛିନ୍ନ ଭାବେ ଚାଲିଆସୁଥିବା ଏହି ବାର୍ଷିକ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ସଂଶୋଧନ ପ୍ରକ୍ରିୟା ବନ୍ଦ ରହିବା ଯୋଗୁଁ ନୂତନ ଯୁବବର୍ଗ ନିଜ ନାମ ଭୋଟର ତାଲିକାରେ ଯୋଡ଼ିବାରୁ ବଞ୍ଚିତ ହେଉଛନ୍ତି। ଏନେଇ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ଏସଏସଆର ପୁନରାରମ୍ଭ ପାଇଁ ଦୃଢ଼ ଦାବି କରିଛନ୍ତି। ଅନ୍ୟପଟେ, ମୁଖ୍ୟ ନିର୍ବାଚନ କମିସନର ଏସମ୍ପର୍କରେ ଆଇନଗତ ପରାମର୍ଶ ଲୋଡ଼ିଛନ୍ତି। ଏହାସହ ଆୟୋଗର ପ୍ରାୟ ୫୦ ଜଣ ବରିଷ୍ଠ ଅଧିକାରୀଙ୍କ ବାର୍ଷିକ ଗୋପନୀୟ ରିପୋର୍ଟ (ଏସିଆର୍) ମଧ୍ୟ ସ୍ୱାକ୍ଷରିତ ହୋଇନପାରି ଅଟକି ରହିଛି। ଫଳରେ ଆଗାମୀ ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ନବୀକରଣ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

ପୁଣି ଧମକ ଦେଲା ଇରାନ

ତେହରାନ/ୱାସିଂଟନ, ୨୪।୯(ଏଜେନ୍ସି): ଆମେରିକା କିମ୍ବା ଇସ୍ରାଏଲ ପକ୍ଷରୁ ଇରାନ ଉପରେ ପୁଣି ଆକ୍ରମଣ ହେଲେ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଭାରତ ମହାସାଗର ପର୍ଯ୍ୟନ୍ତ ବ୍ୟାପିପାରେ ବୋଲି ଇରାନ ପକ୍ଷରୁ ଚେତାବନୀ ଦିଆଯାଇଛି। ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମେନେଇଙ୍କ ପରାମର୍ଶଦାତା ୟାହ୍ୟା ରହିମ ସଫାଭି ଗୁରୁବାର ଏହି ଚେତାବନୀ ଦେଇଛନ୍ତି। ସଫାଭିଙ୍କ ଅନୁଯାୟୀ, ସଂଘର୍ଷ ପାରସ୍ୟ ଉପସାଗର ଓ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରି ଲୋହିତ ସାଗର ପର୍ଯ୍ୟନ୍ତ ପହଞ୍ଚିଛି। ଆଉ ଏକ ଆକ୍ରମଣ

ଆକ୍ରମଣ ହେଲେ ସୁରକ୍ଷିତ ରହିବ ନାହିଁ ଭାରତ ମହାସାଗର

ହେଲେ ଯୁଦ୍ଧର ଭୌଗୋଳିକ ପରିସର ଆହୁରି ବଢ଼ିପାରେ ବୋଲି ସେ କହିଛନ୍ତି। ଏପରି ସ୍ଥିତି ଭାରତ ଓ ଚୀନ୍ ଭଳି ପ୍ରମୁଖ ତୈଳ ଆମଦାନୀକାରୀ ଦେଶ ପାଇଁ ଚିନ୍ତା ବଢ଼ାଇପାରେ। ଉପସାଗରୀୟ ଅଞ୍ଚଳରୁ ଏସିଆକୁ ତୈଳ ପରିବହନ କରୁଥିବା ଜାହାଜଗୁଡ଼ିକର ସୁରକ୍ଷା ନେଇ ମଧ୍ୟ ଆଶଙ୍କା ବଢ଼ିପାରେ। ଇରାନ ଦାବି କରିଛି ଯେ ଚଳିତ ବର୍ଷ ମାର୍ଚ୍ଚରେ ମଧ୍ୟ ସଂଘର୍ଷର ପ୍ରଭାବ ଭାରତ ମହାସାଗର ପର୍ଯ୍ୟନ୍ତ ପହଞ୍ଚିଥିଲା। ରଏଟର୍ସ ଅନୁଯାୟୀ, ଶ୍ରୀଲଙ୍କାର ଗାଲେ ନିକଟରେ ଆମେରିକୀୟ ଆକ୍ରମଣରେ ଇରାନୀ ଯୁଦ୍ଧଜାହାଜ ଆଇଆରଆଇଏସ୍ ଡେନା ବୁଡ଼ିଥିଲା। ଏହି ମଧ୍ୟରେ ଜାତିସଂଘ ସାଧାରଣ ପରିଷଦରେ ଇରାନୀ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଆମେରିକାର ନୀତିକୁ ସମାଲୋଚନା କରିଛନ୍ତି। ଇରାନ ଚାପରେ ନଇଁବ ନାହିଁ ବୋଲି ସେ କହିଥିବା ବେଳେ ଆଲୋଚନା ମାଧ୍ୟମରେ ସଂଘର୍ଷର ସମାଧାନ ପାଇଁ ଇରାନ ପ୍ରସ୍ତୁତ ଥିବା ସଙ୍କେତ ଦେଇଛନ୍ତି। ଅନ୍ୟପକ୍ଷରେ ହର୍ମୁଜ୍ ପ୍ରଣାଳୀ ଏବେ ମଧ୍ୟ ସଂଘର୍ଷର ପ୍ରମୁଖ କେନ୍ଦ୍ର ରହିଛି। ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତୈଳ ଓ ଏଲ୍‌ଏନ୍‌ଜି ଏହି ଜଳପଥ ଦେଇ ପରିବହନ ହୋଇଥାଏ।

୨୭ରେ ଇମ୍ରାନ୍ ସମର୍ଥକଙ୍କ ପଦଯାତ୍ରା: ପାକିସ୍ତାନରେ ହାଇଆଲର୍ଟ

ଇସ୍‌ଲାମାବାଦ, ୨୪।୯(ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ମୁକ୍ତି ଦାବିରେ ସେପ୍ଟେମ୍ବର ୨୭ରେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ପକ୍ଷରୁ ପ୍ରସ୍ତାବିତ ମାର୍ଚ୍ଚକୁ ରୋକିବା ପାଇଁ ଇସ୍‌ଲାମାବାଦରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ରାଜଧାନୀର ବିଭିନ୍ନ ରାସ୍ତାରେ ପ୍ରାୟ ୨ ହଜାର କଣ୍ଟେନର ରଖାଯାଇ ଯାତାୟାତ ଅବରୋଧ କରାଯାଉଛି। ପଞ୍ଜାବ ଓ ସିନ୍ଧରୁ ୨୦ ହଜାରରୁ ଅଧିକ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଇସ୍‌ଲାମାବାଦରେ ଦୁଇ ମାସ ପାଇଁ ରାଲି, ଶୋଭାଯାତ୍ରା ଓ ସାଧାରଣ ସମାବେଶ ଉପରେ ନିଷେଧ ଲାଗୁ ହୋଇଛି। ଧାରା ୧୪୪ ଅନୁଯାୟୀ ଏକ ସ୍ଥାନରେ ୫ କିମ୍ବା ତା'ଠାରୁ ଅଧିକ ଲୋକଙ୍କ ସମାବେଶ ଉପରେ ମଧ୍ୟ କଟକଣା ରହିଛି। ଏପଟେ ପିଟିଆଇ କର୍ମୀମାନେ ରାସ୍ତାରୁ କଣ୍ଟେନର ହଟାଇବା ପାଇଁ ବୁଲ୍‌ଡୋଜର ଓ କ୍ରେନ୍ ଭଳି ଭାରୀ ଯାନ ପ୍ରସ୍ତୁତ ରଖୁଥିବା 'ଡନ୍' ରିପୋର୍ଟ କରିଛି। କେତେକ ସ୍ଥାନରେ କଣ୍ଟେନରଗୁଡ଼ିକୁ ୱେଲ୍ଡିଂ କରାଯାଇଥିବା ସହ ଲୁହା କଣ୍ଟା ଲଗାଯାଇଛି। ଗୃହମନ୍ତ୍ରୀ ମୋହସିନ୍ ନକ୍‌ଭି ପିଟିଆଇକୁ ମାର୍ଚ୍ଚ କାର୍ଯ୍ୟକ୍ରମ ପୁନର୍ବିଚାର କରିବାକୁ କହିଛନ୍ତି। ପ୍ରତିବାଦ ସମୟରେ କାହାରି ମୃତ୍ୟୁ ଘଟିଲେ ଆୟୋଜକମାନଙ୍କୁ ଦାୟୀ କରାଯିବ ବୋଲି ସେ ସତର୍କ କରିଛନ୍ତି। ତେବେ ପିଟିଆଇ ମାର୍ଚ୍ଚ ପ୍ରତ୍ୟାହାର କରିନାହିଁ। ଇମ୍ରାନ୍ ଖାନ୍ ଅଗଷ୍ଟ ୨୦୨୩ରୁ ଜେଲ୍‌ରେ ଅଛନ୍ତି।

ଏଆଇସିସି ସଚିବ ଚୟନରେ ଅନିୟମିତତା; ସାକ୍ଷାତକାର ବାତିଲ୍

ନୂଆଦିଲ୍ଲୀ, ୨୪।୯(ଏଜେନ୍ସି): ଅଖିଳ ଭାରତ କଂଗ୍ରେସ କମିଟିର ସଚିବ ପଦ ପାଇଁ ଅନୁଷ୍ଠିତ ସାକ୍ଷାତକାର ପ୍ରକ୍ରିୟାକୁ ଦଳ ବାତିଲ୍ କରିଛି। ପ୍ରାର୍ଥୀ ଚୟନରେ ଅନିୟମିତତା ଓ ତ୍ରୁଟି ହୋଇଥିବା ଅଭିଯୋଗ ପରେ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ଏଆଇସିସି ସଚିବ ନିଯୁକ୍ତି ପାଇଁ ଦଳ ପୁଣି ପାରମ୍ପରିକ ପଦ୍ଧତିକୁ ଫେରିବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି। ଦଳର ସାଂଗଠନିକ ବ୍ୟବସ୍ଥାକୁ ଅଧିକ ସକ୍ରିୟ ଓ ଦକ୍ଷ କରିବା ଉଦ୍ଦେଶ୍ୟରେ ଏଆଇସିସି ସଚିବ ଚୟନ ପାଇଁ ଏକ ସାକ୍ଷାତକାର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଦଳର ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ନେତା ଓ କର୍ମକର୍ତ୍ତାଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀ ଚୟନ କରିବା ଏହାର ଉଦ୍ଦେଶ୍ୟ ଥିଲା। ଏଥିପାଇଁ ଅନେକ ନେତାଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା। ତେବେ ପ୍ରାର୍ଥୀ ଚୟନର ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ତ୍ରୁଟି ରହିଥିବା ନେଇ ପ୍ରଶ୍ନ ଉଠିଥିଲା। ବିଶେଷକରି 'ସଂଗଠନ ସୃଜନ' ଅଭିଯାନ ମାଧ୍ୟମରେ ନିକଟରେ ବିଭିନ୍ନ ଜିଲ୍ଲାର ସଭାପତି ଦାୟିତ୍ୱ ନେଇଥିବା କେତେକ ନେତାଙ୍କୁ ମଧ୍ୟ ଏଆଇସିସି ସଚିବ ପଦର ସାକ୍ଷାତକାର ପାଇଁ ଡକାଯାଇଥିବା ଜଣାପଡ଼ିଛି। ଦଳୀୟ ସାଂଗଠନିକ ଦାୟିତ୍ୱରେ ନୂଆ କରି ନିଯୁକ୍ତ ହୋଇଥିବା ନେତାଙ୍କୁ ଏତେ ଶୀଘ୍ର ଜାତୀୟ ସ୍ତରର ଦାୟିତ୍ୱ ପାଇଁ କିପରି ବିଚାର କରାଗଲା, ତାହା ନେଇ ଦଳ ଭିତରେ ପ୍ରଶ୍ନ ଉଠିଥିଲା। ଏହା ସହିତ କେତେକ 'ସୁପାରିସ୍' ଭିତ୍ତିକ ପ୍ରାର୍ଥୀ ମଧ୍ୟ ସାକ୍ଷାତକାର ପର୍ଯ୍ୟାୟରେ ପହଞ୍ଚିଥିବା ଚର୍ଚ୍ଚା ହେଉଛି। ଶେଷରେ ପ୍ରାର୍ଥୀ ଚୟନରେ ଥିବା ତ୍ରୁଟି ଓ ଅନିୟମିତତାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ସାକ୍ଷାତକାର ପ୍ରକ୍ରିୟାକୁ ରଦ୍ଦ କରାଯାଇଛି। ଏବେ ନୂଆ ପଦ୍ଧତିରେ ନୁହେଁ, ବରଂ ଦଳର ପୂର୍ବ ପ୍ରଚଳିତ ପାରମ୍ପରିକ ପ୍ରକ୍ରିୟା ଅନୁସରଣ କରି ସଚିବ ନିଯୁକ୍ତ କରାଯିବ ବୋଲି ଜଣାପଡ଼ିଛି।

୧୧ ବର୍ଷ ପରେ ଆମେରିକା ଗସ୍ତରେ ଜିନ୍‌ପିଙ୍ଗ

ୱାସିଂଟନ, ୨୪।୯(ଏଜେନ୍ସି): ଦୀର୍ଘ ୧୧ ବର୍ଷ ପରେ ଆମେରିକା ଗସ୍ତରେ ଯାଇଛନ୍ତି ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ। ବୁଧବାର ଜଏଣ୍ଟ ବେସ୍ ଆଣ୍ଡ୍ରୁଜ୍‌ରେ ତାଙ୍କୁ ସ୍ୱାଗତ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଟ୍ରମ୍ପଙ୍କ ସହ ମେଲାନିଆ ଟ୍ରମ୍ପ ମଧ୍ୟ ଉପସ୍ଥିତ ଥିଲେ। ଜିନ୍‌ପିଙ୍ଗଙ୍କ ସହ ତାଙ୍କ ପତ୍ନୀ ପେଙ୍ଗ୍ ଲିୟୁଆନ୍ ଆସିଛନ୍ତି। ଗୁରୁବାର ହ୍ୱାଇଟ୍ ହାଉସ୍‌ରେ ଜିନ୍‌ପିଙ୍ଗଙ୍କ ପାଇଁ ଆନୁଷ୍ଠାନିକ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଟ୍ରମ୍ପ ଜିନ୍‌ପିଙ୍ଗ ଓ ପେଙ୍ଗ୍ ଲିୟୁଆନ୍‌ଙ୍କ ସମ୍ମାନରେ ରାଜକୀୟ ଭୋଜି ଦେଇଛନ୍ତି। ଦୁଇ ନେତାଙ୍କ ଆଲୋଚନାରେ ବାଣିଜ୍ୟ ଓ ଶୁଳ୍କ, କୃତ୍ରିମ ବୁଦ୍ଧିମତ୍ତା, ତାଇୱାନ ଏବଂ ଅନ୍ୟାନ୍ୟ ଭୂ-ରାଜନୈତିକ ପ୍ରସଙ୍ଗ ପ୍ରମୁଖ ସ୍ଥାନ ପାଇଛି। ଚୀନରେ ନିବେଶ ପାଇଁ ଆମେରିକାର ଶିଳ୍ପପତି ଓ ବ୍ୟବସାୟୀଙ୍କ ସର୍ବଦା ସ୍ୱାଗତ କରାଯିବ ବୋଲି ଚୀନ ରାଷ୍ଟ୍ରପତି କହିଛନ୍ତି। ଏହି ଅବସରରେ ସେମାନେ ଆର୍ଟିଫିସିଅଲ ଇଣ୍ଟେଲିଜେନ୍ସ ଉପରେ ମଧ୍ୟ ଆଲୋଚନା କରିଛନ୍ତି। ମଣିଷ ନିୟନ୍ତ୍ରଣରେ ଆର୍ଟିଫିସିଅଲ ଇଣ୍ଟେଲିଜେନ୍ସର ବିକାଶ କରାଯିବା ଉଚିତ ବୋଲି ଦୁଇ ନେତାଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଥିଲା।

ଆମେରିକୀୟ ଯୁଦ୍ଧଜାହାଜରେ ୮ କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

ୱାସିଂଟନ୍, ୨୪।୯(ଏଜେନ୍ସି): ଇରାନ ବିରୋଧୀ ସାମରିକ ଅଭିଯାନରେ ଦୀର୍ଘ ସମୟ ଧରି ନିୟୋଜିତ ଆମେରିକାର 'ୟୁଏସ୍‌ଏସ୍ ଅବ୍ରାହମ୍ ଲିଙ୍କନ୍' ଷ୍ଟ୍ରାଇକ୍ ଗ୍ରୁପ୍‌ରେ ୮ ଜଣ ନୌସେନା କର୍ମଚାରୀ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଆମେରିକାର କାର୍ଯ୍ୟବାହୀ ନୌସେନା ସଚିବ ହଙ୍ଗ୍ କାଓ ସିନେଟର କ୍ରିଷ୍ଟେନ୍ ଗିଲିବ୍ରାଣ୍ଡଙ୍କୁ ଦେଇଥିବା ଚିଠିରେ ଏହି ସୂଚନା ଦେଇଛନ୍ତି। ଏହି ୮ଟି ଘଟଣା କେବଳ ବିମାନବାହୀ ଜାହାଜର କର୍ମଚାରୀଙ୍କ ନୁହେଁ, ଏଥିରେ ବିମାନ ଦଳ, ଏସ୍‌କର୍ଟ ଯୁଦ୍ଧଜାହାଜ ଓ ଷ୍ଟ୍ରାଇକ୍ ଗ୍ରୁପ୍‌ର ଅନ୍ୟ କର୍ମଚାରୀ ସାମିଲ ଅଛନ୍ତି। ତେବେ ଏହି ସମୟରେ କୌଣସି ଆତ୍ମହତ୍ୟାଜନିତ ମୃତ୍ୟୁ ହୋଇନଥିବା ନୌସେନା ପକ୍ଷରୁ କୁହାଯାଇଛି। ଅଗଷ୍ଟରେ ଜଣେ ନୌସେନା କର୍ମଚାରୀ ଜାହାଜରୁ ସମୁଦ୍ରକୁ ଖସିପଡ଼ିଥିଲେ। ତାଙ୍କୁ ଉଦ୍ଧାରକାରୀ ହେଲିକପ୍ଟର ଯୋଗେ ତୁରନ୍ତ ଉଦ୍ଧାର କରାଯାଇଥିଲା। ମାର୍ଚ୍ଚରେ ଆଉ ଜଣେ ସମୁଦ୍ରକୁ ଡେଇଁବାକୁ ଉଦ୍ୟମ କରିଥିବାବେଳେ ସହକର୍ମୀମାନେ ତାଙ୍କୁ ରୋକିଥିଲେ। 'ଲିଙ୍କନ୍' ଷ୍ଟ୍ରାଇକ୍ ଗ୍ରୁପ୍‌ରେ ପ୍ରାୟ ୬ରୁ ୭ ହଜାର କର୍ମଚାରୀ ରହିଛନ୍ତି।

୬ ମାସରେ ୪ ଲକ୍ଷ ଜୀବନ ନେବ ସୁପର ଏଲ୍ ନିନୋ

ନୂଆଦିଲ୍ଲୀ, ୨୪।୯(ଏଜେନ୍ସି): ସୁପର ଏଲ୍ ନିନୋ ଯୋଗୁଁ ଆସନ୍ତା ୬ ମାସରେ ବିଶ୍ୱରେ ଅତିରିକ୍ତ ୪ ଲକ୍ଷ ୫୧ ହଜାର ଲୋକଙ୍କ ମୃତ୍ୟୁ ହୋଇପାରେ। ଅତ୍ୟଧିକ ତାପମାତ୍ରାଜନିତ ମୃତ୍ୟୁକୁ ନେଇ 'କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍' ପକ୍ଷରୁ କରାଯାଇଥିବା ଏକ ଆକଳନରେ ଏହି ଆଶଙ୍କା ପ୍ରକାଶ ପାଇଛି। ସେପ୍ଟେମ୍ବର ୨୦୨୬ରୁ ଫେବ୍ରୁଆରି ୨୦୨୭ ମଧ୍ୟରେ ଏଲ୍ ନିନୋ ଯୋଗୁଁ ସାଧାରଣ ବର୍ଷ ତୁଳନାରେ ଏହି ଅତିରିକ୍ତ ମୃତ୍ୟୁ ହୋଇପାରେ ବୋଲି ଆକଳନ କରାଯାଇଛି। ତେବେ ଏହା ପୂର୍ବରୁ ଘଟିଥିବା ମୃତ୍ୟୁର ଆକଳନ ନୁହେଁ। ୧୯୯୬ରୁ ୨୦୨୫ ପର୍ଯ୍ୟନ୍ତର ତଥ୍ୟକୁ ଆଧାର ବର୍ଷ ଭାବେ ନେଇ ସାଧାରଣ ତାପମାତ୍ରା ସହ ତୁଳନା କରି ଗବେଷକମାନେ ଅତିରିକ୍ତ ତାପଜନିତ ମୃତ୍ୟୁର ଏହି ଆକଳନ କରିଛନ୍ତି। 'କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍' ଜଳବାୟୁ ବିଜ୍ଞାନ, ଅର୍ଥନୀତି ଓ ତଥ୍ୟ ବିଶ୍ଲେଷଣକୁ ଏକତ୍ର କରି ଜଳବାୟୁ ପରିବର୍ତ୍ତନର ମାନବ ଜୀବନ ଓ ଅର୍ଥନୀତି ଉପରେ ପ୍ରଭାବ ଅଧ୍ୟୟନ କରେ। ଆକଳନ ଅନୁଯାୟୀ, ଏହି ଅତିରିକ୍ତ ମୃତ୍ୟୁର ବଡ଼ ଅଂଶ ଗ୍ଲୋବାଲ୍ ସାଉଥ୍ ଦେଶଗୁଡ଼ିକରେ ହୋଇପାରେ। ଆଫ୍ରିକାର ସାହେଲ୍ ଅଞ୍ଚଳରେ ପ୍ରାୟ ୬୬,୮୦୦ ଅତିରିକ୍ତ ତାପଜନିତ ମୃତ୍ୟୁର ଆକଳନ

ଭାରତ ପାଇଁ ଆଗାମୀ ଗ୍ରୀଷ୍ମରେ ବଢ଼ିପାରେ ବିପଦ

କରାଯାଇଛି। ଏଥିରୁ ନାଇଜେରିଆରେ ୩୧,୪୦୦, ସୁଦାନରେ ୧୭,୫୦୦, ନାଇଜରରେ ୧୦,୦୦୦ ଏବଂ ଚାଦ୍‌ରେ ୮,୦୦୦ ମୃତ୍ୟୁ ହୋଇପାରେ। ଦକ୍ଷିଣପୂର୍ବ ଏସିଆର ଫିଲିପାଇନ୍ସ, ଭିଏତନାମ, ଥାଇଲାଣ୍ଡ ଓ କାମ୍ବୋଡିଆରେ ମିଳିତ ଭାବେ ପ୍ରାୟ ୧୯,୪୦୦ ଏବଂ ଇଣ୍ଡୋନେସିଆରେ ୧୯,୩୦୦ ଅତିରିକ୍ତ ମୃତ୍ୟୁର ଆକଳନ ହୋଇଛି। ବ୍ରାଜିଲ୍‌ରେ ଏହି ସଂଖ୍ୟା ୧୩,୩୦୦ ଓ ଭାରତରେ ୧୫,୮୦୦ ବୋଲି ରିପୋର୍ଟରେ କୁହାଯାଇଛି। ବିଶ୍ୱ ପାଣିପାଗ ସଂଗଠନ ଅନୁଯାୟୀ, ଏଲ୍ ନିନୋ ଏବେ ସକ୍ରିୟ ଥିବା ସହ ନଭେମ୍ବର-ଡିସେମ୍ବରରେ ଏହାର ତୀବ୍ରତା ସର୍ବାଧିକ ହୋଇପାରେ। ଫେବ୍ରୁଆରି ୨୦୨୭ ପର୍ଯ୍ୟନ୍ତ ଏହା ଜାରି ରହିବାର ସମ୍ଭାବନା ପ୍ରାୟ ୧୦୦ ପ୍ରତିଶତ ବୋଲି ସଂଗଠନ କହିଛି। ଆମେରିକାର ଜାତୀୟ ସାମୁଦ୍ରିକ ଓ ବାୟୁମଣ୍ଡଳୀୟ ପ୍ରଶାସନର ଆକଳନ ଅନୁଯାୟୀ, ନିନୋ ୩.୪ ଅଞ୍ଚଳର ସମୁଦ୍ରପୃଷ୍ଠ ତାପମାତ୍ରା ସ୍ୱାଭାବିକ ତୁଳନାରେ ୧.୮ ଡିଗ୍ରୀ ସେଲସିୟସ୍ ଅଧିକ ରହିଛି। ପୂର୍ବ ଭୂମଧ୍ୟ ପ୍ରଶାନ୍ତ ଅଞ୍ଚଳରେ ଏହି ବ୍ୟତିକ୍ରମ ୩ ଡିଗ୍ରୀରୁ ଅଧିକ ରହିଛି। ଗବେଷକମାନେ କହିଛନ୍ତି, ଫେବ୍ରୁଆରି ୨୦୨୭ ପରେ ମଧ୍ୟ ଭାରତ ଓ ପାକିସ୍ତାନ ଭଳି ଉତ୍ତର ଗୋଲାର୍ଦ୍ଧର ଦେଶଗୁଡ଼ିକରେ ଗ୍ରୀଷ୍ମ ଋତୁ ସମୟରେ ତାପଜନିତ ମୃତ୍ୟୁ ବଢ଼ିପାରେ।

‘ଉଶୁ’ରେ ରୋଶିବିନାଙ୍କୁ ରୌପ୍ୟ
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-92 ◆FRIDAY ◆25 SEPTEMBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୯୨ ◆ଶୁକ୍ରବାର ◆୨୫ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ପୁଣି ଦିଲ୍ଲୀରେ ଗର୍ଜିଲା କକ୍ରୋଚ୍ ଜନତା ପାର୍ଟି

ଜ୍ଞାନେଶଙ୍କୁ ୪୮ ଘଣ୍ଟାର ଗାଦି ଛାଡ଼ ମହଲତ

ଦାବି ପୂରଣ ନହେଲେ ଦେଶବ୍ୟାପୀ ଆନ୍ଦୋଳନ: ସିଜେପି

ସିଇସି ଗଣତନ୍ତ୍ରର ବିଶ୍ୱାସଘାତକ

■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ଏସ୍‌ଆଇଆର୍‌କୁ ନେଇ ନିର୍ବାଚନ କମିସନରେ ଫାଟ ସଂକ୍ରାନ୍ତ ଖବର ପ୍ରକାଶ ପାଇବା ପରେ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଅନ୍ୟ ଦୁଇ ଜଣ ନିର୍ବାଚନ କମିସନରଙ୍କ ଆପତ୍ତିକୁ ଖାତିର ନକରି ମନଇଚ୍ଛା ବେଆଇନ ନିଷ୍ପତ୍ତି ନେଇଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଏବେ ଜ୍ଞାନେଶ କୁମାରଙ୍କୁ ଟାର୍ଗେଟ କରିବାକୁ ଲାଗିଛନ୍ତି। ନିଜ ପଦରୁ ଇସ୍ତଫା ଦେବାପାଇଁ ତାଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ଜ୍ଞାନେଶ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି କକ୍ରୋଚ ଜନତା ପାର୍ଟି ଦାବି କରିଛି। ଏଥିପାଇଁ ଜ୍ଞାନେଶଙ୍କୁ ୪୮ ଘଣ୍ଟାର ସମୟ ଦେଇଛି। ଏହି ସମୟ ମଧ୍ୟରେ ଇସ୍ତଫା ନଦେଲେ ଦେଶବ୍ୟାପୀ ଆନ୍ଦୋନ କରିବାକୁ ଧମକ ଦେଇଛି କକ୍ରୋଚ୍ ପାର୍ଟି। ସଂଗଠନ କହିଛି ଯେ ଜ୍ଞାନେଶ ହେଉଛନ୍ତି ଗଣତନ୍ତ୍ରର ସବୁଠୁ ବଡ଼ ବିଶ୍ୱାସଘାତକ ଓ ଦେଶବିରୋଧୀ।

ସଂଗଠନ ପକ୍ଷରୁ ଆଜି ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଚେତାବନୀ ଦେଇଛନ୍ତି ସିଜେପିର ପ୍ରତିଷ୍ଠାତା ତଥା ଆବାହକ ଅଭିଜିତ ଦିପ୍‌କେ। ସେ କହିଛନ୍ତି, ରାଜଧାନୀ ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ଧାରଣା ଓ ପ୍ରତିବାଦ କରାଯିବ। ପୁଣି ଯନ୍ତରମନ୍ତର-୨ ଆନ୍ଦୋଳନ ହେବ। ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ସଂଗଠନର ସହ-ଆବାହକ ସୌରଭ ଦାସ ଓ ଆଶୁତୋଷ ରାଙ୍କା ଏହି ଅବସରରେ ତିନିଟି ପ୍ରମୁଖ ଦାବି ରଖିଛନ୍ତି। ମୁଖ୍ୟ ନିର୍ବାଚନ କମିସନର (ସିଇସି) ପଦରୁ ଜ୍ଞାନେଶ କୁମାର ଇସ୍ତଫା ଦିଅନ୍ତୁ, ନଚେତ ତାଙ୍କୁ ହଟାଯାଉ। ବେଆଇନ କାର୍ଯ୍ୟ ପାଇଁ ସେ କାହା ଇସାରାରେ କାମ କରୁଥିଲେ ସେମାନଙ୍କର ନାମ ପ୍ରକାଶ କରନ୍ତୁ। ଏମାନଙ୍କ ବିରୋଧରେ ଅପରାଧିକ ମକଦ୍ଦମା ହେଉ। ଦ୍ୱିତୀୟରେ ନିକଟରେ ହେବାକୁ ଥିବା ସମସ୍ତ ନିର୍ବାଚନକୁ ବାତିଲ କରାଯାଉ ଏବଂ ଏସ୍‌ଆଇଆର ପ୍ରକ୍ରିୟାର ସମୀକ୍ଷା କରାଯାଉ। ଏହାସହ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ୨୦୨୫ର ଭୋଟର ତାଲିକା ସ୍ଥିତିକୁ ଫେରାଇ ନେବା ସହିତ ଏସ୍‌ଆଇଆର୍ ସମ୍ପର୍କିତ ଫାଇଲ୍‌ଗୁଡ଼ିକୁ ସୁପ୍ରିମକୋର୍ଟ ନେତୃତ୍ୱାଧୀନ କମିଟି ହେପାଜତରେ ରଖାଯାଉ। ▶ପୃଷ୍ଠା-୭

ମହାଭିଯୋଗ ପାଇଁ ବିରୋଧୀଙ୍କ ପ୍ରସ୍ତୁତି

ଆଜି ନିର୍ବାଚନ କମିସନ ଅଫିସ ଘେରାଉ କରିବ କଂଗ୍ରେସ

■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ସଂସଦରେ ପୁଣି ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଅଣ୍ଟା ଭିଡ଼ିଛି। ସଂସଦର ଉଭୟ ଗୃହରେ ଏହି ନୋଟିସ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଦାଖଲ କରାଯାଇପାରେ ବୋଲି ଜଣାପଡ଼ିଛି। ମତଦାତା ତାଲିକାର ଏସ୍‌ଆଇଆର୍ ଏବଂ ଫର୍ମ ୬ ପରିବର୍ତ୍ତନକୁ ନେଇ ନିର୍ବାଚନ ଆୟୋଗର ଅନ୍ୟ ଦୁଇ କମିସନର ସୁଖବୀର ସିଂ ସନ୍ଧୁ ଏବଂ ବିବେକ ଯୋଶୀ ଆପତ୍ତି ଉଠାଇଥିବା ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଛି। ଏହାପରେ ଦେଶରେ ରାଜନୈତିକ ବିବାଦ ତୀବ୍ର ହୋଇଛି। ଏହାକୁ ଆଧାର କରି ବିରୋଧୀ ଦଳଗୁଡ଼ିକ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛନ୍ତି। ଏହାପୂର୍ବରୁ ଜ୍ଞାନେଶଙ୍କ ବିରୋଧରେ ଦୁଇଥର ମହାଭିଯୋଗ ନୋଟିସ ଦିଆଯାଇଥିଲା। ନିର୍ବାଚନ କମିସନ ଇତିହାସରେ କୌଣସି କମିସନରଙ୍କ ବିରୋଧରେ ମହାଭିଯୋଗ ଆଣିବାରେ ଏହା ଥିଲା ପ୍ରଥମ ଘଟଣା। ଲୋକସଭାର ୧୩୦ ଏବଂ ରାଜ୍ୟସଭାର ୬୩ ଜଣ ସାଂସଦଙ୍କ ଦସ୍ତଖତରେ ୧୦ ପୃଷ୍ଠା ବିଶିଷ୍ଟ ଅଭିଯୋଗପତ୍ର ▶ପୃଷ୍ଠା-୭

ଭୋଟ ଚୋରିରେ ନିର୍ବାଚନ କମିସନ ମୁଖ୍ୟ ଅଭିଯୁକ୍ତ: ରାହୁଲ

ଦେଶଦ୍ରୋହୀଙ୍କୁ ସଜା ମିଳିବ

■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ନିର୍ବାଚନ କମିସନରେ ମତଭେଦକୁ ନେଇ କେନ୍ଦ୍ର ସରକାର ଓ ମୁଖ୍ୟ ନିର୍ବାଚନ କମିସନରଙ୍କ ଉପରେ ବର୍ଷିଛନ୍ତି ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଏସ୍‌ଆଇଆର୍ ପ୍ରକ୍ରିୟାରେ ଅନିୟମିତତା ହେଉଛି ବୋଲି ଦୁଇ ଜଣ ନିର୍ବାଚନ କମିସନର ଆପତ୍ତି କରିବା ସତ୍ତ୍ୱେ ଏହାକୁ ଖାତିର ନକରି ଅଗଣତାନ୍ତ୍ରିକ ଉପାୟରେ ନିର୍ବାଚନ କମିସନ ଏସ୍‌ଆଇଆର୍‌କୁ ଅସ୍ତ୍ର କରି ନିର୍ବାଚନ କରାଇଛନ୍ତି। ଏଭଳି ବେଆଇନ ପ୍ରକ୍ରିୟାର ଯେଉଁମାନେ ସଂସଦକୁ ନିର୍ବାଚିତ ହେଉଛନ୍ତି, ସେମାନଙ୍କ ଦ୍ୱାରା ପ୍ରଣିତ ଆଇନ ମଧ୍ୟ ବେଆଇନ। ଭୋଟ ଚୋରି ପରେ କାନୁନ ଚୋରି। ଏହି ସମଗ୍ର ଘଟଣା ପାଇଁ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଦାୟୀ କରି ▶ପୃଷ୍ଠା-୭

ସୁପ୍ରିମକୋର୍ଟରେ ଡିଜିପି ନିଯୁକ୍ତି ଶୁଣାଣି

ଏକ୍ସ-କ୍ୟାଡର ପଦ ସୃଷ୍ଟିର ବୈଧତାକୁ ନେଇ ପ୍ରଶ୍ନ

■ ଭୁବନେଶ୍ୱର, ୨୪।୯ (ସମିସ): ଓଡ଼ିଶାର ସ୍ଥାୟୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଚୟନ ପ୍ରକ୍ରିୟାକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ସୁପ୍ରିମକୋର୍ଟ ଗୁରୁବାର ଗୁରୁତର ପ୍ରଶ୍ନ ଉଠାଇଛନ୍ତି। ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଶାନ୍ତ କୁମାର ନାଥଙ୍କ ‘ଇଣ୍ଟିଗ୍ରିଟି ସାର୍ଟିଫିକେଟ୍’ ଅଟକାଇବା ଓ ଏକ୍ସ-କ୍ୟାଡର ଡିଜି ପଦବୀ ସୃଷ୍ଟି କରିବା ସଂକ୍ରାନ୍ତରେ ଅଦାଲତଙ୍କ ଟିପ୍ପଣୀ ରାଜ୍ୟ ସରକାରଙ୍କ ପାଇଁ ଅସ୍ୱସ୍ତିକର ହୋଇଛି।

ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି. ମୋହନଙ୍କୁନେଇ ଗଠିତ ୩ ଜଣିଆ ଖଣ୍ଡପୀଠ କ୍ରମାଗତ ତୃତୀୟ ଦିନ ଏହି ମାମଲାର ଶୁଣାଣି କରିଛନ୍ତି। ଜଣେ ଅଧିକାରୀଙ୍କୁ ସିବିଆଇ ପଚରାଉଚରା କରିପାରେ ବୋଲି ଆଶଙ୍କା ଥିବାରୁ ତାଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ରୋକିବା ଏକ ମାତ୍ରାଧିକ ପଦକ୍ଷେପ। ▶ପୃଷ୍ଠା-୭

ଏଜି ପାଇଁ କ୍ଷମା ମାଗିଲେ ଏସ୍‌ଜି

■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ଓଡ଼ିଶା ପୁଲିସ ଡିଜି ନିଯୁକ୍ତି ମାମଲାର ଶୁଣାଣି ବେଳେ ଗତକାଲି ସୁପ୍ରିମ କୋର୍ଟରେ ଆମିକସ କ୍ୟୁରିଙ୍କ ପ୍ରତି ଆଡଭୋକେଟ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟଙ୍କ ଆପତ୍ତିଜନକ ମନ୍ତବ୍ୟ ପାଇଁ ଆଜି କ୍ଷମା ପ୍ରାର୍ଥନା କରିଛନ୍ତି ସଲିସିଟର ଜେନେରାଲ (ଏସ୍‌ଜି) ତୁଷାର ମେହେଟ୍ଟା। ଏହି ମାମଲାରେ କୋର୍ଟ ରାଜୁ ରାମଚନ୍ଦ୍ରନଙ୍କୁ ଆମିକସ କ୍ୟୁରି ନିଯୁକ୍ତ କରିଛନ୍ତି। ରାମଚନ୍ଦ୍ରନ ତାଙ୍କର ମତାମତ ରଖୁଥିବା ବେଳେ ପୀତାମ୍ବର ଆଚାର୍ଯ୍ୟ ତାଙ୍କୁ ଲକ୍ଷ୍ୟ କରି କହିଥିଲେ ଯେ ସେ ଆବେଦନକାରୀଙ୍କ ପକ୍ଷରୁ ମାମଲା ଲଢୁଥିବା ଭଳି ଲାଗୁଛି। ତାଙ୍କର ଏଭଳି ମନ୍ତବ୍ୟର ଦୃଢ଼ ପ୍ରତିବାଦ ଜଣାଇଥିଲେ ରାମଚନ୍ଦ୍ରନ। ସେ କହିଥିଲେ ଯେ ତାଙ୍କର ୫୦ ବର୍ଷର ଓକିଲାତି ଜୀବନରେ କେବେହେଲେ ତାଙ୍କୁ କେହି ଏଭଳି ଆକ୍ଷେପ କରିନାହାନ୍ତି। ପୀତାମ୍ବର ତାଙ୍କର ମନ୍ତବ୍ୟ ପ୍ରତ୍ୟାହାର କରନ୍ତୁ ବୋଲି ସେ ଦାବି କରିଥିଲେ। ପୀତାମ୍ବର ସଫେଇ ଦେଇ କହିଥିଲେ ଯେ ରାମଚନ୍ଦ୍ରନଙ୍କ ପ୍ରତି ତାଙ୍କର ଗଭୀର ସମ୍ମାନ ରହିଛି। ସେ କେବଳ ଅଦାଲତରେ ତାଙ୍କର ଯୁକ୍ତି ରଖୁଥିଲେ।

ଏମ୍‌ଡିଆର୍ ଶୁଳ୍କକୁ ବିରୋଧ

ଅକ୍ଟୋବର ୨ରେ ‘ନୋ ୟୁପିଆଇ ଡେ’

■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ) କାରବାରରେ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ ବା ବାଣିଜ୍ୟ ରିହାତି ହାର(ଏମ୍‌ଡିଆର୍) ଲାଗୁକୁ ନେଇ ସାରା ଦେଶରେ ବିରୋଧ ତୀବ୍ର ହେବାରେ ଲାଗିଛି। ଏବେ ଦେଶର ବ୍ୟବସାୟୀମାନେ ଏହାକୁ ନେଇ ମୁହଁ ଖୋଲିଛନ୍ତି। ବାଣିଜ୍ୟ ସଂଗଠନଗୁଡ଼ିକ ଅକ୍ଟୋବର ୨କୁ ‘ନୋ ୟୁପିଆଇ ଡେ’ ଭାବରେ ପାଳନ କରିବାକୁ ଯାଉଛନ୍ତି। ଏହି ଦିନ ସାରା ଦେଶରେ କୌଣସି ବି ଦୋକାନୀ ବା ବ୍ୟବସାୟୀ ଗ୍ରାହକଙ୍କଠାରୁ ୟୁପିଆଇରେ ଟଙ୍କା ଗ୍ରହଣ କରିବେନାହିଁ। ବ୍ୟବସାୟୀମାନେ ୟୁପିଆଇ ସ୍କାନର, କ୍ୟୁଆର୍ କୋଡ୍, ସାଉଣ୍ଡ ବକ୍ସ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ଉପକରଣଗୁଡ଼ିକୁ କଳା କପଡାରେ ଘୋଡାଇ ▶ପୃଷ୍ଠା-୭

‘କ୍ୟୁଆର୍ କୋଡ୍’ରେ ଘୋଡ଼ାଯିବ କଳା କପଡ଼ା

ଏମ୍‌ଏମ୍‌ଡିଆର୍ ଆଇନ ସଂଶୋଧନକୁ ବିଜେଡିର ତୀବ୍ର ବିରୋଧ

୨୮ ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ

■ ଭୁବନେଶ୍ୱର, ୨୪।୯ (ସମିସ): ଏମଏମଡିଆର ସଂଶୋଧନ ଆଇନ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହେବା ପରେ ଏହାକୁ ବିଜେଡି ତୀବ୍ର ବିରୋଧ କରି ଆସୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଏହା ବିରୋଧରେ ସମାବେଶ ଅନୁଷ୍ଠିତ ହେଉଛି। ଏହିକ୍ରମରେ ଆସନ୍ତା ୨୮ ତାରିଖରେ ଦଳ ପକ୍ଷରୁ ଲୋୟର ପିଏମଜିରେ ଏକ ବିଶାଳ ଗଣ ବିକ୍ଷୋଭ ସଭା କାର୍ଯ୍ୟକ୍ରମ ଆୟୋଜିତ ହେବ ଓ ଏଥିରେ ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। ଶଙ୍ଖ ଭବନରେ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ବିଧାୟକ ଡ. ଅରୁଣ କୁମାର ସାହୁ, ପୂର୍ବତନ ମନ୍ତ୍ରୀ ତଥା ପିଏସି ସଦସ୍ୟ ସୁଦାମ ମାର୍ଣ୍ଡି ଓ ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତି ରଞ୍ଜନ ଘଡ଼ାଇ ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସୂଚନା ଦେଇଛନ୍ତି।

ଯୋଗଦେବେ ନବୀନ

ଶ୍ରୀ ମିଶ୍ର କହିଥିଲେ ଯେ ଖଣି ଓ ଖଣି ଥିବା ଜମି ଉପରେ ଥିବା ରାଜ୍ୟମାନଙ୍କ ଅଧିକାରକୁ ଏମଏମଡିଆର ସଂଶୋଧନ ଆଇନ ମାଧ୍ୟମରେ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି, ଯାହା ଦେଶର ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ। ଦେଶର ଗଚ୍ଛିତ ଥିବା ସମୁଦାୟ ଖଣିଜ ସମ୍ପଦ ମଧ୍ୟରୁ କେବଳ ଓଡ଼ିଶାରେ ଏହାର ୪୪ ପ୍ରତିଶତ ଖଣିଜ ସମ୍ପଦ ▶ପୃଷ୍ଠା-୭

କଳା ଆଇନ ପ୍ରତ୍ୟାହାର ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନ

ଆଦିବାସୀଙ୍କ ଜୀବନଜୀବିକାକୁ ନର୍କ କରିଦେବ ନୂଆ ଆଇନ

ଓଲଟ ପାଲଟ

ଲାଞ୍ଚୁଆ ପେଞ୍ଚୁଆ ଧଳା ହାତୀ ପାଇଁ
ଟଙ୍କାଗୁଡ଼ା ଗୋଡ଼ି-ମାଟି,
ଫାଇଲି କାମରେ ଟେବୁଲ ତଳରେ
ଲାଞ୍ଚ ପାଇଁ ଛାଟିପିଟି !
କାମରେ ମାଗନ୍ତି ବଟି
କୋଟିପତି ମାରି ପଟି !
ଗୁଇନ୍ଦା ହାତରେ ଧରାପଡ଼ି ବାବୁ
ଯାଆନ୍ତି ମାମୁଁ ଘରଟି !!

-ଯାଯାବର

ବର୍ଷା ଅଜାଡ଼ିଲା ଗଭୀର ଅବପାତ

ଦକ୍ଷିଣ ଓଡ଼ିଶା ଉବୁଟୁବୁ

■ ଭୁବନେଶ୍ୱର, ୨୪।୯ (ସମିସ): ଆନ୍ଧ୍ର ପ୍ରଦେଶର କଳିଙ୍ଗପଟ୍ଟନମ୍‌ରେ ସ୍ଥଳ ଭାଗ ଛୁଇଁବା ପରେ ଘଣ୍ଟା ପ୍ରତି ୧୦ କିମି ବେଗରେ ଆଗକୁ ବଢୁଛି ଗଭୀର ଅବପାତ। ୨୩ ସେପ୍ଟେମ୍ବର ରାତି ୧୧ଟାରୁ ୨୪ ସେପ୍ଟେମ୍ବର ରାତି ୧ଟା ମଧ୍ୟରେ କଳିଙ୍ଗପଟ୍ଟନମର ଦକ୍ଷିଣ-ପଶ୍ଚିମ ନିକଟବର୍ତ୍ତୀ ଅଞ୍ଚଳ ଦେଇ ଏହା ଉପକୂଳ ଅତିକ୍ରମ କରିଛି। ଏହି ସମୟରେ ଏହାର ସର୍ବାଧିକ ପବନ ବେଗ ଘଣ୍ଟାପ୍ରତି ୫୫-୬୫ କିମି ଥିବାବେଳେ ଝଟକା ପବନର ବେଗ ଘଣ୍ଟାପ୍ରତି ୭୫ କିମି ପର୍ଯ୍ୟନ୍ତ ରହିଛି। ଏବେ ଏହି ଅବପାତ ଆନ୍ଧ୍ରପ୍ରଦେଶର ଉତ୍ତର ଉପକୂଳ ଏବଂ ସଂଲଗ୍ନ ଦକ୍ଷିଣ ଓଡ଼ିଶା ଉପରେ ସକ୍ରିୟ ରହିଛି। ଧୀରେ ଧୀରେ ଏହା ଦୁର୍ବଳ ହୋଇ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି। ଏହାର ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଭୀଷଣ ବର୍ଷା ହୋଇଛି।

ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ ଆଗକୁ କେନ୍ଦ୍ରୀୟ ଓ ଛତିଶଗଡ଼କୁ ଲାଗି ଓଡ଼ିଶା ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ବଢ଼ିବ ବୋଲି ଆକଳନ କରାଯାଇଛି। ଗତ ୨୪ ଘଣ୍ଟାରେ ▶ପୃଷ୍ଠା-୭

ଧସିଲା କଳିଙ୍ଗା ଗାର୍ଡୱାଲ

■ ଜି ଉଦୟଗିରି, ୨୪।୯ (ସମିସ): ଅବିଶ୍ରାନ୍ତ ବର୍ଷାରେ କଳିଙ୍ଗା ଘାଟିର ସୁରକ୍ଷା ପ୍ରାଚୀର ଧସିଯିବା ଫଳରେ ପୁଣି ଥରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଚଳିତ ବାତ୍ୟାରେ ପ୍ରବଳରୁ ଅତି ପ୍ରବଳ ବର୍ଷାରେ ଭୂସ୍ଖଳନ ଆଶଙ୍କା ରଖି ଦୁଇ ଦିନ ଘାଟିରେ ଯାତାୟାତ ବନ୍ଦ କରିଥିଲା ଜିଲ୍ଲା ପ୍ରଶାସନ। ଆଶଙ୍କା ସତ ହୋଇଛି। ଦୁଇ ଦିନ ପ୍ରବଳ ବର୍ଷା ରେ ଅନ୍ଧାରିକୋଟ ନିକଟରେ ପ୍ରଶସ୍ତ କରାଯାଉଥିବା ଗାର୍ଡୱାଲ ଧସି ଯାଇଥିବା ବେଳେ ଆଉ କିଛି ଅଂଶ ଧସିବା ଅବସ୍ଥାରେ ରହିଛି। ଫଳରେ ଏବେ ଏହି ଘାଟି ଦେଇ ଯାତାୟାତ କରିବା ସୁରକ୍ଷିତ ମନେ କରାଯାଉନି। ଆଗକୁ ବର୍ଷା ସାଙ୍ଗକୁ ଭୂସ୍ଖ ଳନ ଆଶଙ୍କା କରି ପ୍ରଶାସନ ତରଫରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଯାତାୟାତ ବନ୍ଦ କରାଯାଇଥିବା ବେଳେ କେବେ ସ୍ୱାଭାବିକ ହେବ ତାକୁ ନେଇ ପ୍ରଶ୍ନ ଉଠିଛି।

ସରକାରଙ୍କୁ ଅଡୁଆରେ ପକାଇଲେ ଖଣିମନ୍ତ୍ରୀ

ସଂଶୋଧିତ ଆଇନ ଦ୍ୱାରା ଲାଭ-କ୍ଷତିର ଆକଳନ ହୋଇନାହିଁ: ବିଭୂତି

■ ଭୁବନେଶ୍ୱର, ୨୪।୯ (ସମିସ): ଏମଏମଡ଼ିଆର୍ ସଂଶୋଧନ ଅର୍ଥାତ୍ ସଂସଦରେ ଗୃହୀତ ସଂଶୋଧିତ ଖଣି ଆଇନରେ ଓଡ଼ିଶାର କ୍ଷତି ହେବନାହିଁ ବୋଲି ଯୁକ୍ତି ବାଢୁଥିବା ବିଜେପି ନେତା ଓ ସାଂସଦମାନଙ୍କୁ ବିଧାନସଭାରେ ମିଛୁଆ ପ୍ରମାଣିତ କରିଛନ୍ତି ରାଜ୍ୟ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା। ପ୍ରକାଶ ସୋରେନ୍ ଓ ଗଣେଶ୍ୱର ବେହେରାଙ୍କ ଦୁଇଟି ଭିନ୍ନଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟ ଖଣି ଆଇନ ପ୍ରସଙ୍ଗରେ ତାଙ୍କ ଦଳ ଓ ସରକାରଙ୍କ ଆଭିମୁଖ୍ୟରେ ଥିବା ବିଭ୍ରାନ୍ତିକୁ ସ୍ପଷ୍ଟ କରିଦେଇଛନ୍ତି। ଏମଏମ୍‌ଡିଆର ସଂଶୋଧିତ ଆଇନର ଆର୍ଥିକ ପ୍ରଭାବ ସମ୍ପର୍କରେ ଲାଭ ବା କ୍ଷତି ସମ୍ପର୍କରେ ସରକାର ଆକଳନ କରିନାହାନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟମ ସମ୍ବନ୍ଧୀତ ସର୍ତ୍ତାବଳୀ ପ୍ରଣୟନ ପରେ ଏହାର ଆର୍ଥିକ ପ୍ରଭାବକୁ ସରକାର ନିରୀକ୍ଷଣ କରିବେ। ଅନୁରୂପ ଭାବରେ ଆଡ୍‌ଭୋକେଟ ଜେନେରାଲ ସୁପ୍ରିମକୋର୍ଟରେ କ'ଣ ଯୁକ୍ତି ରଖିଥିଲେ; ତାହାର ତଥ୍ୟ ସରକାରଙ୍କ ନିକଟରେ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜେନା ବିଧାନସଭାରେ ଉତ୍ତର ରଖିଛନ୍ତି। ମନ୍ତ୍ରୀ ଶ୍ରୀ ଜେନାଙ୍କ ଏହି ଦୁଇଟି ଉତ୍ତର ତାଙ୍କ ସରକାର ଓ ଦଳ ପାଇଁ ଅଧିକ ବିପଦ ଡ଼ାକି ଆଣିଛି। ▶ପୃଷ୍ଠା-୭

ବିଭାଗ ପାଖରେ ନାହିଁ କି ସୁପ୍ରିମକୋର୍ଟରେ ଓଡ଼ିଶା ଏଜିଙ୍କ ଯୁକ୍ତି ସଂକ୍ରାନ୍ତ ତଥ୍ୟ

୨୭ ଗ୍ରାମ ହେରୋଇନ୍ ଜବତ, ମହିଳା ଗିରଫ

ତାଳଚେର,୨୪।୯ (ସମିସ): ତାଳଚେର ଅବକାରୀ ବିଭାଗ ପକ୍ଷରୁ ହେରୋଇନ୍ ୨୭ ଗ୍ରାମ ହେରୋଇନ ଓ ନଗଦ ୪୦ ହଜାର ୨୦୦ ଟଙ୍କା ଜବତ କରାଯାଇଥିବା ବେଳେ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ମହିଳା ହେଲେ ବିକ୍ରମପୁର ଥାନା ଟେଣ୍ଟୋଲେଇ ଗ୍ରାମର ପ୍ରୀତିମୟୀ ଦାସ (୪୨)। ଅନୁଗୋଳ ଅବକାରୀ ଉପ-ଅଧିକ୍ଷକ ଧୀରେନ କୁମାର ବେହେରା ଓ ଅବକାରୀ ନୀରିକ୍ଷକ ଉମାକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଗ୍ରାମରେ ଚଢ଼ଉ କରାଯାଇଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇଛି। ଚଢ଼ଉରେ ଅବକାରୀ ଓଆଇସି ହାତିଆ ବେହେରା, ଏଏସଆଇ ରଞ୍ଜନ ପାତ୍ର, ସରୋଜ ସାହୁ, ପପୁନ କୁମାର ପ୍ରଧାନ, ଗୌରୀ ଓରାମ ସାମିଲ ଥିଲେ।

ହତ୍ୟାକାରୀକୁ ଗିରଫ ଦାବିରେ ଥାନା ଘେରଉ

ଖମାର,୨୪।୯ (ସମିସ): ଖମାର ଥାନା ସତ୍ୟବନ୍ଧ ଖେଳପଡ଼ିଆ ନିକଟ ନାଗଡିହ ଚାଷଜମିରୁ ସନ୍ଦେହଜନକ ଭାବେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତକ ହେଲେ ଜେନାପଡ଼ା ଗ୍ରାମର ସନ୍ତୋଷ ଗଡ଼ନାୟକ। ସନ୍ତୋଷଙ୍କୁ ହତ୍ୟାକରି ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ପରିବାର ଲୋକ ଓ ଗ୍ରାମବାସୀ ଥାନା ଘେରଉ କରିଛନ୍ତି। ସକାଳ ୧୦ ଟାରୁ ଦିନ ୨ଟା ଯାଏଁ ଥାନା ସମ୍ମୁଖରେ ଧାରଣ ଦେଇଥିଲେ। ଖମାର ଥାନା ଅଧିକାରୀ, ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ, ତହସିଲଦାର ଆକାଂକ୍ଷା ମହାପାତ୍ର ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଖୁବଶୀଘ୍ର ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଆନ୍ଦୋଳନରେ ସିପିଆଇଏମ୍ ନେତା ଜମ୍ବେଶ୍ୱର ସାମନ୍ତରାୟ, ସିପିଆଇଏମ୍ ସଭାନେତ୍ରୀ ମୀନାରାଣୀ ପ୍ରଧାନ ସାମିଲ ହୋଇଥିଲେ।

ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ

ବଇଣ୍ଡା,୨୪।୯ (ସମିସ): ଠାକୁରଗଡ଼ ଅଞ୍ଚଳରେ ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ବୁଧବାର ନିକଟସ୍ଥ ପଡ଼ିଆରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ କରାଯାଇଥିଲା। ପୂଜକ କେଶବ ଶତପଥୀ ପୂଜାର୍ଚ୍ଚନା କରିବା ପରେ ମାଟି ସଂଗ୍ରହ କରାଯାଇଥିଲା। ଏଥିରେ ବିଜୟ ସାହୁ କର୍ତ୍ତା ଭାବେ ଯୋଗଦେଇଥିଲେ। ସଭାପତି ସନ୍ତୋଷ ସାହୁ, ବିଭୁପ୍ରସାଦ ସେନାପତି, କିଶୋର ଖୁଣ୍ଟିଆ, ଭାଗୀରଥି ଦେଓ, ବିଶ୍ୱେଶ୍ୱର ରାଉତ, ଅଭିରାମ ସାହୁ, ଶତ୍ରୁଘ୍ନ ସାହୁ, ବିଦେଶୀ ବେହେରା, ରାମ ଖୁଣ୍ଟିଆ, ଭଗବାନ ସାହୁ, ଗଣେଶ୍ୱର ସାହୁ, ଅସିତ ଥାଟି ପ୍ରମୁଖ ସହଯୋଗ କରିଥିଲେ।

ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ

ଅନୁଗୋଳ,୨୪।୯ (ସମିସ): ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ-୨୦୨୬ ଅନ୍ତର୍ଗତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। 'ବିକଶିତ ଭାରତ ଏବଂ ୨୫ ବର୍ଷର ସେବା' ବିଷୟବସ୍ତୁକୁ ଆଧାର କରି ଆୟୋଜିତ ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସେବା, ସମର୍ପଣ ଓ ସାମାଜିକ ଦାୟିତ୍ୱର ଭାବନାକୁ ଛାତ୍ରଛାତ୍ରୀଙ୍କ ମନରେ ଜାଗ୍ରତ କରିବା ସହ ବିକଶିତ ଭାରତ ଗଠନରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ସଚେତନ କରାଇବା। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀମାନେ ନିଜ ଚିନ୍ତନ, ସୃଜନଶୀଳତା ଓ ପ୍ରତିଭା ମାଧ୍ୟମରେ ବିକଶିତ ଭାରତର ସ୍ୱପ୍ନକୁ ଚିତ୍ରିତ ଓ ପ୍ରକାଶିତ କରିଥିଲେ। କାଉନସିଲର ଶଙ୍କର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଅସନ୍ତୋଷ

ସାତକୋଶିଆ,୨୪।୯ (ସମିସ):

ଆଠମଲ୍ଲିକ ବ୍ଲକ ପାଇକସାହି ଗ୍ରାମସ୍ଥିତ ପିଏମଶ୍ରୀ ରାଧାମାଧବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୁଣ୍ଡିଚାରାଣୀ ଖୁଣ୍ଟିଆଙ୍କୁ ଅଚାନକ ବଦଳି କରିଦିଆଯାଇଛି। ବୁଧବାର ଶିକ୍ଷାବିଭାଗ ନିର୍ଦ୍ଦେଶକଙ୍କ ଚିଠି ମାଧ୍ୟମରେ ଗୁଣ୍ଡିଚାରାଣୀଙ୍କୁ ଅନୁଗୋଳ ନିକଟ ବଡ଼କେରେଜାଙ୍ଗ ହାଇସ୍କୁଲକୁ ବଦଳି କରାଯାଇଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତାଙ୍କ ବଦଳି ବାତିଲ କରିବା ପାଇଁ ଗୁରୁବାର ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଗୁଣ୍ଡିଚାରାଣୀଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ପଦୋନ୍ନତି ଦିଆଯାଇ ପାଇକସାହି

ହାଇସ୍କୁଲରେ ନିଯୁକ୍ତି ଦିଆଯାଇଥିଲା। ସେ ଗତ ଜୁନ ୧୧ରେ ପାଇକସାହି ହାଇସ୍କୁଲ ଦାୟିତ୍ୱ ନେଇଥିଲେ। ତାଙ୍କ ଯୋଗଦାନ ପରେ ବିଦ୍ୟାଳୟରେ ଅନେକ ବିକାଶ କାର୍ଯ୍ୟ ହୋଇଥିବା ବେଳେ ମାତ୍ର ୩ ମାସ ପରେ ଅଚାନକ ତାଙ୍କ ବଦଳି କରି ଦିଆଯାଇଛି। ଏହି ବିଦ୍ୟାଳୟରେ ଦୀର୍ଘଦିନ ହେବ ପ୍ରଧାନଶିକ୍ଷକ ପଦ ଖାଲି ପଡ଼ିଥିବା ବେଳେ ଗୁଣ୍ଡିଚାରାଣୀଙ୍କ ନିଯୁକ୍ତି ପରେ ଆଶ୍ୱସ୍ତି ପ୍ରକାଶ ପାଇଥିଲା। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୯୩ ଛାତ୍ରଛାତ୍ରୀ ପାଠ ପଢୁଥିବା

ବିଦ୍ୟାଳୟରେ ତାଲା ପକାଇବାକୁ ଚେତାବନୀ

ବେଳେ ୨ ଜଣ ଶିକ୍ଷକ ସହ କିରାଣି ପଦ ମଧ୍ୟ ଦୀର୍ଘବର୍ଷ ହେବ ଖାଲି ପଡ଼ିଛି। ଫଳରେ ପାଠପଢ଼ାରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଅଫିସ କାର୍ଯ୍ୟ ମଧ୍ୟ ଠିକ ଭାବେ ହୋଇପାରୁ ନାହିଁ। ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ କାହା ଚାପରେ ବଦଳି କରାଯାଇଛି ତାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ପ୍ରକାଶ ପାଇଛି। ତୁରନ୍ତ ତାଙ୍କ ବଦଳି ବାତିଲ କରା ନ ଗଲେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଦିଲୀପ କୁମାର ପ୍ରଧାନ, ବିବେକାନନ୍ଦ ପ୍ରଧାନ, ବୀରବର ପ୍ରଧାନ, କ୍ଷିତୀଶ ପ୍ରଧାନ, ତରୁଣ ନାୟକ, ବାପୁନ ପ୍ରଧାନ, ସୌମ୍ୟରଞ୍ଜନ ଗଡ଼ତିଆ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ କୁହନ୍ତି ଗୁଣ୍ଡିଚାରାଣୀଙ୍କ ବଦଳି ନିର୍ଦ୍ଦେଶକ କରିଛନ୍ତି। ଆମ ହାତରେ କୌଣସି କ୍ଷମତା ନାହିଁ। ଆମେ କେବେଳ ତାଙ୍କ ଦରମା ଟଙ୍କା କରୁଛୁ ବୋଲି କହିଛନ୍ତି। ବିଧାୟକ ପ୍ରଧାନ କୁହନ୍ତି, ଗ୍ରାମବାସୀ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରକୁ ମୁଁ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛି। ସରକାରଙ୍କୁ ମଧ୍ୟ ଅବଗତ କରାଇବି ବୋଲି ସେ କହିଛନ୍ତି।

ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ମହୋତ୍ସବ

ଅନୁଗୋଳ,୨୪।୯ (ସମିସ): ସ୍ଥାନୀୟ ସରକାରୀ ବାଳିକା ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ ମୁଖ୍ୟଅତିଥି ରୂପେ ଯୋଗଦେଇ କହିଲେ, ଭାବ ପ୍ରକାଶର ମାଧ୍ୟମ ବିଜ୍ଞାନ ନାଟକ ପ୍ରତିଯୋଗିତା ବିଜ୍ଞାନକୁ ଜନପ୍ରିୟ କରିବା ଏବଂ ଜନ କଲ୍ୟାଣରେ ଲଗାଇବା ପାଇଁ ଉଦ୍ଦିଷ୍ଟ। ପ୍ରତିଦିନ ଦିନଚର୍ଯ୍ୟାରେ ବିଜ୍ଞାନ ଭୂମିକା ଅପରିହାର୍ଯ୍ୟ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ଯୋଗଦେଇ କହିଲେ, ଜଣେ ପ୍ରକୃତ ଅଭିନେତା ବାସ୍ତବତାରୁ ବାହାରି ଏକ କୃତ୍ରିମ ବା ମାନସ ପ୍ରସ୍ତୁତ କାହାଣୀରେ ନିଜ ଚରିତ୍ରରେ ତଲୀନ ହୋଇ ତା'ର ଭାବ ପ୍ରକାଶ କରିଥାଏ।

ପ୍ରତିଯୋଗିତାରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟ, ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖମାର ଓଡ଼ଶ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟ, ଅନୁଗୋଳ ଟାଉନ୍ ଉଚ୍ଚ ବିଦ୍ୟାଳୟ, ହଣ୍ଡପା ମହାନଦୀ ଉଚ୍ଚ ବିଦ୍ୟାଳୟ, ସନ୍ଥପଡ଼ା କନକଦୁର୍ଗା ଉଚ୍ଚବିଦ୍ୟାଳୟ, କିଶୋରନଗର ଉଚ୍ଚ ବିଦ୍ୟାଳୟ ଓ ଗଡ଼ସନ୍ତ୍ରୀ ନେହରୁ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ

ଅଂଶଗ୍ରହଣ କରିଥିଲେ। ବିଚାରକ ରୂପେ ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାରତୀ ପଟ୍ଟନାୟକ ଓ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷୟିତ୍ରୀ ସୁହାସିନୀ ପ୍ରଧାନ ଯୋଗଦେଇଥିଲେ। ଓଡ଼ଶ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଭିନୟରେ ଓଡ଼ଶ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସମୀକ୍ଷା ଶ୍ରାବଣୀ ପ୍ରଧାନ ପ୍ରଥମ, ଅନୁଗୋଳ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଇପ୍ସିତା ମିଶ୍ର ଦ୍ୱିତୀୟ ଓ ହଣ୍ଡପା ମହାନଦୀ ଉଚ୍ଚ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ରୀ ଶୁଭସ୍ମିତା ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡ଼ଶ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟ ଜୋନସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛି। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଆମ୍ବୁଜ କୁମାର ଗଡ଼ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଡିଗ୍ରୀ କଲେଜରେ ଏନଏସଏସ ଦିବସ

କିଶୋରନଗର,୨୪।୯ (ସମିସ): କିଶୋରନଗର ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ରୋଜାଲିନ ପ୍ରଧାନ ଏନଏସଏସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟକ୍ଷ ଦାଶ ଛାତ୍ରଛାତ୍ରୀଙ୍କୁ ମାଇଁ ଭାରତ ପୋର୍ଟାଲରେ ନାମ ପଞ୍ଜୀକରଣ କରିବାକୁ ସୂଚନା ଦେଇଥିଲେ। ଅଧାପିକା ବୀଣାପାଣି ସାହୁ, ତରଣୀସେନ ସାହୁଙ୍କ ସମେତ ଛାତ୍ରଛାତ୍ରୀ, ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନିକାଣ୍ଡ

ବଅଁରପାଳ,୨୪।୯ (ସମିସ): ଅନୁଗୋଳ ଜିଲ୍ଲା ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ସଟ୍ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଏଥିରେ

- ସଟ୍‌ସର୍କିଟରୁ ଜଳିଗଲା ଡିଜିଟାଲ୍ ବ୍ଲଡ୍ ଟେଷ୍ଟିଂ ମେସିନ୍
- ୫୦ ଲକ୍ଷ ଟଙ୍କାର କ୍ଷୟକ୍ଷତି ଆକଳନ

ଡିଜିଟାଲ୍ ବ୍ଲଡ୍ ଟେଷ୍ଟିଂ ମେସିନ୍ ସମେତ ଅନ୍ୟାନ୍ୟ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପ୍ରାୟ ୫୦ ଲକ୍ଷ ଟଙ୍କାର କ୍ଷୟକ୍ଷତି ଆକଳନ କରାଯାଇଛି।

ବୁଧବାର ରାତିରେ ହସ୍ପିଟାଲର ଏକ ରୁମ୍‌ରେ ହଠାତ୍ ନିଆଁ ଲାଗିଥିଲା। ସେଠାରେ ଥିବା ଡିଜିଟାଲ୍ ବ୍ଲଡ୍ ଟେଷ୍ଟିଂ ମେସିନ୍ ଜଳିଯାଇଥିଲା। ଖବର ପାଇ ବଅଁରପାଳ ଅଗ୍ନିଶମ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ

କରିଥିଲେ। ଘଟଣା ରାତିରେ ଘଟିଥିବାରୁ ସମ୍ପୃକ୍ତ ରୁମରେ କୌଣସି କର୍ମଚାରୀ କିମ୍ବା ଅନ୍ୟ ବ୍ୟକ୍ତି ଉପସ୍ଥିତ ନ ଥିଲେ। ଫଳରେ କେହି ମୃତାହତ ହୋଇନାହାନ୍ତି। ଅନ୍ୟପକ୍ଷରେ ଅଗ୍ନିକାଣ୍ଡ ଯୋଗୁଁ ହସ୍ପିଟାଲର ଚିକିତ୍ସା ଓ ପରୀକ୍ଷା ସେବା ଉପରେ କେତେ ପ୍ରଭାବ ପଡ଼ିଛି, ସେ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ବଅଁରପାଳ ବ୍ଲକର ଅଧିକାଂଶ ଗ୍ରାମର ଲୋକେ ଚିକିତ୍ସା ପାଇଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ତେଣୁ ହସ୍ପିଟାଲର ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ନଷ୍ଟ ହେବା ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି।

ମୁଣ୍ଡ ଉପରେ ଝୁଲୁଛି ମୃତ୍ୟୁ ଫାଶ

- ଓହଳି ରହିଛି ବିଦ୍ୟୁତ୍ ତାର, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ଅନୁଗୋଳ,୨୪।୯ (ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ଠେଲକନାଳୀ ଗ୍ରାମରେ ଅନେକ ବିଦ୍ୟୁତ୍ ଖୁଣ୍ଟ ଓ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ତାରଗୁଡ଼ିକ ଓହଳି ରହିଥିବାରୁ ଗ୍ରାମକୁ କୌଣସି ଗାଡ଼ି ମଧ୍ୟ ପ୍ରବେଶ କରିପାରୁ ନାହିଁ। ମୁଣ୍ଡ ଉପରେ ମୃତ୍ୟୁ ଫାଶ ଝୁଲି ରହିଥିବା ବେଳେ ବିପଦକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏ ନେଇ ପୂର୍ବରୁ ବାରମ୍ବାର ବିଦ୍ୟୁତ୍ ବିଭାଗକୁ ଅଭିଯୋଗ କଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି। ଗୁରୁବାର ଗ୍ରାମବାସୀ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ ଜରିଆରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ ଜାତୀୟ ରାଜପଥ ୫୫ କଡ଼ରୁ ଗ୍ରାମକୁ ଯାଇଥିବା ଏଲଟି ଲାଇନ ତାରଗୁଡ଼ିକ ଓହଳି ରହିଛି। ଅନେକ ବିଦ୍ୟୁତ୍ ଖୁଣ୍ଟ ରାସ୍ତା ମଝିରେ ରହିଥିଲେ ମଧ୍ୟ ଏହାକୁ ସ୍ଥାନାନ୍ତର କରାଯାଉ ନାହିଁ। ଫଳରେ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାର ଓହଳିଥିବାରୁ ଗ୍ରାମକୁ କୌଣସି ୪ଚକିଆ ଯାନ ପ୍ରବେଶ କରିପାରୁନାହିଁ। ବିଦ୍ୟୁତ୍ ତାର ଓ ଖୁଣ୍ଟ ସ୍ଥାନାନ୍ତର କରିବା ପାଇଁ ବିଭାଗୀୟ କର୍ମଚାରୀ ଅର୍ଥ ଦାବ କରୁଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ଏସଡିଓ ଶୁଭକାନ୍ତ ପ୍ରଧାନ କୁହନ୍ତି, ଓହଳି ରହିଥିବା ବିଦ୍ୟୁତ୍ ତାରଗୁଡ଼ିକ ମରାମତି କରାଯିବ।

୨୨ଗ୍ରାମ ଧଳାଜହର ଜବତ, ଜଣେ ଗିରଫ

ତାଳଚେର,୨୪।୯ (ସମିସ): ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଟେଣ୍ଟୁଲେଇ ଗ୍ରାମରେ ଚଢ଼ଉ କରାଯାଇ୨୨ ଗ୍ରାମ ଧଳା ଜହର ଜବତ କରାଯିବା ସହ ଏହି କାରବାରରେ ସମ୍ପୃକ୍ତ ଅନୁଗୋଳ ଥାନା ଅନ୍ତର୍ଗତ ଘୁଞ୍ଚପାଳ ଗ୍ରାମର ରାକେଶ କୁମାର ନାଏକ ୨୪କୁ ଗିରଫ କରାଯାଇଛି. ଅନୁଗୁଳ ଅବକାରୀ ସୁପରିଟେଣ୍ଡେଣ୍ଟ ମଧୁସ୍ମିତା ନାୟକଙ୍କ ନିର୍ଦ୍ଦେଶନାରେ କ୍ରମେ ତାଳଚେର ରେଞ୍ଜ ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁ ଟେଣ୍ଟୁଲେଇ ଛକ ଉପରେ ଚଢ଼ଉ କରି ରାକେଶ ପାଖରୁ୨୨ ଗ୍ରାମ ଧଳା ଜହର ସହ ନଗଦ ୪୫୦୦ଟଙ୍କା ଜବତ କରିଛନ୍ତି. ଜବତ ଧଳା ଜହରର ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି .ଆଜି ଅଭିଯୁକ୍ତକୁ ଅଦାଲତ ଚାଲାଣ କରାଯାଇଛି.

ଗଭୀର ଅବପାତର ପ୍ରଭାବ: ଉଡ଼ିଗଲା ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ପତିତପାବନ ବାନା (ଫଟୋ: ଚିକୁ, ଅନୁଗୋଳ)

ବର୍ଷା ଯୋଗୁଁ ଦିନେ ଘୁଞ୍ଚିଲା ଆଞ୍ଚଳିକ ସମାବେଶ

ଅନୁଗୋଳ,୨୪।୯ (ସମିସ):

ଗୁରୁବାର ମଧ୍ୟାହ୍ନରେ ପିସିସି ସଭାପତି ଭକ୍ତଚରଣ ଦାସ ସମ୍ବଲପୁରରୁ ଭୁବନେଶ୍ୱର ଫେରିବା ବେଳେ ଅନୁଗୋଳ କଂଗ୍ରେସ ଭବନରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏମଏମଡିଆର ସଂଶୋଧନ ଅଧିନିୟମ ୨୦୨୬ ପ୍ରତିବାଦରେ ଆଗାମୀ ୨୬ ତାରିଖ ହେବାକୁ ଥିବା ଆଞ୍ଚଳିକ ସମାବେଶକୁ ବର୍ଷା ଯୋଗୁଁ ଦିନକ ପାଇଁ ଘୁଞ୍ଚାଇ ଦିଆଯାଇଛି। ଏହି ସମାବେଶ ୨୭ ତାରିଖ ଅନୁଷ୍ଠିତ ହେବ ବୋଲି ପିସିସି ସଭାପତି ଦାସ ଘୋଷଣା କରିଥିଲେ।

ଏମଏମଡିଆର ସଂଶୋଧନ ଅଧିନିୟମ ୨୦୨୬ ଜରିଆରେ ଓଡ଼ିଶାର ଖଣି ଓ ଖଣିଜ ପଦାର୍ଥରୁ ଆମ ରାଜ୍ୟର ସମସ୍ତ ଅଧିକାରକୁ ଛଡ଼ାଇନେଇ ଆମକୁ ଦୁର୍ବଳ କରି ରଖିବାକୁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଡବଲ ଇଞ୍ଜିନ ସରକାରର କୁମ୍ଭୀରକାନ୍ଦଣା ପଦାରେ ପଡ଼ିଯାଇଛି।

ଓଡ଼ିଶା କେବେ ବି ତା'ର ହକ୍‌କୁ ଛାଡ଼ିବ ନାହିଁ। ଆବଶ୍ୟକ ହେଲେ ଓଡ଼ିଶା ବନ୍ଦ ଓ ଅର୍ଥନୈତିକ ଅବରୋଧ ଭଳି କଠୋର ପଦକ୍ଷେପ ଗ୍ରହଣ କରିବାକୁ କଂଗ୍ରେସ ପଛାଇବ ନାହିଁ। ଏ ନେଇ ସେପ୍ଟେମ୍ବର ୨୭ ତାରିଖ ଅନୁଗୋଳ ବିଜୁ ମଇଦାନରେ ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ଦେବଗଡ଼ ଜିଲ୍ଲାର ସମସ୍ତ କଂଗ୍ରେସ କର୍ମୀଙ୍କୁ ନେଇ ଏମଏମଡିଆର ସଂଶୋଧନ ଅଧିନିୟମ ବିରୋଧରେ ବିଶାଳ ସମାବେଶ ଆୟୋଜନ କରାଯାଉଛି। ସମାବେଶରେ ଓଡ଼ିଶା ପ୍ରଭାରୀ ଲାଲାଜୀ ଦେଶାଇଙ୍କ ସମେତ ବହୁ କେନ୍ଦ୍ରୀୟ ନେତା, ପିସିସି ସଭାପତି, ପୂର୍ବତନ ସଭାପତି ତଥା ବହୁ ରାଜ୍ୟସ୍ତରୀୟ ନେତା ଉପସ୍ଥିତ ରହି ଉଦବୋଧନ ଦେବେ। ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ କଂଗ୍ରେସର ସ୍ୱର ସହ ସମସ୍ତ ଇଣ୍ଡିଆ ମେଣ୍ଟର ପଦାଧିକାରୀମାନେ ଉଦବୋଧନ ଦେବା ସହ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଭୟଙ୍କର ରୂପ ନେବାରେ ସହଯୋଗ କରିବେ। କେନ୍ଦ୍ର ସରକାର ଏହି କଳା ଆଇନକୁ ନ ହଟାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ପ୍ରକାଶ କରିଥିଲେ।

ବୈଠକରେ କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ଶଗରିଆ ଯୋଗଦେଇ ଆନ୍ଦୋଳନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ସମାବେଶକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏମଏମଡିଆର ସଂଶୋଧନ ଅଧିନିୟମ ବିରୋଧରେ ଜନସାଧାରଣଙ୍କ ସମର୍ଥନ ରହିଛି। ଏଥିରେ ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗଦେବେ ବୋଲି ସେ ଦୃଢ଼ତାର ସହ ପ୍ରକାଶ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ଦାସ, ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ, ପିସିସି ଉପସଭାନେତ୍ରୀ ସସ୍ମିତା ବେହେରା, ସାଧାରଣ ସମ୍ପାଦକ ଲଲାଟେନ୍ଦୁ ଦାସ, ଦେବାଶିଷ ମହାପାତ୍ର, ବିଜୟାନନ୍ଦ ଚାଉଳିଆ, ରୂପାଦୀପ୍ତା ମହାପାତ୍ର, ପିସିସି ପଛୁଆ ବର୍ଗ ସେଲ ଅଧ୍ୟକ୍ଷ ସରୋଜ ପ୍ରଧାନ, ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ଅଧ୍ୟକ୍ଷା ଏଲ ମାଣିକପ୍ରଭା, ପିସିସି ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବିକା ପ୍ରସାଦ ଭଞ୍ଜ, ଆଦିବାସୀ ସେଲ ସାଧାରଣ ସମ୍ପାଦକ ତପନ ପ୍ରଧାନ, କୃଷକ ସେଲ ଉପସଭାପତି ଉମେଶ ଚନ୍ଦ୍ର ସାହୁ, ଦାଶରଥି ସାହୁ, ଏସସି ସେଲ ସାଧାରଣ ସମ୍ପାଦକ ଟିକନ ବେହେରା, ନୀଳକଣ୍ଠ ନାଏକ, ସମ୍ପାଦିକା ଶ୍ରେୟାଶ୍ରୀ ପଣ୍ଡା, ଜିତେନ୍ଦ୍ର ସାହୁ, ସୁଦୀପ ମିଶ୍ର, ସୁବ୍ରତ ଗଡ଼ନାୟକ, ସୁରେଶ ବେହେରା, ନରୋତ୍ତମ ନାଏକ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧୀର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁଙ୍କ ସମେତ ଜିଲ୍ଲା କଂଗ୍ରେସର ସମସ୍ତ ପଦାଧିକାରୀ, ସମସ୍ତ ବ୍ଲକ୍ ସଭାପତି ଉପସ୍ଥିତ ଥିଲେ।

ପରମାନନ୍ଦଙ୍କ ତୃତୀୟ ଆଇନ ପୁସ୍ତକ ଆମାଜନରେ ପ୍ରକାଶିତ

ଅନୁଗୋଳ,୨୪।୯ (ସମିସ): ଆଇନ କ୍ଷେତ୍ରରେ ଦୀର୍ଘ ୪୬ ବର୍ଷର ବୃତ୍ତିଗତ ଅନୁଭବ ଥିବା ଅନୁଗୋଳର ବରିଷ୍ଠ ଆଇନଜୀବୀ ଡ. ପରମାନନ୍ଦ ମିଶ୍ରଙ୍କ ତୃତୀୟ ଆଇନ ପୁସ୍ତକ 'ଆଡ୍‌ଭର୍ସ ପଜେସନ ଟୁ ଟାଇଟଲ୍ସ' ଗୁରୁବାର ଆମାଜନ୍‌ରେ ପ୍ରକାଶିତ ହୋଇଛି। ଜମିଜମା ସମ୍ବନ୍ଧୀୟ ବିବାଦ, ଦୀର୍ଘକାଳୀନ ଦଖଲ, ଆଡଭର୍ସ ପଜେସନ ଏବଂ ଦଖଲରୁ ଆଇନଗତ ଅଧିକାର ପ୍ରତିଷ୍ଠା ପର୍ଯ୍ୟନ୍ତ ଜଟିଳ ଆଇନଗତ ପ୍ରକ୍ରିୟାକୁ ସରଳ, ବ୍ୟବହାରିକ ଏବଂ ଆଇନଜୀବୀମାନଙ୍କ ପାଇଁ ଉପଯୋଗୀ ଭାବେ ବୁଝାଇବା ଏହି ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟ। ପୁସ୍ତକରେ ଲିମିଟେସନ ଆଇନ-୧୯୬୩, ବିଶେଷତଃ ଆର୍ଟିକଲ-୬୪ ଓ ଆର୍ଟିକଲ-୬୫, ସହ କୋଡ୍ ଅଫ୍ ସିଭିଲ୍ ପ୍ରୋସିଡ୍ୟୁଓର ଏବଂ ସ୍ପେସିଫିକ୍ ରିଲିଫ୍ ଆକ୍ଟର ପ୍ରାସଙ୍ଗିକ ବ୍ୟବସ୍ଥାଗୁଡ଼ିକୁ ଆଡଭର୍ସ ପଜେସନ ସମ୍ବନ୍ଧୀୟ ମାମଲାର ପ୍ରାୟୋଗିକ ପରିପ୍ରେକ୍ଷୀରେ ଆଲୋଚନା କରାଯାଇଛି।

ବିଶେଷକରି ନୂତନ ଆଇନଜୀବୀ ଓ ଯୁବ ଆଇନଜୀବୀଙ୍କ ପାଇଁ ଆଡଭର୍ସ ପଜେସନ ମାମଲାକୁ ବୁଝିବା, କେଉଁ ତଥ୍ୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ, କେଉଁ ପ୍ରଶ୍ନରେ ପ୍ରମାଣ ଆବଶ୍ୟକ ଏବଂ ଅଦାଲତରେ ମାମଲାକୁ କିପରି ଉପସ୍ଥାପନ କରିବା, ସେସବୁ ଦିଗକୁ ପୁସ୍ତକରେ ବ୍ୟବହାରିକ ଭାବେ ସ୍ଥାନ ଦିଆଯାଇଛି। ପୁସ୍ତକର ମୁଖ୍ୟ ଆଭିମୁଖ୍ୟ ହେଉଛି କେବଳ ଦୀର୍ଘ ସମୟ ଧରି କୌଣସି ସମ୍ପତ୍ତିରେ ଦଖଲ ରହିବା ଏବଂ ଆଇନ ଦୃଷ୍ଟିରେ ଆଡଭର୍ସ ପଜେସନ ପ୍ରମାଣ କରିବା ଏକ କଥା ନୁହେଁ। ଦଖଲର ପ୍ରକୃତି, ତାହାର ଆରମ୍ଭ, ଅବିଚ୍ଛିନ୍ନତା, ପ୍ରକାଶ୍ୟତା, ବିରୋଧାତ୍ମକ ଚରିତ୍ର, ମାଲିକଙ୍କ ଅଧିକାର ପ୍ରତି କିପରି ଏବଂ କେବେ ଦଖଲ ପ୍ରତିକୂଳ ହେଲା ଏବଂ ଲିମିଟେସନ ପିରିୟଡ ମଧ୍ୟରେ ଆବଶ୍ୟକ ଆଇନଗତ ଉପାଦାନ ପ୍ରମାଣିତ ହେଲା କି ନାହିଁ, ଏସବୁ ପ୍ରଶ୍ନ ମାମଲାର ଫଳାଫଳ ପାଇଁ ଗୁରୁତ୍ୱ ବହନ କରେ। ଲେଖକ ଡ. ମିଶ୍ର ଦୀର୍ଘ ଆଇନ ପେସା ଜୀବନରେ ଅଦାଲତୀୟ ପ୍ରକ୍ରିୟା ଓ ଆଇନର ବ୍ୟବହାରିକ ଦିଗ ସହ ଜଡ଼ିତ ରହିଛନ୍ତି। ଯୁବ ଆଇନଜୀବୀମାନଙ୍କୁ ଆଇନର ଧାରା ମୁଖସ୍ଥ କରିବା ସହ ତାହାକୁ ଅଦାଲତରେ କିପରି ପ୍ରୟୋଗ କରାଯାଏ, ସେ ବିଷୟରେ ଦିଗଦର୍ଶନ ଦେବା ତାଙ୍କ ଲେଖନର ପ୍ରମୁଖ ଉଦ୍ଦେଶ୍ୟ। ଏହି ପୁସ୍ତକ ତାଙ୍କ ଏହି ଧାରାର ତୃତୀୟ ପ୍ରକାଶନ। ପୂର୍ବରୁ ସେ ଆଇନ ଓ ଆଇନଜୀବୀମାନଙ୍କ ବ୍ୟବହାରିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନ୍ୟ ପୁସ୍ତକ ମଧ୍ୟ ରଚନା କରିଛନ୍ତି।

ଛାତରୁ ପଡ଼ି ଯୁବକଙ୍କ ମୃତ୍ୟୁ

ତାଳଚେର,୨୪।୯ (ସମିସ): ଛାତରୁ ପଡ଼ି ତାଳଚେର ବ୍ଲକ ପଦ୍ମାବତୀପୁର ଗ୍ରାମର ସୁଧୀର ବାରିକଙ୍କ ମୃତ୍ୟୁ ହୋଇଛି। ସୁଧୀର ଡେରାଠାରେ ଏକ ଭଡ଼ାଘରେ ରହୁଥିଲେ। ଗୁରୁବାର ସକାଳେ ସେ କୌଣସି କାରଣରୁ ଛାତରୁ ତଳକୁ ଖସିପଡ଼ିଥିଲେ। ଅନ୍ୟପଟେ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

ରାଜ୍ୟ ଟାଏକ୍ୱାଣ୍ଡୋରେ ବ୍ରୋଞ୍ଜ ଜିତିଲେ ଅମିତ

ଡେରାବିଶ, ୨୪।୯ (ସମିସ): ଡେରାବିଶ ଶିକ୍ଷା ସର୍କଲ ଅଧୀନ ରତାଦିଆ ଖଣ୍ଡସାହି ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ଅମିତ ସାହୁ ରାଜ୍ୟସ୍ତରୀୟ ଟାଏକ୍ୱାଣ୍ଡୋ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କେନ୍ଦୁଝରଠାରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଟାଏକ୍ୱାଣ୍ଡୋ ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ତଥା ୭୩ କେଜିରୁ କମ୍ ବିଭାଗରେ ଅମିତ ଭାଗ ନେଇ ବ୍ରୋଞ୍ଜ ପଦକ ଜିତିଛନ୍ତି। ଅମିତଙ୍କ ଏହି ସଫଳତା ପାଇଁ ତାଙ୍କୁ ରତାଦିଆ ଖଣ୍ଡସାହି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସିଆରସିସି ଓ ବ୍ଲକ ଶିକ୍ଷା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଅଭିନନ୍ଦନ ଜଣାଇଛନ୍ତି।

୩ଟି ମନ୍ଦିରରୁ ଚୋରି

ରାଜକନିକା,୨୪।୯ (ସମିସ): ଚୋରଙ୍କ ଟାର୍ଗେଟରେ ଏବେ ମନ୍ଦିର। ମନ୍ଦିର ହୁଣ୍ଡି ବାକ୍ସ, ରୁପା ମୁକୁଟ, ପିତ୍ତଳ ବାସନକୁସନ, ଘଣ୍ଟ, ଘାଗୁଡ଼ି, ମାଇକ ମେସିନ, ଇଲେକଟ୍ରିକ ବାଦ୍ୟଯନ୍ତ୍ର ଉପରେ ସେମାନଙ୍କର ନଜର ରହିଛି। ଗତକାଲି ରାତିରେ ରାଜକନିକା ଥାନା ପୋରଳ ଗାଁର ହନୁମାନ ମନ୍ଦିର, ବାଘୁଆଶୁଣିର ଶିବମନ୍ଦିର, ତରାସ ସ୍କୁଲ ପାଖ ଶିବ ମନ୍ଦିର ସହ ଅନ୍ୟଏକ ଦୋକାନରୁ ଚୋରି ହୋଇଛି। ପୋରଳ ହନୁମାନ ମନ୍ଦିରରୁ ରୁପା ମୁକୁଟ, ମାଇକ ମେସିନ, ବାଘୁଆସୁଣୀ ଶିବମନ୍ଦିରର ଦାନ ହୁଣ୍ଡିରେ ଥିବା ୧୫ରୁ ୨୦ ହଜାରରୁ ଅଧିକ ଟଙ୍କା, ମାଇକ ମେସିନ, ତରାସ ଶିବମନ୍ଦିରର ପିତ୍ତଳ ଘଣ୍ଟି ଚୋରି ହୋଇଛଇ। ପୁଲିସ ଏ ନେଇ ଖୋଳତାଡ଼ କରୁଥିବାବେଳେ ଆଜି ତରାସ ଗାଁ ପାଖ ବଣରୁ ଗୋଟିଏ ହୁଣ୍ଡି ଉଦ୍ଧାର ହୋଇଛି। ଆସନ୍ତାକାଲି ସାଇଣ୍ଟିଫିକ ଟିମ ଦ୍ୱାରା ଚୋରିର ଅନୁସନ୍ଧାନ କରାଯିବ ବୋଲି ଜଣାପଡ଼ିଛି।

କୃଷ୍ଣଚନ୍ଦ୍ର ନୋଡାଲ ବିଦ୍ୟାଳୟରେ ହିନ୍ଦୀ ଦିବସ

ଡେରାବିଶ, ୨୪।୯ (ସମିସ): ନହଙ୍ଗ ପଂଚାୟତ ଅନ୍ତର୍ଗତ ସନ୍ଥପୁରାସ୍ଥ କୃଷ୍ଣଚନ୍ଦ୍ର ନୋଡାଲ ଉଚ୍ଚବିଦ୍ୟାଳୟରେ ହିନ୍ଦି ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ଗଯାଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ହିନ୍ଦି ଶିକ୍ଷୟିତ୍ରୀ ମନୀଷା ରଥ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁ ଯୋଗଦେଇ ହିନ୍ଦୀ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କହିଥିଲେ। ପୂର୍ବରୁ ସପ୍ତାହେ ବ୍ୟାପୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ତହସିଲ ପରିସରରେ ଚାରାରୋପଣ

ଗରଦପୁର, ୨୪।୯ (ସମିସ): ଗରଦପୁର ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗରଦପୁର ତହସିଲ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆବାହକ ପ୍ରକୃତି ବନ୍ଧୁ ଦ୍ୱାରିକାନାଥ ସେନାପତିଙ୍କ ଆହ୍ୱାନକ୍ରମେ ଅତିରିକ୍ତ ତହସିଲଦାର ମୋହିତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରକୃତିପ୍ରେମୀ ମାଧବାନନ୍ଦ ନାୟକ, ସୁରେନ୍ଦ୍ର ଜେନା, ନବାବ ପଣ୍ଡା, ପବିତ୍ର ସେନାପତି, ପ୍ରଶାନ୍ତ ମହାନ୍ତି, ତପନ ମହାନ୍ତି, ଅଶୋକ ସାହୁ, ଶିଶିର କୁମାର, ମୁରଲୀଧର ପୃଷ୍ଟି, ଶରତ ସନାପତି, ଦେବ କୁମାର ପାଣି, ଶିକ୍ଷକ ନେତା ପୂର୍ଣଚନ୍ଦ୍ର ପଣ୍ଡା, ଆଇନଜୀବୀ ଅତନୁ ସେଠୀ ପ୍ରମୁଖ ଉପସ୍ଥିତ ରହି ଆମ୍ବ, କରଞ୍ଜ, କେନ୍ଦୁ, ତୁଳସୀ ଓ କୃଷ୍ଣଚୂଡ଼ା ଆଦି ବୃକ୍ଷ ଚାରା ରୋପଣ କରିଥିଲେ।

ମଣ୍ଡଳସ୍ତରୀୟ ସେବା ସଂକଳ୍ପ ଅଭିଯାନ

ମହାକାଳପଡ଼ା,୨୪।୯ (ସମିସ): ମହାକାଳପଡ଼ାରେ ମଣ୍ଡଳସ୍ତରୀୟ ସେବା ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କେୟାରବାଙ୍କସ୍ଥ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ୩ଟି ବର୍ଗରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଦଳାଇ ଯୋଗ ଦେଇଥିଲେ। ମଣ୍ଡଳ ଶିକ୍ଷା ସାଧନ ସଂଯୋଜକ (ବିଆରସିସି) ଅକ୍ଷୟ ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଅଞ୍ଜଳି ବେହେରା, ଜଗମୋହନ ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଧାରୀ ରାଉତ, ପ୍ରଧାନଶିକ୍ଷକ ମନୋଜ ନନ୍ଦ ଓ ନୋଡାଲ ପ୍ରଧାନଶିକ୍ଷକ କ୍ଷିତୀଶ ପରିଡ଼ାଙ୍କ ସମେତ ବିଭିନ୍ନ ସାଧନ କେନ୍ଦ୍ର ସଂଯୋଜକ, ସିଆରସିସି, ଗାଇଡ୍ ଶିକ୍ଷକଶିକ୍ଷୟିତ୍ରୀ ଓ ବିଚାରକ ମଣ୍ଡଳୀ ଉପସ୍ଥିତ ଥିଲେ। ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୬ ଜଣଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା।

ବଡ଼ମୂଳବସନ୍ତ ହାଇସ୍କୁଲ ଛାତ୍ର ନିଖୋଜ

ପଟ୍ଟାମୁଣ୍ଡାଇ,୨୪।୯ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ତଥା ଆଦର୍ଶ ଥାନା ଅନ୍ତର୍ଗତ ବଡମୂଳବସନ୍ତ ପଞ୍ଚାୟତର ନିତାଇ ଚୈତନ୍ୟ ହାଇସ୍କୁଲର ଜଣେ ଛାତ୍ର ନିଖୋଜ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏହି ଛାତ୍ରଜଣକ କେଉଁ ଆଡେ ଚାଲିଯାଇଛି କିମ୍ବା ତାକୁ କେହି ଅପହରଣ କରିଛି। ତାହାର କୌଣସି ସଠିକ ସୂଚନା ମିଳିନାହିଁ। ଏ ନେଇ ନିଖୋଜ ଛାତ୍ରଙ୍କ ପରିବାର ପକ୍ଷରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରାଯାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଏହି ନିଖୋଜ ଅଭିଯୋଗର ତଦନ୍ତ ଆରମ୍ଭ କରିଛି। ସାନମୂଳବସନ୍ତ ଗ୍ରାମର ଅଶୋକ ଜେନାଙ୍କ ପୁଅ ଶଙ୍କର ଜେନା (୧୪) ଗତକାଲି ସ୍କୁଲ ବ୍ୟାଗ ନେଇ ସ୍କୁଲକୁ ଯାଇଥିଲା। ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ବ୍ୟତିବ୍ୟସ୍ତ ହୋଇପଡିଥିଲେ। ପରିବାର ଲୋକ ଖୋଳତାଡ କରିବାରୁ ଶଙ୍କର ସ୍କୁଲ ଓ ଟିଉସନକୁ ଯାଇ ନ ଥିବା ଜଣାପଡିଥିଲା। ସାହିପଡିଶା ଓ ବନ୍ଧୁ ବାନ୍ଧବଙ୍କ ଘରେ ଖୋଜାଖୋଜି କରିଥିଲେ ମଧ୍ୟ ଶଙ୍କରଙ୍କର କୌଣସି ପତ୍ତା ମିଳିନଥିଲା। ସବୁଠି ନିରାଶ ହେବାପରେ ନିଖୋଜ ଶଙ୍କରଙ୍କ ମାଆ ଅହଲ୍ୟା ଜେନା ପଟ୍ଟାମୁଣ୍ଡାଇ ଅଦର୍ଶ ଥାନାରେ ଅଭିଯୋଗ କରିଛନ୍ତି।

ସାନ୍ତାଳୀ ଗାଁରେ ଜଳବନ୍ଦୀ ୨୫ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ମହାକାଳପଡ଼ା, ୨୪।୯ (ସମିସ): ଲଘୁଚାପ ପ୍ରଭାବରେ ସାମୁଦ୍ରିକ ଜୁଆର ମାଡ଼ି ଆସିବାରୁ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ନାଞ୍ଜୁରା ପଞ୍ଚାୟତର ସାନ୍ତାଳୀ ଗ୍ରାମର ୨୫ଟି ପରିବାରଙ୍କ ଘରେ ପାଣି ପଶିଯାଇଥିଲା। ଫଳରେ ଏହି ପରିବାର ଜଳବନ୍ଦୀ ହୋଇଛନ୍ତି। ପ୍ରଭାବିତ ପରିବାରଙ୍କ ନିକଟରେ ସହାୟତା ପହଞ୍ଚାଇବାକୁ ମହାକାଳପଡ଼ା ବ୍ଲକର ଭାରପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ପଞ୍ଚାୟତ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ପ୍ରଭାବିତ ପରିବାରକୁ ଚୁଡ଼ା, ଗୁଡ଼, ବିସ୍କୁଟ, କ୍ୟାଣ୍ଡେଲ ଓ ଦିଆସିଲି ଆଦି ରିଲିଫ୍ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନାଞ୍ଜୁରା ସରପଞ୍ଚ ସଫଳା ମଲ୍ଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଚନ୍ଦନ ଦାସ ଓ ଗଗୁଆ ରାଜସ୍ୱ ନିରୀକ୍ଷକ ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଆମ୍ବୁଲାନ୍ସ ଅପେକ୍ଷାରେ ଚାଲିଗଲା ଆସନ୍ନ ପ୍ରସବାଙ୍କ ଜୀବନ

କେନ୍ଦ୍ରାପଡ଼ା,୨୪।୯ (ସମିସ)

ଜରୁରୀ ସମୟରେ ଜୀବନ ବଞ୍ଚାଇବା ପାଇଁ ରହିଛି ୧୦୮ ଆମ୍ବୁଲାନ୍ସ ସେବା। ହେଲେ ଜଣେ ଗର୍ଭବତୀ ମହିଳାଙ୍କ ପାଇଁ ଏହି ସେବା ଯେତେବେଳେ ଅତ୍ୟନ୍ତ ଜରୁରୀ ଥିଲା, ସେତେବେଳେ ଆମ୍ବୁଲାନ୍ସ ପହଞ୍ଚିବାରେ ହୋଇଥିବା ବିଳମ୍ବ ଏବେ ସ୍ୱାସ୍ଥ୍ୟସେବାର ପରିଚାଳନା ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଛି। ପ୍ରସବ ବେଦନାରେ ଛଟପଟ ହେଉଥିବା ଜଣେ ଆସନ୍ନ ପ୍ରସବାଙ୍କ ମୃତ୍ୟୁ ଘଟଣା କେବଳ ଗୋଟିଏ ପରିବାରକୁ ଅସହାୟ କରିନାହିଁ, ବରଂ ଜିଲ୍ଲାର ଜରୁରିକାଳୀନ ମାତୃତ୍ୱ ସେବାର ବାସ୍ତବ ସ୍ଥିତିକୁ ନେଇ ଅନେକ ପ୍ରଶ୍ନ ଉଠାଇଛି। ଏହି ଦୁଃଖଦ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ପୂର୍ବ ନିକିରାଇ ଗ୍ରାମରେ ଘଟିଛି।

ନିକିରାଇ ଗ୍ରାମର ସନ୍ତୋଷ ଜେନାଙ୍କ ପତ୍ନୀ ସବିତା ଗୁରୁବାର ପ୍ରସବ ବେଦନା ଅନୁଭବ କରିଥିଲେ। ପତ୍ନୀଙ୍କ ଯନ୍ତ୍ରଣା ବଢ଼ିବାରୁ ସନ୍ତୋଷ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଜଣେ ଗର୍ଭବତୀଙ୍କ ଜୀବନ ରକ୍ଷା ପାଇଁ ତୁରନ୍ତ ଚିକିତ୍ସାଳୟରେ ପହଞ୍ଚାଇବା ଥିଲା ଏକମାତ୍ର ଆବଶ୍ୟକତା। କିନ୍ତୁ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଆମ୍ବୁଲାନ୍ସ ଘର ନିକଟରେ ପହଞ୍ଚିବା ବେଳକୁ ସବିତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ଘରଠାରୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦୂରତା ପ୍ରାୟ ୧୫ କିଲୋମିଟର। ଆମ୍ବୁଲାନ୍ସରେ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବାବେଳେ ସବିତାଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି। ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଓ ଗର୍ଭସ୍ଥ ଶିଶୁର ସ୍ଥିତି ସମ୍ପର୍କରେ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

କେନ୍ଦ୍ରାପଡ଼ା ଜିଲ୍ଲାକୁ ୪୦ଟି ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିବା ସତ୍ତ୍ୱେ ଜଣେ ଗୁରୁତର ଗର୍ଭବତୀଙ୍କ ନିକଟରେ ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଜିଲ୍ଲାରେ

ଏତେ ସଂଖ୍ୟକ ଆମ୍ବୁଲାନ୍ସ ଥିବା ସତ୍ତ୍ୱେ ଜରୁରିକାଳୀନ ସେବାରେ ଏଭଳି ତ୍ରୁଟି କାହିଁକି ଘଟିଲା, ତାହା ଏବେ ମୁଖ୍ୟ ପ୍ରଶ୍ନ ଭାବେ ଉଭା ହୋଇଛି। ଆମ୍ବୁଲାନ୍ସ ଫୋନ୍ କଲ୍ ଗ୍ରହଣ କରିବାଠାରୁ ଆରମ୍ଭ କରି ଗାଡ଼ି ପଠାଇବା, ରୋଗୀଙ୍କ ନିକଟରେ ପହଞ୍ଚିବା ଓ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ପର୍ଯ୍ୟନ୍ତ ସମଗ୍ର ବ୍ୟବସ୍ଥାରେ କେଉଁଠି ତ୍ରୁଟି ରହିଲା, ତାହାର ତଦନ୍ତ ଆବଶ୍ୟକ। ଆମ୍ବୁଲାନ୍ସର ଅବସ୍ଥିତି, ଫୋନ୍ କଲ୍ର ସମୟ, ଗାଡ଼ି ପଠାଇବାରେ ଲାଗିଥିବା ସମୟ ଓ ରୋଗୀଙ୍କ ନିକଟରେ ପହଞ୍ଚିବାର ସମୟ ଯାଞ୍ଚ କରାଗଲେ ହିଁ ବିଳମ୍ବର ପ୍ରକୃତ କାରଣ ସାମ୍ନାକୁ ଆସିପାରିବ।

ଏହି ଘଟଣାର ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ସବିତାଙ୍କ ଗ୍ରାମ ନିକଟରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେଠାରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ନ ଥିବାରୁ ଜରୁରୀ ପ୍ରସବ ସେବା ମିଳିବାରେ ସମସ୍ୟା

- ୧୦୮ ସେବା ବିଳମ୍ବକୁ ନେଇ ଉଠିଲା ସାଂଘାତିକ ପ୍ରଶ୍ନ
- ସ୍ୱାସ୍ଥ୍ୟ ସଚିବଙ୍କ ତଦନ୍ତ ନିର୍ଦ୍ଦେଶ
- ଜିଲ୍ଲାରେ ୪୦ ଆମ୍ବୁଲାନ୍ସ, ତଥାପି ଜରୁରିକାଳୀନ ସେବାରେ ବିଳମ୍ବ
- ବିଶେଷଜ୍ଞ ଡାକ୍ତର ଅଭାବରୁ ଇନ୍ଦୁପୁରରେ ମିଳିଲାନି ପ୍ରସବ ସେବା

ରହିଥିବା ଜଣାପଡ଼ିଛି। ଯଦି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ବିଶେଷଜ୍ଞ, ପ୍ରସବ ସୁବିଧା ଓ ଜରୁରୀ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ ଥାଆନ୍ତା, ତେବେ ରୋଗୀଙ୍କୁ ଦୂରବର୍ତ୍ତୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବାର ଆବଶ୍ୟକତା କମିପାରିଥା'ନ୍ତା। ଏହି ଘଟଣା ଗ୍ରାମାଞ୍ଚଳରେ ମାତୃତ୍ୱ ସେବାର ଉପଲବ୍ଧତା ଓ ବିଶେଷଜ୍ଞ ଡାକ୍ତର ନିଯୁକ୍ତିକୁ ନେଇ ପୁଣିଥରେ ଆଲୋଚନାର ବିଷୟ ହୋଇଛି। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ନିଯୁକ୍ତି, ପ୍ରସବ ପାଇଁ ଆବଶ୍ୟକ ଚିକିତ୍ସା ଉପକରଣ ଓ ଜରୁରୀ ସ୍ଥାନାନ୍ତର ବ୍ୟବସ୍ଥା ସୁଦୃଢ଼ କରିବାକୁ ଦାବି ଉଠିଛି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନମିତା ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି ଯେ, ଆମ୍ବୁଲାନ୍ସ ସେବା ସ୍ୱାସ୍ଥ୍ୟ ବିଭାଗର ସିଧାସଳଖ ଅଧୀନରେ ନାହିଁ। ଏକ ସ୍ୱତନ୍ତ୍ର ସଂସ୍ଥା ଏହାର ପରିଚାଳନା କରୁଛି। ଆମ୍ବୁଲାନ୍ସ କାହିଁକି ବିଳମ୍ବରେ ପହଞ୍ଚିଲା, ସେ ସମ୍ପର୍କରେ ସେ ଅବଗତ ନ ଥିବା କହିଛନ୍ତି। ତେବେ ମହିଳାଙ୍କ ମୃତ୍ୟୁ ତାଙ୍କ ଘରେ ହୋଇଥିବା ସେ ଅନୁମାନ କରୁଥିବା ପ୍ରକାଶ କରିଛନ୍ତି। ଜିଲ୍ଲାରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କ ଅଭାବ ରହିଛି ଓ ଏ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଏହି ଘଟଣାକୁ ନେଇ ମୃତ ମହିଳାଙ୍କ ସ୍ୱାମୀ ସନ୍ତୋଷ ଜେନା ଆମ୍ବୁଲାନ୍ସ ପରିଚାଳନାରେ ତ୍ରୁଟି ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଡାକ୍ତରଖାନା ଅଧୀକ୍ଷକ ଡା. କିଶୋର ମିଶ୍ର କହିଛନ୍ତି ଯେ, ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତରେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ, ଚିକିତ୍ସା ସେବାର ଉପଲବ୍ଧତା ଓ ମହିଳାଙ୍କ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି। ଜଣେ ମା'ଙ୍କ ଜୀବନ ହରାଇବା ଘଟଣାରେ କେବଳ ତଦନ୍ତ ନିର୍ଦ୍ଦେଶ ଯଥେଷ୍ଟ ନୁହେଁ। ଜରୁରିକାଳୀନ ସେବାରେ ଦାୟିତ୍ୱହୀନତା ଥିଲେ ଦାୟୀ ସଂସ୍ଥା ଓ କର୍ମଚାରୀଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ଜରୁରୀ। କାରଣ ଆମ୍ବୁଲାନ୍ସର ପ୍ରତିଟି ମିନିଟ୍ର ବିଳମ୍ବ ଜଣେ ଗୁରୁତର ରୋଗୀଙ୍କ ପାଇଁ ଜୀବନ ଓ ମୃତ୍ୟୁର ଫରକ ହୋଇପାରେ।

ଅବପାତର ପ୍ରଭାବ | ସାତଭାୟାରେ କୂଳ ଲଙ୍ଘିଲା ସମୁଦ୍ର

ରାଜନଗର, ୨୪।୯ (ସମିସ): ରାଜନଗର ବ୍ଲକ ପୁରୁଣା ସାତଭାୟାରେ ଗଭୀର ଅବପାତର ପ୍ରଭାବ ଦେଖିବାକୁ ମିଳିଛି। କୂଳ ଲଘିଂ ସମୁଦ୍ର ଉଚ୍ଚ ଜୁଆର ମାଡ଼ି ଆସିଛି। ଲଘୁଚାପ ପ୍ରଭାବରେ ଝଟକା ପବନ ସାଙ୍ଗକୁ ତୁହାକୁ ତୁହା ବର୍ଷା ଲାଗିରହିଛି। ବଙ୍ଗୋପସାଗରରେ ଉଚ୍ଚ ଲହଡି କୂଳରେ ମାଡ଼ ହେଉଛି। ସାତଭାୟାର ଉଚ୍ଚ ବାଲିପାହଡ କ୍ଷତିଗ୍ରସ୍ତ ହୋଇଛି। କୂଳରେ ଥିବା ବଡ଼ ବଡ଼ ଝାଉଁ ଓ ଅନ୍ୟାନ୍ୟ ଗଛ ଉପୁଡି ପଡ଼ିଛି। ସମୁଦ୍ରର ଲୁଣା ପାଣି ସ୍ଥଳଭାଗ ମଧ୍ୟକୁ ପ୍ରାୟ ଦୁଇଶହ ଫୁଟ୍ ପ୍ରବେଶ କରିବା ଫଳରେ ନିକଟସ୍ଥ ତଳିଆ ଅଞ୍ଚଳ ଓ ସଂଯୋଗକାରୀ ରାସ୍ତାଘାଟ ଜଳମଗ୍ନ ହୋଇଛି। ସମୁଦ୍ର କୂଳିଆ ଜଙ୍ଗଲର ଅନେକ ଗଛ ଧରାଶାୟୀ ହୋଇପଡ଼ିଛି। ଏଠାରେ ଜନବସତି ନ ଥିଲେ ମଧ୍ୟ ମଗରକନ୍ଦାରେ ରହୁଥିବା ଲୋକମାନେ ପ୍ରଭାବିତ ହେବା ଆଶଙ୍କା ରହିଛି। ଏଠାରେ ମଧ୍ୟ ଧାନଚାଷ କରାଯାଇଛି। ସମୁଦ୍ରର ଉଚ୍ଚ ଲୁଣା ଜୁଆର ଫଳରେ ଧାନ ଚାଷ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

ନିଷ୍କାସନ ହୋଇପାରୁନି ବର୍ଷାପାଣି; ଲୋକେ ହନ୍ତସନ୍ତ

ପଞ୍ଚୁପାଣ୍ଡବ,୨୪।୯ (ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ଥିବା ବଜାରରେ ଆଣ୍ଠୁଏ ପାଣି ଦେଖିବାକୁ ମିଳୁଛି। ଏହି ବଜାରରେ ଅସରାଏ ବର୍ଷା ହେଲେ ପାଣି ନିଷ୍କାସନ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏବେ ଲଘୁଚାପ ପ୍ରଭାବରେ ବର୍ଷା ହେଉଥିବା ଯୋଗୁଁ ପାଣି ଜମି ରହିଛି। ଏହି ପାଣି ନିଷ୍କାସନ ବାଟ ବନ୍ଦ ରହିଥିବାବେଳେ ଯାତାୟାତ କରୁଥିବା ଲୋକେ ହନ୍ତସନ୍ତ ହେଉଛନ୍ତି। ଗାଁ ଭିତରରୁ ବାହାରୁ ଥିବା ପାଣି ନିଷ୍କାସନ ହେଉ ନ ଥିବାବେଳେ ଏହି ବଜାରରେ ପ୍ରାୟ କୋଡିଏଟି ବିଭିନ୍ନ ଦୋକାନ ରହିଛି। ଦୋକାନ ଓ ବିଦ୍ୟାଳୟକୁ ଯିବାଆସିବା କରୁଥିବା ଛାତ୍ରଛାତ୍ରୀ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଏହି ଗ୍ରାମରୁ ପାଣି ନିଷ୍କାସନ ପାଇଁ ଦୁଇଟି ଡ୍ରେନ ଥିଲେ ମଧ୍ୟ ଠିକ୍ ଭାବେ ପାଣି ନିଷ୍କାସନ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ପାଣି ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ଚାନ୍ଦୋଳ କଲେଜରେ ଜାତୀୟ ସେବା ଯୋଜନା ଦିବସ

ଡେରାବିଶ,୨୪।୯ (ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଛି। ଅଧକ୍ଷ ପ୍ରାଧ୍ୟାପକ ଅକ୍ଷୟବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଏନଏସ୍ଏସ୍ କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ପ୍ରଦୀପ ରାଉତ ପରିଚାଳନା କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ବେଦପାଠ କରିବା ପରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଏନଏସ୍ଏସ୍ର ଜିଲ୍ଲା କାର୍ଯ୍ୟକାରୀ ଅଧିକାରିଣୀ ଡ. ପଦ୍ମଜା କବି ଶତପଥି ଯୋଗଦେଇ ଜାତୀୟ ସେବା ଯୋଜନା ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଛାତ୍ରଛାତ୍ରୀଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଏନ୍ଏସ୍ଏସ୍ ଅଧିକାରୀ ଅଧ୍ୟାପକ ପ୍ରଭାକର ଦାସ ଓ ଅଧ୍ୟାପିକା ମିନାକ୍ଷୀ ପ୍ରଧାନ ଯୋଗ ଦେଇଥିଲେ। ଅଧ୍ୟାପିକା ସୁକନ୍ୟା ମହାନ୍ତି, ଝରାଶ୍ରୀ ପରିଡା, ସ୍ମୃତି ଶ୍ରାବଣୀ, ଜ୍ୟୋତିର୍ମୟୀ ନାଥଶର୍ମା ଓ ଅଧ୍ୟାପକ ଶଶିଭୂଷଣ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ମିନାକ୍ଷୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ପାନୀୟଜଳ ଯୋଗାଣ ଦାବିରେ ବେଡାରୀ ଗ୍ରାମବାସୀଙ୍କ ବିକ୍ଷୋଭ

ଗରଦପୁର,୨୪।୯ (ସମିସ): ବେଡାରୀ ଗ୍ରାମରେ ଥିବା ପାନୀୟଜଳ ଯୋଗାଣ କେନ୍ଦ୍ରଠାରୁ ବେଡାରୀ, ସୋଲପାଟ ଓ କୁଳତୁଠୀ ଗ୍ରାମର ପ୍ରାୟ ୬ ହଜାର ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଣ ହେଉଛି। ସମସ୍ତ ଗ୍ରାମବାସୀଙ୍କୁ ଏକା ସମୟରେ ପାନୀୟଜଳ ଯୋଗାଇବା ସମ୍ଭବପର ହେଉ ନ ଥିବାରୁ ଦୁଇ ଦୁଇ ଘଣ୍ଟା କରି ପାନୀୟଜଳ ଯୋଗାଣ ହେଉଛି। ପାଣି ପାଇପ୍ର ସଂଯୋଗ ହୋଇଥିବା ବିଭିନ୍ନ ଯନ୍ତ୍ରାଂଶ ଖରାପ ହୋଇଯିବାରୁ ବେଡାରୀ ଗ୍ରାମର ପ୍ରାୟ ୫୦/୬୦ ପରିବାରକୁ ଜଳ ଯୋଗାଣ ସମ୍ଭବ ହେଉନାହିଁ। ପାନୀୟ ଜଳ ପାଉନଥିବା ପରିବାର ଅଭିଯୋଗ କଲେ ମଧ୍ୟ ଭଲ୍ବ ମରାମତି ହେଉନାହିଁ। ଯେଉଁଥିପାଇଁ ସେମାନେ ଉତ୍କ୍ଷିପ୍ତ ହେଇ ଆଜି ସକାଳେ ପାଣି ପମ୍ପ ହାଉସ ଘର ନିକଟରେ ପହଞ୍ଚି ପ୍ରତିବାଦ କରିବା ସହିତ ପମ୍ପ ହାଉସରୁ ସମ୍ପୂର୍ଣ୍ଣ ରୁପେ ୩ ଗ୍ରାମକୁ ଜଳ ଯୋଗଣ ବନ୍ଦ କରିବା ଦାବିକରି ଅପରେଟରକୁ ପମ୍ପ ହାଉସ ଖୋଲାଇ ଦେଇନଥିଲେ। ଏ ସମ୍ବନ୍ଧରେ ସ୍ଥାନୀୟ ଜନପ୍ରତିନିଧି ବ୍ଲକରେ ଅଭିଯୋଗ କରିଥିଲେ ମଧ୍ୟ ମରାମତି ସମ୍ଭବ ହୋଇପାରିଲାନାହିଁ। ଫଳରେ ପାନୀୟଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେହି କେହି ଛାତରୁ ଗଡୁଥିବା ବର୍ଷାପାଣି ସଂଗ୍ରହ କରି ନିଜ ବ୍ୟବହାରରେ ଲଗାଉଥିବା ଦେଖାଯାଇଛି। ଏ ନେଇ ବିଭାଗର କନିଷ୍ଠ ଯନ୍ତ୍ରୀ ବିଦ୍ୟୁଲତା ରାଉତଙ୍କୁ ପଚାରିବାରୁ ତାଙ୍କ ନିକଟରେ କୌଣସି ସହକାରୀ କର୍ମଚାରୀ ନ ଥିବାରୁ ଷ୍ଟୋର ରୁମରେ ଯନ୍ତ୍ରାଂଶ ଖୋଜି ପାଇବା ତାଙ୍କ ପକ୍ଷେ ସମ୍ଭବପର ନୁହେଁ। ଆସନ୍ତାକାଲି ସକାଳୁ ନୂଆ ଭଲ୍ବ ନିଶ୍ଚିତ ରୂପେ ଲଗାଯିବ ବୋଲି କହିଥିଲେ।

ଲାଇଟ୍ ପୋଷ୍ଟକୁ ଧକ୍କାଦେଲା କାର୍

ଡେରାବିଶ,୨୪।୯ (ସମିସ): କଟକ-ଚାନ୍ଦବାଲି ରାସ୍ତାର କାକଟିଆଠାରେ ଗତକାଲି ବିଳମ୍ବିତ ରାତିରେ ଏକ କାର ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଏକ ଷ୍ଟ୍ରିଟ୍ଲାଇଟ୍ ପୋଷ୍ଟକୁ ଭାଙ୍ଗି ଉପାଡ଼ି ଦେବା ସହ ରାସ୍ତାକଡ଼ରେ ଥିବା ଦୋକାନ ଆଗରେ ପଡ଼ିଥିବା ଦସ୍ତା ଓ ଅନ୍ୟଏକ କାର୍କୁ ଧକ୍କା ଦେଇଥିବା ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଏକ କାର ଯାଉଥିବାବେଳେ କାକଟିଆ ଛକରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ମାଡ଼ିଯାଇଥିଲା। ଫଳରେ ଷ୍ଟ୍ରିଟ୍ଲାଇଟ୍ ଖୁଣ୍ଟକୁ ଧକ୍କାଦେଇ ଉପାଡ଼ି ଦେବା ସହିତ କିଛିବାଟ ଘୋଷାଡ଼ି ନେଇଥିଲା। କାରରୁ ବେଲୁନ୍ ବାହାରିବାରୁ ଡ୍ରାଇଭର ସାମାନ୍ୟ ଆହାତ ହୋଇଥିଲେ।

ଗୋବରୀ ନଦୀରେ ବେଆଇନ୍ ଭାବେ ମାଛ ଧରାଯାଉଥିବା ଅଭିଯୋଗ

ପଞ୍ଚୁପାଣ୍ଡବ,୨୪।୯ (ସମିସ): ମାଫିଆ ଗୋବରୀ ନଦୀରେ ବେଆଇନ ଜାଲ ଘେରି କ୍ୱିଣ୍ଟାଲ କ୍ୱିଣ୍ଟାଲ ମାଛ ଧରାଯାଉଥିବା ଅଭିଯୋଗ ହେଉଛି। ପଞ୍ଚୁପାଣ୍ଡବ ଛକ ନିକଟରେ ଥିବା ଓଳାଶୁଣି ଗୁମ୍ଫା ଗୋବରୀ ନଦୀଠାରୁ ଆରମ୍ଭ କରି କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ନହଙ୍ଗ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ଦଶଟି ସ୍ଥାନରେ ବେଆଇନ ନଦୀ ମଝିରେ ଜାଲ ଘେରି ଡଙ୍ଗା ସାହାଯ୍ୟରେ ମାଛ ଧରାଯାଉଥିବା ଅଭିଯୋଗ ହେଉଛି। ଏହି ନଦୀରେ ସରକାରୀ ନିୟମ ଅନୁଯାୟୀ କାହାକୁ ନିଲାମ ଦିଆଯାଇ ନଥିବା ଅଭିଯୋଗ ହେଉଛି। କିଛି ଲାଞ୍ଚଖୋର ପ୍ରଶାସନିକ ଅଧିକାରୀଙ୍କୁ ଧରି ଏପରି ବେଆଇନ କାର୍ଯ୍ୟ କରାଯାଉଥିବାରୁ ସରକାରଙ୍କ ରାଜସ୍ୱ ହାନି ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବେଆଇନ ଭାବେ ଚାଲିଥିବା ମାଛ ଧରା ବନ୍ଦ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

କେବଳ ସାରଦ ଜମି ପାଇଁ ସରକାରୀ ସହାୟତା | ବନ୍ୟାଞ୍ଚଳ ବାଦ୍, ଚାଷୀଙ୍କ ଅସନ୍ତୋଷ

ପଟ୍ଟାମୁଣ୍ଡାଇ,୨୪।୯ (ସମିସ)

ବନ୍ୟା ଦୁର୍ଦ୍ଦଶାରୁ ସଂପୂର୍ଣ୍ଣ ମୁକୁଳି ନ ଥିବା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳବାସୀ ଲଗାଣ ବର୍ଷା ଯୋଗୁଁ ଗତ ୩ ଦିନ ହେବ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। କୃଷି ଓ ଗୋ ସମ୍ପଦ ଉପରେ ନିର୍ଭର କରୁଥିବା ଧୋୟାଞ୍ଚଳ ଲୋକଙ୍କ କଷ୍ଟ କହିଲେ ନସରେ। ଦୀର୍ଘ ୨ ମାସ ଧରି ଉଭୟ ବ୍ରାହ୍ମଣୀ ଓ କାଣୀନଦୀରେ ବନ୍ୟା ପରେ ବନ୍ୟା ଆସିବା ଫଳରେ ସଞ୍ଚିତ ଗୋଖାଦ୍ୟ ପ୍ରାୟତଃ ଶେଷ ହୋଇଯାଇଥିଲା। ବନ୍ୟା ବିପନ୍ନ ଲୋକଙ୍କୁ ସରକାରୀ ରିଲିଫ ଆକାରରେ ୩ ଥର ଗୋଖାଦ୍ୟ ଯୋଗାଇ ଦିଆଯାଇଥିଲା। ଯାହାକି ସମୁଦ୍ରକୁ ଶଙ୍ଖେ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଥିବା ଦେଶୀ ଗାଈଗୋରୁ ଛଣ, ନଡା କୁଟା ସହିତ ଘାସ ଉପରେ ପ୍ରାୟତଃ ନିର୍ଭର କରନ୍ତି। ଏମାନଙ୍କ ପାଇଁ ସରକାରୀ ଦାନା କିଛି ନୁହେଁ କହିଲେ ଚଳେ। ବନ୍ୟା ପରେ ଜମିରେ ଏପର୍ଯ୍ୟନ୍ତ ନୂଆ ଘାସ ସୃଷ୍ଟି ହୋଇନି। ଏପଟେ ଘାସ ଅଭାବ ସାଙ୍ଗକୁ ଲଘୁଚାପଜନିତ ବର୍ଷା ଲାଗି ରହିଥିବାରୁ ଗାଈଗୋରୁ ଭୋକ ଉପାସରେ କାଳ କାଟୁଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ପୁରୁଖା ଲୋକ କୁହନ୍ତି ଏଭଳି ଦୟନୀୟ ଅବସ୍ଥା ୫୦ ବର୍ଷ ମଧ୍ୟରେ କେବେ ଦେଖାଦେଇ ନଥିଲା। ଏହି ଦୁର୍ଦ୍ଦିନ ସମୟରେ କୃଷିଜୀବୀ ପରିବାର ରାଜ୍ୟ ସରକାରଠୁ ଆର୍ଥିକ ସହାୟତା ଆଶା କରୁଥିବାବେଳେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ କେବଳ ସାରଦ କିସମ ଜମି ପାଇଁ ହେକ୍ଟର ପିଛା ୮୫୦୦ ଟଙ୍କା ଦେବା ପାଇଁ ଘୋଷଣା କରି ସେହି ପୁରୁଣା ନୀତି ଆପେଣେଇଛନ୍ତି। ଯାହାକି ବନ୍ୟାଞ୍ଚଳବାସୀଙ୍କୁ ନିରାଶ କରିଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ ପଟ୍ଟାମୁଣ୍ଡାଇ ତହସିଲ ଅଧୀନରେ ଉଭୟ ଅଣ୍ଟରା ଓ ଅଳପୁଆ ରାଜସ୍ୱ ସର୍କଲର ବିଭିନ୍ନ ରାଜସ୍ୱ ଗ୍ରାମରେ ସାଧାରଣତଃ ବିଅଳି ଦୋଫସଲି, ପାଳ ଓ ସାରଦ କିସମ ଜମି ରହିଛି। ଯାହା ଦଶନ୍ଧି ଦଶନ୍ଧି ପୂର୍ବରୁ ସ୍ଥିରୀକୃତ ହୋଇଛି। ଏଥିରେ ଅନେକ ତ୍ରୁଟି ବିଚ୍ୟୁତି ଥିବା ଅତୀତରେ ସରକାର ସ୍ୱୀକାର ମଧ୍ୟ କରିଥିଲେ। ୨୦୧୧ରେ ପ୍ରଳୟଙ୍କରୀ ବନ୍ୟା ପରେ କୃଷି କ୍ଷତି ସହାୟତା ବଣ୍ଟନ ସମୟରେ ଏହି ପ୍ରସଙ୍ଗ ସମଗ୍ର ବନ୍ୟାଞ୍ଚଳବାସୀଙ୍କୁ ଅନେକ ଅସୁବିଧାରେ ପକାଇଥିଲା। ଅଣ୍ଟରା ରାଜସ୍ୱ ଗ୍ରାମର ପାଖାପାଖି ଥିବା ୨ଟି ପ୍ଲଟ ଭିନ୍ନ ଭିନ୍ନ କିସମର ଥିବା ଭଳି ଅନେକ ଦୃଷ୍ଟାନ୍ତ ନଜରକୁ ଆସିଛି। ରାଉଳିଆ ଭଳି ରାଜସ୍ୱ ଗ୍ରାମରେ ୧ ଡେସିମିଲ ସାରଦ କିସମ ଜମିନାହିଁ। ବର୍ତ୍ତମାନ ସମ୍ପୃକ୍ତ ଅଞ୍ଚଳର କୃଷକ ସହାୟତା ପାଇବାରୁ ବଞ୍ଚିତ ହେବା ସ୍ପଷ୍ଟ ହୋଇଛି। ଏଠାରେ ପ୍ରଶ୍ନ ଉଠୁଛି ସେଠାରେ କ'ଣ ଚାଷୀ ଧାନ ଚାଷ କରି ନ ଥିଲେ? ରାଜ୍ୟ ସରକାର ତଥା ରାଜସ୍ୱ ବିଭାଗ ଅବିଳମ୍ବେ ଏଭଳି ତ୍ରୁଟିପୂର୍ଣ୍ଣ ପଦ୍ଧତିକୁ ବାଦ ଦେଇ ସମବାୟ ସମିତି ଓ ବିଭିନ୍ନ ଗ୍ରାମରେ ନିଯୁକ୍ତ କୃଷକ ସାଥୀଙ୍କଠାରୁ ସଠିକ ତଥ୍ୟ ସଂଗ୍ରହ କରି ସହାୟତା ପ୍ରଦାନ କରିବାକୁ ଅଣ୍ଟରା ପ୍ରାଥମିକ କୃଷି ସମବାୟ ସମିତିର ପ୍ରାକ୍ତନ ସଭାପତି ସମବାୟବିତ୍ ଚିତ୍ତରଞ୍ଜନ ମଲ୍ଲିକ ଦାବି କରିଛନ୍ତି।

ଗଛ ପଡ଼ି ଓମଫେଡ୍ ବୁଥ୍ ଭାଙ୍ଗିଲା

ଗରଦପୁର,୨୪।୯ (ସମିସ): କ୍ରମାଗତ ବର୍ଷା ଲାଗିରହିବା ଫଳରେ ଗରଦପୁର ବ୍ଲକ ଶୀତଳପାଟଣା ଛକରେ ଥିବା ଓମଫେଡ କେନ୍ଦ୍ର ଉପରେ ଏକ ଶିମିଳି ଗଛ ଉପୁଡି ପଡିବାରୁ ଗୃହ ସମେତ ସେଠାରେ ଥିବା ଅଟୋ ଓ ଗୋଟିଏ ବାଇକ କ୍ଷତିଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ କେନ୍ଦ୍ର ପରିଚାଳକ ଓ ଦୁଇ ଜଣ ଗ୍ରାହକ ସେ ସ୍ଥାନ ଛାଡ଼ି ପଳାଇଥିଲେ। ଖବର ପାଇଁ ଗରଦପୁର ଅଗ୍ନିଶମ ବିଭାଗ କର୍ମଚାରୀ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଓମ୍ଫେଡ୍ କେନ୍ଦ୍ର ଗୃହ ଓ ରାସ୍ତା ଉପରୁ ଗଛଟିକୁ କାଟି ବାହାର କରିଛନ୍ତି।

ସକାଳ
THE SAKALA

ସମ୍ପାଦକୀୟ

ବଞ୍ଚିବା ପାଇଁ ସ୍ୱଚ୍ଛ ବାୟୁ ଓ ସ୍ୱଚ୍ଛ ଜଳ ସମସ୍ତଙ୍କର ମୌଳିକ ଅଧିକାର ।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

ଶିଶୁ ଅଧିକାରର ଦ୍ୱନ୍ଦ୍ୱ

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ନିକଟରେ ଶିଶୁ ଅଧିକାର ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ଅବସରରେ କେନ୍ଦ୍ର ସରକାରଙ୍କଠାରୁ ଜବାବ ତଲବ କରିଛନ୍ତି । ଏହି ମାମଲାରେ ଯୁକ୍ତି କରାଯାଇଛି ଯେ ଯଦିଓ ୧୮ ବର୍ଷରୁ କମ୍ ବୟସର ପିଲାମାନେ ଆଇନଗତ ଭାବେ କୌଣସି ଚୁକ୍ତିନାମା କରିପାରିବେ ନାହିଁ, ତଥାପି ସେମାନଙ୍କୁ ସ୍ୱାଧୀନ ଭାବରେ ଅନ୍‌ଲାଇନ୍ ଆକାଉଣ୍ଟ ଖୋଲିବାକୁ ଅନୁମତି ଦିଆଯାଉଛି; ଯାହା ପାଇଁ ପ୍ରାୟତଃ ସେବା ସର୍ତ୍ତାବଳୀ ଓ ନୀତିର ଉଲ୍ଲଙ୍ଘନ ହେଉଛି । 'ଜଷ୍ଟ ରାଇଟ୍ସ ଫର୍ ଚିଲ୍‌ଡ୍ରେନ୍ ଆଲାଏନ୍ସ' ଦ୍ୱାରା ଦାଖଲ ହୋଇଥିବା ଏହି ଜନସ୍ୱାର୍ଥ ମାମଲାର ଯୁକ୍ତି ଅନୁଯାୟୀ ଆଇନଗତ ବ୍ୟବସ୍ଥାରେ ଥିବା ଏହି ତ୍ରୁଟି ଯୋଗୁଁ ପିଲାମାନେ 'ଅନ୍‌ଲାଇନ୍ ଗ୍ରୁମିଂ (ପ୍ରଲୋଭନ) ଓ ମାନବ ଚାଲାଣଠାରୁ ଆରମ୍ଭ କରି ସାଇବର-ବୁଲିଂ (ଅନ୍‌ଲାଇନ୍ ଉତ୍ପୀଡ଼ନ) ଏବଂ ବ୍ୟକ୍ତିଗତ ତଥ୍ୟର ଅପବ୍ୟବହାର ଭଳି ବିପଦର ସମ୍ମୁଖୀନ ହେଉଛନ୍ତି । ଏଥିରେ ସର୍ବୋଚ୍ଚ ନ୍ୟାୟାଳଙ୍କୁ ଅନୁରୋଧ କରାଯାଇଛି ଯେ କେନ୍ଦ୍ର ସରକାରଙ୍କୁ ଏଭଳି ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଉ, ଯାହା ନିଶ୍ଚିତ କରିବ ଯେ ନାବାଳକମାନେ ଅଭିଭାବକଙ୍କ ଯାଞ୍ଚଯୋଗ୍ୟ ସହମତି ବିନା କୌଣସି ପ୍ଲାଟଫର୍ମ ଚୁକ୍ତିନାମାରେ ସାମିଲ ହେବେ ନାହିଁ ।

ଭାରତୀୟ ଚୁକ୍ତି ଆଇନ, ୧୮୭୨ର ଧାରା ୧୧ ରେ ନାବାଳକଙ୍କୁ ଚୁକ୍ତି କରିବାରୁ ବାରଣ କରାଯାଇଛି । ଏଥିରେ କୁହାଯାଇଛି ଯେ, 'ଯେଉଁ ବ୍ୟକ୍ତି ନିଜ ଉପରେ ଲାଗୁ ହେଉଥିବା ଆଇନ ଅନୁଯାୟୀ ସାବାଳକ (ପୂର୍ଣ୍ଣ ବୟସ୍କ) ଏବଂ ସୁସ୍ଥ ମସ୍ତିଷ୍କର ଅଧିକାରୀ, କେବଳ ସେହି ବ୍ୟକ୍ତି ହିଁ ଚୁକ୍ତି କରିବାକୁ ଯୋଗ୍ୟ ଅଟନ୍ତି ।' ଜଣେ ନାବାଳକଙ୍କ ଦ୍ୱାରା କରାଯାଇଥିବା ଯେକୌଣସି ଚୁକ୍ତିନାମା କିମ୍ବା ବୁଝାମଣାକୁ ଆରମ୍ଭରୁ ହିଁ ଅବୈଧ ବୋଲି ବିବେଚନା କରାଯିବ । ଏହି ଆଇନଗତ ବ୍ୟବସ୍ଥା ସତ୍ତ୍ୱେ, ଭାରତରେ କାର୍ଯ୍ୟ କରୁଥିବା ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚ ଏବଂ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ କିଶୋରମାନଙ୍କୁ (ପ୍ରାୟତଃ ୧୩ ବର୍ଷ ବୟସରୁ କମ୍) କେବଳ ସେମାନଙ୍କ ବୟସ କିମ୍ବା ଜନ୍ମ ତାରିଖ ଘୋଷଣା କରିବାରେ ସର୍ତ୍ତାବଳୀକୁ ସୀମିତ ରଖିଛନ୍ତି, ଯାହା ଆଇନର ବିରୁଦ୍ଧାଚରଣ କରୁଛି । ଭାରତୀୟ ଆଇନ ନାବାଳକମାନଙ୍କୁ ସ୍ୱାଧୀନ ଭାବରେ ଅନ୍‌ଲାଇନ୍ ଆକାଉଣ୍ଟ ଖୋଲିବା ଉପରେ ନିୟନ୍ତ୍ରଣ ଜାରି କରିପାରୁନାହିଁ । ତେଣୁ ଏବେ ଆଇନ ସଂଶୋଧନର ଆବଶ୍ୟକତା ଉପରେ ମତ ପ୍ରକାଶ ପାଉଛି ।

ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ୨୦୨୩ (ଡିପିଡିପି) ଅନୁଯାୟୀ, କୌଣସି ଶିଶୁର ବ୍ୟକ୍ତିଗତ ତଥ୍ୟ ପ୍ରକ୍ରିୟାକରଣ କରାଯିବା ପୂର୍ବରୁ ପିତାମାତାଙ୍କ ଅନୁମତି ଆବଶ୍ୟକ । କିନ୍ତୁ ଡିପିଡିପି ଆଇନ କିମ୍ବା ଏହା ଅଧୀନରେ ପ୍ରସ୍ତୁତ ନିୟମାବଳୀ ୧୮ ବର୍ଷରୁ କମ୍ ବୟସର ବ୍ୟବହାରକାରୀଙ୍କୁ ଡିଜିଟାଲ୍ ପ୍ଲାଟଫର୍ମରେ ସ୍ୱାଧୀନ ଭାବରେ ଆକାଉଣ୍ଟ ଖୋଲିବା କିମ୍ବା ପରିଚାଳନା କରିବାରୁ ବାରଣ କରିବା ବିଷୟରେ ଅସ୍ପଷ୍ଟ । ସାମାଜିକ ଗଣମାଧ୍ୟମ ମଞ୍ଚରେ ନାବାଳକମାନଙ୍କର ସ୍ୱାଧୀନ ଭାବରେ ପଞ୍ଜୀକରଣକୁ ଯାଞ୍ଚ କିମ୍ବା ନିୟନ୍ତ୍ରଣ କରିବା ପାଇଁ କୌଣସି ବ୍ୟବସ୍ଥା ମଧ୍ୟ ନାହିଁ । ଆଇଟି ଆଇନ ଅଧୀନରେ ପ୍ରସ୍ତୁତ 'ସୂଚନା ପ୍ରଯୁକ୍ତିବିଦ୍ୟା (ମଧ୍ୟସ୍ଥି ନିୟମାବଳୀ ଏବଂ ଡିଜିଟାଲ୍ ମିଡିଆ ନୈତିକତା ସଂହିତା) ନିୟମାବଳୀ, ୨୦୨୧'ରେ ନାବାଳକର ଚୁକ୍ତିନାମା ସମ୍ପାଦନ କରିବାର କ୍ଷମତା ବିଷୟରେ ସମ୍ପୂର୍ଣ୍ଣ ନୀରବ ରହିଛି ଏବଂ ଏଥିରେ ବୟସର ପ୍ରକୃତ ଯାଞ୍ଚ, ପିତାମାତାଙ୍କ ପ୍ରମାଣୀକରଣ କିମ୍ବା ବୟସ-ନିୟନ୍ତ୍ରଣ ଓ ନିର୍ଦ୍ଧାରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ । ବର୍ତ୍ତମାନର ପ୍ରଚଳିତ ବ୍ୟବସ୍ଥା 'କେବଳ ନାମକୁ ମାତ୍ର ବୟସ ସୀମା ବ୍ୟବସ୍ଥା' ଭଳି ହୋଇଛି । କାରଣ କେବଳ ଜନ୍ମତାରିଖ ଦାଖଲ କରିବା ଏକ ପ୍ରଭାବଶାଳୀ ସୁରକ୍ଷା ପଦକ୍ଷେପ ନୁହେଁ । ତେଣୁ ଏକ ସ୍ୱଚ୍ଛ ଓ ସ୍ପଷ୍ଟ ଉତ୍ତରଦାୟିତ୍ୱ ବ୍ୟବସ୍ଥା ଏବଂ ପ୍ରଭାବଶାଳୀ ଯାଞ୍ଚଯୋଗ୍ୟ ବୟସ-ନିଶ୍ଚିତକରଣ ଓ ବୟସ-ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ଜନସ୍ୱାର୍ଥ ମାମଲାରେ ଅନୁରୋଧ କରାଯାଇଛି ।

ବିକଶିତ ରାଷ୍ଟ୍ର ଅଷ୍ଟ୍ରେଲିଆ ଓ ୟୁକେର ପଦାଙ୍କ ଅନୁସରଣ କରି ଭାରତରେ ପ୍ରଥମ ରାଜ୍ୟ ଭାବେ କର୍ଣ୍ଣାଟକରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟଫୋନ୍ ବ୍ୟବହାରରେ କଟକଣା ପାଇଁ ସେଠାକାର ସରକାର ଏକ ନୀତିଗତ ନିଷ୍ପତ୍ତି ନେଇଛନ୍ତି । ଏହି ସରକାରୀ ନିଷ୍ପତ୍ତି ଅନୁଯାୟୀ ୧୬ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କ ପାଇଁ ମୋବାଇଲ୍ ସ୍କ୍ରିନ୍‌ରେ ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ବିଷୟବସ୍ତୁ ଦେଖିବାକୁ କେବଳ ୧ ଘଣ୍ଟା ମିଳିବ । ସନ୍ଧ୍ୟା ୭ଟା ପରେ ସେମାନଙ୍କ ମୋବାଇଲ୍ ହ୍ୟାଣ୍ଡସେଟ୍‌ରେ ଇଣ୍ଟରନେଟ୍ ସଂଯୋଗ ଆପେ ଆପେ ବନ୍ଦ ହୋଇଯିବ । ଏହି କଟକଣା କାର୍ଯ୍ୟକାରିତାରେ ସୁବିଧା ପାଇଁ ଆଧାରଭିତ୍ତିକ ସାଇନ୍‌ଅପ୍ ବା ଆକାଉଣ୍ଟ ଖୋଲିବାକୁ ବାଧ୍ୟତାମୂଳକ କରାଯାଇଛି । ଅନେକ ଦୃଷ୍ଟିକୋଣରୁ ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରାଯାଇପାରେ । କିନ୍ତୁ ମୋବାଇଲ୍ ଫୋନ୍ ବ୍ୟବହାରକାରୀଙ୍କ ବୟସ କିଭଳି ନିର୍ଣ୍ଣୟ କରାଯାଇପାରିବ ସେ ନେଇ ପ୍ରଶ୍ନ ଉଠିଛି । ତେଣୁ ଉପରୋକ୍ତ ଜନସ୍ୱାର୍ଥ ମାମଲା ସେ ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇପାରେ ।

ବିଶ୍ୱାସର କାଠଗଡ଼ାରେ ନିର୍ବାଚନ କମିଶନ

ରଞ୍ଜିତ୍ ମହାନ୍ତି

ଭାରତୀୟ ଗଣତନ୍ତ୍ରରେ ଭୋଟ କେବଳ ଏକ ଅଧିକାର ନୁହେଁ, ଏହା ନାଗରିକଙ୍କ ସାର୍ବଭୌମ ସ୍ୱର । ଜଣେ ନାଗରିକଙ୍କ ମତଦାନର ମୌଳିକ ଅଧିକାର ହିଁ ଗଣତନ୍ତ୍ରର ମୂଳ ଭିତ୍ତି । ସେହି କାରଣରୁ ଭୋଟର ତାଲିକାରେ ଜଣେ ଯୋଗ୍ୟ ନାଗରିକଙ୍କ ନାମ ରହିବା ଯେତିକି ଗୁରୁତ୍ୱପୂର୍ଣ୍ଣ; ମୃତ, ଅଯୋଗ୍ୟ ଓ ଦ୍ୱୈତ ନାମକୁ ବାଦ ଦେବା ମଧ୍ୟ ସେତିକି ଆବଶ୍ୟକ । କିନ୍ତୁ ଏହି ଦୁଇ ପ୍ରକ୍ରିୟା ମଧ୍ୟରେ ସନ୍ତୁଳନ, ସ୍ୱଚ୍ଛତା ଓ ଆଇନଗତ ସୁରକ୍ଷାକୁ ନେଇ ଉଠିଥିବା ପ୍ରଶ୍ନ ସାରାଦେଶରେ ନୂଆ ବିବାଦ ସୃଷ୍ଟି କରିଛି । ସାମ୍ପ୍ରତିକ ଏସ୍‌ଆଇଆର୍ (ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ)କୁ ନେଇ ସୃଷ୍ଟ ବିବାଦ କେବଳ ଭୋଟର ତାଲିକାରେ ସୀମିତ ନାହିଁ; ଦେଶର ନିର୍ବାଚନ ପରିଚାଳନାର ସର୍ବୋଚ୍ଚ ସଂସ୍ଥା ନିର୍ବାଚନ କମିଶନର ଆଭ୍ୟନ୍ତରୀଣ କାର୍ଯ୍ୟପ୍ରଣାଳୀ ମଧ୍ୟ ପ୍ରଶ୍ନ ଓ ବିଶ୍ୱାସର କାଠଗଡ଼ାରେ ଠିଆ ହୋଇଛି ।

'ଦ ଇଣ୍ଡିଆନ୍ ଏକ୍ସପ୍ରେସ'ର ରିପୋର୍ଟ ଅନୁସାରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ କେତେକ ନିଷ୍ପତ୍ତି ଓ ପଦକ୍ଷେପକୁ ନେଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଗତ ୧୦ ମାସରେ ଅନ୍ତତଃ ୧୪ ଥର ଲିଖିତ ଆପତ୍ତି ଜଣାଇଛନ୍ତି । ଏହି ଆପତ୍ତିଗୁଡ଼ିକର କେନ୍ଦ୍ରରେ ରହିଛି ନୂଆ ଭୋଟର ପଞ୍ଜୀକରଣ, ନାମ ବାଦ ଓ ପୁନଃସାମିଲ, ଭୋଟର ଡାଟାବେସ୍‌ର ପରିଚାଳନା ଏବଂ ଡିଜିଟାଲ୍ ବ୍ୟବସ୍ଥାରେ ଅଧିକାରର କେନ୍ଦ୍ରୀକରଣ ଭଳି ସ୍ପର୍ଶକାତର ପ୍ରସଙ୍ଗ । ଯଦିଓ ଏହି ପ୍ରଶ୍ନ ଉଠିବା ପରେ ନିର୍ବାଚନ କମିଶନର ପକ୍ଷରୁ ଏକ ସ୍ପଷ୍ଟୀକରଣରେ ବହୁସଦସ୍ୟ ବିଶିଷ୍ଟ ସାମ୍ବିଧାନିକ ସଂସ୍ଥାରେ ମତଭେଦ, ପ୍ରଶ୍ନ, ବୈଷୟିକ ପରାମର୍ଶ ଓ ଆଭ୍ୟନ୍ତରୀଣ ଯାଞ୍ଚ ସ୍ୱାଭାବିକ ପ୍ରକ୍ରିୟା ବୋଲି କୁହାଯାଇଛି । ଗତ ଏକବର୍ଷର ଚୂଡ଼ାନ୍ତ ନିଷ୍ପତ୍ତି ସର୍ବସମ୍ମତିରେ ହୋଇଛି ଏବଂ ପ୍ରାୟ ୪୦ଟି ନୂଆ ପଦକ୍ଷେପ ଓ ନିର୍ବାଚନୀ ସଂସ୍କାର ଗ୍ରହଣ କରାଯାଇଛି ବୋଲି କମିଶନ ପକ୍ଷରୁ କୁହାଯାଇଛି । ମାତ୍ର କୌଣସି ପ୍ରସଙ୍ଗରେ ମତଭେଦ ଓ ଚୂଡ଼ାନ୍ତ ନିଷ୍ପତ୍ତି କଦାପି ଆପେକ୍ଷିକ ନୁହେଁ । ମତଭେଦ ସତ୍ତ୍ୱେ ନିଆଯାଇଥିବା ନିଷ୍ପତ୍ତି ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେବାର ଆବଶ୍ୟକତା ଥିବା ବେଳେ ଏହାକୁ ମୁଖ୍ୟ ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ଉପେକ୍ଷା କରିଛନ୍ତି ଓ ଏକଛତ୍ର ନୀତି ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି ।

କୌତୂହଳର କଥା ହେଉଛି ବିବାଦର ଗଭୀରତା ଏତେ ଯେ ଏହାକୁ ଆକଳନ କରିବା କଷ୍ଟକର ବ୍ୟାପାର । ବିଶେଷକରି ଭୋଟର ଡାଟାବେସ୍‌ର କେନ୍ଦ୍ରୀକରଣ କରାଯିବା ନେଇ ଦୁଇ କମିଶନରଙ୍କ ଆପତ୍ତି ଏହି ବିତର୍କକୁ ଅଧିକ ଗୁରୁତର କରିଛି । ନିର୍ବାଚନ କମିଶନ ସଦସ୍ୟ ବିବେକ ଯୋଶୀ 'ଇଲେକ୍ଟୋରାଲ୍ ରୋଲ୍ ଡାଟାବେସ୍'ର କେନ୍ଦ୍ରୀକରଣ ନେଇ ଉଠାଇଥିବା ପ୍ରଶ୍ନ ଓ ସୁଖବୀର ସିଂହ ସାନ୍ଧୁ ରାଜ୍ୟସ୍ତରୀୟ ନିର୍ବାଚନ ଅଧିକାରୀମାନଙ୍କ ଡିଜିଟାଲ୍ ବ୍ୟବସ୍ଥାରେ ପୂର୍ଣ୍ଣ ପ୍ରବେଶ ନେଇ ଚିନ୍ତାପ୍ରକଟର ଉତ୍ତର ଏଯାଏଁ ମୁଖ୍ୟ ନିର୍ବାଚନ କମିଶନ ଦେଇନାହାନ୍ତି ।

ଏଠାରେ ପ୍ରଶ୍ନ କେବଳ ସଫ୍ଟୱେରର ନୁହେଁ । ମୂଳ ପ୍ରଶ୍ନ ହେଉଛି - ଭୋଟର ତାଲିକାରେ ଜଣେ ନାଗରିକଙ୍କ ନାମ ଯୋଡ଼ିବା କିମ୍ବା କାଟିବାର ଅନ୍ତିମ ଦାୟିତ୍ୱ କାହାର? ସ୍ଥାନୀୟ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ନିଷ୍ପତ୍ତି ଯଦି ଏକ କେନ୍ଦ୍ରୀକୃତ ଡିଜିଟାଲ୍ ବ୍ୟବସ୍ଥା ଦ୍ୱାରା ବଦଳିଯାଏ, ତେବେ ଏଥିପାଇଁ କିଏ ଉତ୍ତରଦାୟୀ ରହିବ? ଗଣତନ୍ତ୍ର ପ୍ରତି ଆସ୍ଥା ଓ ଗଣତନ୍ତ୍ରର ଆତ୍ମାର ସୁରକ୍ଷା ନିମନ୍ତେ ଏହାର ଉତ୍ତର ମୁଖ୍ୟ ନିର୍ବାଚନ କମିଶନ ପ୍ରଦାନ କରିବା ଏକାନ୍ତ ଜରୁରୀ ।

ପଶ୍ଚିମବଙ୍ଗର ଏସ୍‌ଆଇଆର୍ ଏହି ବିତର୍କକୁ ଆହୁରି ଜଟିଳ କରିଛି । ପଶ୍ଚିମବଙ୍ଗରେ ପ୍ରାୟ ୫୮ ଲକ୍ଷ ଭୋଟରଙ୍କ ନାମ ଚିଠା ପ୍ରସ୍ତାବରେ ବାଦ ପଡ଼ିଥିଲା । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ଚୂଡ଼ାନ୍ତ ପ୍ରକ୍ରିୟାରେ ପ୍ରାୟ ୨୭.୧୬ ଲକ୍ଷ ଭୋଟରଙ୍କ ନାମ ବାଦ ପଡ଼ିଛି । କୌତୂହଳର କଥା ହେଉଛି ସେଥିରୁ ୨୨.୨୧ ଲକ୍ଷ ଭୋଟର ସେମାନଙ୍କ ନାମ ମତଦାତା ସୂଚୀରେ ପୁନଃସାମିଲ ପାଇଁ ଅପିଲ କରିଛନ୍ତି । ଏଥିରୁ ସ୍ପଷ୍ଟ ଯେ ଯେଉଁମାନଙ୍କ ନାମ ବାଦ ଦିଆଯାଇଛି, ସେମାନେ କଦାପି ଅଯୋଗ୍ୟ ନ ଥିଲେ । ଯଦି ଅଯୋଗ୍ୟ ଥିଲେ, ସେମାନଙ୍କ ନାମ ପୁନର୍ବାର ମତଦାତା ସୂଚୀରେ ସାମିଲ ପାଇଁ ଆଇନଗତ ଲଢ଼େଇକୁ ବାହାରିଲେ କାହିଁକି? ମୃତକ, ସ୍ଥାନାନ୍ତରିତ, ଦ୍ୱୈତ ଭାବେ ପଞ୍ଜିକୃତ ଓ ଅଯୋଗ୍ୟ ଭୋଟରଙ୍କ ନାମ ହଟାଇବା ଆବଶ୍ୟକ । କିନ୍ତୁ ସେହି ପ୍ରକ୍ରିୟାରେ ଜଣେ ଯୋଗ୍ୟ ନାଗରିକଙ୍କ ନାମ ଭୁଲବଶତଃ ବାଦ ପଡ଼ିଲେ ତାଙ୍କୁ ନୋଟିସ୍, ଉତ୍ତର ଦେବାର ସୁଯୋଗ, ପ୍ରମାଣ ଦାଖଲ ଓ ଆପିଲ୍‌ର ଅଧିକାର ଦେବା ହିଁ ନ୍ୟାୟସଙ୍ଗତ ପ୍ରକ୍ରିୟା ।

ଦିଲ୍ଲୀର ଏସ୍‌ଆଇଆର୍ ନେଇ ସୁପ୍ରିମକୋର୍ଟଙ୍କ ସାମ୍ପ୍ରତିକ ଟିପ୍ପଣୀ ମଧ୍ୟ ଏହି ପ୍ରଶ୍ନକୁ ଆଗକୁ ଆଣିଛି । ୩୩ ଲକ୍ଷରୁ ଅଧିକ ଭୋଟରଙ୍କୁ ଦିଆଯାଇଥିବା ନୋଟିସ ମଧ୍ୟରୁ ଏକ ବଡ଼ ଅଂଶ 'ମେକାନିକାଲ' ମନେ ହେବାର କାରଣକୁ ନେଇ ଅଦାଲତ ପ୍ରଶ୍ନ ଉଠାଇଛନ୍ତି । ଭୋଟରମାନେ ହ୍ୱାଟ୍ସଆପ୍ କିମ୍ବା ଇମେଲ୍ ମାଧ୍ୟମରେ ଉତ୍ତର ଦେଇପାରିବେ କି ନାହିଁ, ସେ ସମ୍ପର୍କରେ ନିର୍ବାଚନ କମିଶନ ଚିନ୍ତା କରିବା ଆବଶ୍ୟକ ବୋଲି ମଧ୍ୟ ମତ ଦେଇଛନ୍ତି ।

ଏହି ସମଗ୍ର ପରିସ୍ଥିତିରେ ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ସୁନିଶ୍ଚିତ କରିବା ନିର୍ବାଚନ କମିଶନଙ୍କ ସବୁଠାରୁ ବଡ଼ ଦାୟିତ୍ୱ । ଆମ ସମ୍ବିଧାନ ନିର୍ବାଚନ କମିଶନଙ୍କ ଉପରେ ଏକ ବିଶାଳ ଗୁରୁଦାୟିତ୍ୱ ନ୍ୟସ୍ତ କରିଛି । ସମ୍ବିଧାନର ଧାରା ୩୨୪ରେ ନିର୍ବାଚନ ପରିଚାଳନା, ନିୟନ୍ତ୍ରଣ ଓ ଦାୟିତ୍ୱର ସୂଚାରୁ ସମ୍ପାଦନ ନିମନ୍ତେ ନିର୍ବାଚନ କମିଶନଙ୍କୁ କ୍ଷମତା ଦେଇଛି । ତେଣୁ କମିଶନର ପ୍ରତିଟି ପଦକ୍ଷେପ କେବଳ ଆଇନଗତ ଭାବେ ଠିକ୍ ହେବା ଯଥେଷ୍ଟ ନୁହେଁ; ଜନସାଧାରଣଙ୍କ ଦୃଷ୍ଟିରେ ମଧ୍ୟ ପାରଦର୍ଶୀ ଓ ବିଶ୍ୱସନୀୟ ହେବା ଦରକାର । ମାତ୍ର ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାର ସମ୍ଭବତଃ ଏହାକୁ ବଜାୟ ରଖିବାରେ ଅକ୍ଷମ ହୋଇଛନ୍ତି । 'ସୁଖ' ଓ 'ବିବେକ' ଜ୍ଞାନେଶଙ୍କ ନିକଟରୁ ଦୂରେଇ ଯାଇଛନ୍ତି । ଦୁଇ ସହଯୋଗୀ ସୁଖବିନ୍ଦର ସିଂ ସାନ୍ଧୁ ଓ ବିବେକ ଯୋଶୀ ଏକାଧିକବାର ଉଠାଇଥିବା ପ୍ରଶ୍ନର ସ୍ୱଚ୍ଛ ଉତ୍ତରକୁ ଜ୍ଞାନେଶକୁମାର ସାର୍ବଜନୀନ କରିବା ଆବଶ୍ୟକ । ଗଣତନ୍ତ୍ରରେ ମତଭେଦ କଦାପି ଦୁର୍ବଳତା ନୁହେଁ; ଏହାର ପାରଦର୍ଶୀ ସମାଧାନ ହେଉଛି ଯେ କୌଣସି ପ୍ରତିଷ୍ଠାନର ଦାୟିତ୍ୱ ।

ନିର୍ବାଚନୀ ସଂସ୍କାରର ଅର୍ଥ କେବଳ ନୂଆ ସଫ୍ଟୱେର୍, କେନ୍ଦ୍ରୀକୃତ ଡାଟାବେସ୍ ବା ଡିଜିଟାଲ୍ ପ୍ରଯୁକ୍ତି ନୁହେଁ । ପ୍ରଯୁକ୍ତିକୁ ଆଗକୁ ବଢ଼ାଇବା ସହିତ ମାନବୀୟ ଯାଞ୍ଚ, ଆଇନଗତ ସୁରକ୍ଷା ଓ ନାଗରିକଙ୍କ ଶୁଣାଣିର ଅଧିକାରର ମଧ୍ୟ ଦୃଢ଼ୀକରଣ ହେବା ଆବଶ୍ୟକ । କାହିଁକି ନା ଭୋଟର ତାଲିକା କେବଳ ସାଧାରଣ ଡ଼ାଟାବେସ୍ ନୁହେଁ, ଏହା ଦେଶର କୋଟି ନାଗରିକଙ୍କ ଗଣତାନ୍ତ୍ରିକ ଅସ୍ତିତ୍ୱର ଦସ୍ତାବିଜ୍ । ଭୋଟର ତାଲିକାରେ ଯୋଗବିୟୋଗ ଏକ ସ୍ୱାଭାବିକ ଓ ନିରନ୍ତର ପ୍ରକ୍ରିୟା । ତେଣୁ ନିର୍ବାଚନ କମିଶନ ଯଦି ଏହି ଦୁଇ ଲକ୍ଷ୍ୟ ମଧ୍ୟରେ ସ୍ୱଚ୍ଛ ସନ୍ତୁଳନ ସ୍ଥାପନ କରିବାକୁ ସମର୍ଥ ହେଲେ ଦେଶବାସୀଙ୍କର ଆସ୍ଥା ପୁନର୍ଜୀବିତ ହେବ । ମାତ୍ର ନିର୍ବାଚନ କମିଶନ ଏ କ୍ଷେତ୍ରରେ 'ଚାପଗ୍ରସ୍ତ ପକ୍ଷଭୁକ୍ତ' ପରି ଆଚରଣ କରୁଛନ୍ତି । 'ସୁଖ' ଓ 'ବିବେକ'କୁ ଭୁଲି ଏକଦେଶଦର୍ଶୀ ନିଷ୍ପତ୍ତି ନେଉଥିବା ଅଭିଯୋଗ ହେଉଛି ।

ଗତ ୨୦୨୪ ନିର୍ବାଚନ ସମୟରେ ଦେଶର ୮୭ଟି ସଂସଦୀୟ କ୍ଷେତ୍ରରେ ପଡ଼ିଥିବା ଭୋଟ ଓ ଗଣନା ହୋଇଥିବା ଭୋଟରେ ପାର୍ଥକ୍ୟ ସମ୍ପର୍କରେ ଏଯାଏଁ ସ୍ପଷ୍ଟୀକରଣ ଦେବାରେ ମୁଖ୍ୟ ନିର୍ବାଚନ କମିଶନ ଅସମର୍ଥ ହୋଇଛନ୍ତି । କେବଳ ଓଡ଼ିଶାରେ ମତଦାନ ସମୟ ଅତିକ୍ରମ ପରେ ପଡ଼ିଥିବା ୪୨ ଲକ୍ଷ ଭୋଟ ଓ ୩୦ରୁ ଊର୍ଦ୍ଧ୍ୱ ନିର୍ବାଚନମଣ୍ଡଳୀରେ ଭୋଟ ଗଡ଼ବଡ଼ି ସଂକ୍ରାନ୍ତରେ ବିଜେଡିର ଆପତ୍ତିର ଉତ୍ତର ତଥ୍ୟ ନିର୍ବାଚନ କମିଶନ ପ୍ରଦାନ କରିନାହାନ୍ତି । କେବଳ ଓଡ଼ିଶା ନୁହେଁ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ତେଲଙ୍ଗାନା, ତାମିଲନାଡୁ, ବିହାର, ଦିଲ୍ଲୀ ଆଦି ରାଜ୍ୟରେ ମଧ୍ୟ ଏସ୍‌ଆଇଆର୍ ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କ ଅସ୍ୱଚ୍ଛ ଓ ପକ୍ଷପାତ ଭୂମିକା ସଂକ୍ରାନ୍ତ ଅଭିଯୋଗକୁ ଏହି ପରିପ୍ରେକ୍ଷୀରେ ଅମୂଳକ ବୋଲି କୁହାଯାଇପାରୁନାହିଁ ।

ଭୁବନେଶ୍ୱର, ମୋ: ୯୪୩୭୨୩୬୮୯୮

ୟୁପିଆଇ ଶୁଳ୍କନୀତିର ପ୍ରଭାବ

ମୋଜାଫର ଖାଁ

ଆଜି ପର୍ଯ୍ୟନ୍ତ ସାଧାରଣ ଧାରଣା ରହିଥିଲା ଯେ 'ୟୁନିଫାଇଡ୍ ପେମେଣ୍ଟସ ଇଣ୍ଟରଫେସ' (ୟୁପିଆଇ) ମାଧ୍ୟମରେ କାରବାର କରିବା ସମ୍ପୂର୍ଣ୍ଣ ମାଗଣା ଏବଂ ଏହି ବ୍ୟବସ୍ଥା ଏମିତି ଚାଲୁ ରହିବ । ମାତ୍ର ଭାରତ ସରକାରଙ୍କ ନୂତନ ନିୟମାବଳୀ ପରେ ଏହି ସ୍ଥିତି ବଦଳିବାକୁ ଯାଉଛି । ୧୫ ଅକ୍ଟୋବର ୨୦୨୬ ରୁ ସମସ୍ତ ବ୍ୟାବସାୟିକ କାରବାର ସମ୍ପୂର୍ଣ୍ଣ ମାଗଣା ରହିବ ନାହିଁ । ଯଦିଓ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ହେଉଥିବା ଆଦାନପ୍ରଦାନ ଉପରେ କୌଣସି ଶୁଳ୍କ ଲାଗିବ ନାହିଁ ଏବଂ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟାବସାୟିକ କାରବାର ମଧ୍ୟ ଶୁଳ୍କମୁକ୍ତ ରହିବ; କିନ୍ତୁ ଦୁଇ ହଜାର ଟଙ୍କାରୁ ଅଧିକ ବ୍ୟାବସାୟିକ କାରବାର ଉପରେ ଶୁଳ୍କ ଲାଗୁ ହେବ । ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ଶୁଳ୍କ ଗ୍ରାହକଙ୍କଠାରୁ ଅଲଗା ଭାବେ ନିଆଯିବ ନାହିଁ କିମ୍ବା ଏହାକୁ କଟାଯିବ ନାହିଁ । ତଥାପି ଏହି ନିଷ୍ପତ୍ତି ଏକ ବଡ଼ ପ୍ରଶ୍ନ ଛିଡ଼ା କରିଛି ଯେ, ଯେଉଁ ୟୁପିଆଇକୁ ଦେଶର ସବୁଠାରୁ ବଡ଼ ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମି ଭାବେ ଗଢ଼ାଯାଇଥିଲା, ତାହାର ପରିଚାଳନା ଖର୍ଚ୍ଚର ବୋଝ ଏବେ କାହା ଉପରେ ଓ କିପରି ପଡ଼ିବ? ସିଙ୍ଗାପୁର, ଫ୍ରାନ୍ସ, ୟୁଏଇ ଓ ଶ୍ରୀଲଙ୍କା ଭଳି ବିଶ୍ୱର ଅନେକ ଦେଶ ଆଜି ଭାରତର ୟୁପିଆଇକୁ ଆପଣେଇବାରେ ବ୍ୟସ୍ତ । କିନ୍ତୁ ପ୍ରଶ୍ନ ଉଠୁଛି, ଭାରତ ନିଜର ଏହି ସଫଳ ଡିଜିଟାଲ୍ ଆବିଷ୍କାରକୁ ଏକ ସୁଦୃଢ଼ କୂଟନୈତିକ ଏବଂ ଅର୍ଥନୈତିକ ନୀତିରେ ପରିଣତ କରିବାରେ ପୂର୍ଣ୍ଣ ସଫଳ ହୋଇପାରିଛି କି?

ୟୁପିଆଇ ହେଉଛି ସେହି ପରିବର୍ତ୍ତନର କାହାଣୀ, ଯାହା ଭାରତରେ କାରବାରର ଶୈଳୀକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି । ୧୧ ଏପ୍ରିଲ ୨୦୧୬ ରେ ୨୧ ଟି ବ୍ୟାଙ୍କ ସହ ୟୁପିଆଇର ଶୁଭାରମ୍ଭ ହୋଇଥିଲା । ଅଗଷ୍ଟ ୨୦୧୬ ରେ ପ୍ରାୟ ୯୦ ହଜାର ଟଙ୍କାର କାରବାର ହୋଇଥିଲା । ଆରମ୍ଭ ଅତି ସାଧାରଣ ଥିଲେ ମଧ୍ୟ ଘଟଣାବଳୀ ଅସାଧାରଣ ଗତି ଧରିଲା । ୮ ନଭେମ୍ବର ୨୦୧୬ ରେ ନୋଟବନ୍ଦୀରେ ୫୦୦ ଓ ୧୦୦୦ ଟଙ୍କିଆ ପୁରୁଣା ନୋଟ୍ ଅଚଳ ଘୋଷଣା କରାଗଲା । ଏହାପରେ କାଗଜ ନୋଟର ଉପଲବ୍ଧତା ହଠାତ୍ ସୀମିତ ହୋଇଗଲା ଏବଂ ଡିଜିଟାଲ କାରବାର ପାଇଁ ଏକ ବିଶାଳ ନୂଆ ବଜାର ପ୍ରସ୍ତୁତ ହେଲା । ପେଟିଏମ୍ ଭଳି ଡିଜିଟାଲ ପ୍ଲାଟଫର୍ମଗୁଡ଼ିକ ପ୍ରଚୁର ଅଭିବୃଦ୍ଧି ହାସଲ କଲେ । ସେତେବେଳେ ସେମାନେ ନିଜ କାରବାର ଓ ବ୍ୟବହାରକାରୀଙ୍କ ସଂଖ୍ୟାରେ ବହୁଗୁଣିତ ବୃଦ୍ଧି ଦାବି କରିଥିଲେ । ଡିଜିଟାଲ କାରବାର କେବଳ ସୁବିଧାର ବିକଳ୍ପ ନ ହୋଇ ଦୈନନ୍ଦିନ ଆର୍ଥିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗରେ ପରିଣତ ହେବାରେ ଲାଗିଲା । ଏହାପରେ ୟୁପିଆଇ କ୍ରମାଗତ ଭାବେ ନୂଆ ସଫଳତା ହାସଲ କରିବାକୁ ଲାଗିଲା । 'ଭାରତପେ' ସେ ସମୟରେ 'ୟୁପିଆଇ'କୁ ଆହୁରି ସହଜ ମାଧ୍ୟମରେ ବ୍ୟବହାରଯୋଗ୍ୟ କରିଥିଲା । ଅକ୍ଟୋବର ୨୦୧୯ ରେ ଗୋଟିଏ ମାସରେ ୧୦୦ କୋଟିରୁ ଅଧିକ କାରବାରର ଅଭିଲେଖ ସୃଷ୍ଟି ହେଲା । ଫେବୃଆରୀ ୨୦୨୦ ରେ ଏହା ପ୍ରାୟ ୧.୩୨ ବିଲିଅନରେ ପହଞ୍ଚିଲା । ତା'ପରେ କରୋନା ମହାମାରୀ ଓ ଦେଶବ୍ୟାପୀ ଲକଡାଉନ୍ ଲୋକଙ୍କ କାରବାର ଶୈଳୀକୁ ଆହୁରି ବଦଳାଇ ଦେଲା । ଏପ୍ରିଲ ୨୦୨୦ରେ ବି 'ୟୁପିଆଇ'ରେ ପାଖାପାଖି ୧ ବିଲିଅନ୍ କାରବାର ହୋଇଥିଲା । ଏହାପରେ ଅକ୍ଟୋବର ୨୦୨୦ ରେ ଏହି ସଂଖ୍ୟା ୨ ବିଲିଅନକୁ ଡେଇଁଗଲା । ୨୦୨୫ ରୁ ୨୦୨୬ ମଧ୍ୟରେ ଦେଶର ମୋଟ ଡିଜିଟାଲ କାରବାରରେ ୟୁପିଆଇର ଅଂଶଗ୍ରହଣ ୮୪ ପ୍ରତିଶତରେ ପହଞ୍ଚି ଯାଇଛି । ଜୁଲାଇ ୨୦୨୬ ରେ ହିଁ ୟୁପିଆଇ ମାଧ୍ୟମରେ ପ୍ରାୟ ୨୩.୬୬ ବିଲିଅନ କାରବାର ହୋଇଥିଲା ଯାହାର ମୋଟ ମୂଲ୍ୟ ୨୯.୮୮ ଲକ୍ଷ କୋଟି ଟଙ୍କା ।

ୟୁପିଆଇ ବ୍ୟବହାରକାରୀଙ୍କ ପାଇଁ ଏବେ ବି ପ୍ରାୟ ମାଗଣା ଅଛି; କିନ୍ତୁ ଏହାକୁ ପରିଚାଳନା କରିବା ମାଗଣା ନୁହେଁ । ଏହା ପଛରେ ସର୍ଭର, ବୈଷୟିକ ଭିତ୍ତିଭୂମି, ସାଇବର ସୁରକ୍ଷା, ଠକେଇ ରୋକିବା ବ୍ୟବସ୍ଥା, ବ୍ୟାଙ୍କିଙ୍ଗ୍ ନେଟୱର୍କ, ଗ୍ରାହକ ସେବା ଏବଂ କ୍ରମାଗତ ବୃଦ୍ଧି ପାଉଥିବା କାରବାର ସମ୍ଭାଳିବା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥାଏ । ପାର୍ଲାମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ସମ୍ମୁଖରେ ରଖାଯାଇଥିବା ଆକଳନ ଅନୁସାରେ ୟୁପିଆଇ ପରିଚାଳନାର ଆନୁମାନିକ ବାର୍ଷିକ ଖର୍ଚ୍ଚ ପ୍ରାୟ ୨୦, ୭୦୦ କୋଟି ଟଙ୍କା, ଯେଉଁଠି ୨୦୨୬-୨୭ ପାଇଁ ସରକାର ପ୍ରାୟ ଦୁଇ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି । ୟୁପିଆଇର ଭିତ୍ତିଭୂମି ଭାରତ ତିଆରି କରିଛି, କିନ୍ତୁ ଏହାର ସବୁଠାରୁ ବଡ଼ ବଜାର ଘରୋଇ କମ୍ପାନୀଙ୍କ ହାତରେ ରହିଛି । ଆଜି ବିଦେଶୀ କମ୍ପାନୀଗୁଡ଼ିକ ଭାରତର ଡିଜିଟାଲ୍ କାରବାର ଦ୍ୱାରା ଲାଭାନ୍ୱିତ ହେଉଛନ୍ତି । ଏହାକୁ ନେଇ ପ୍ରଶ୍ନ ଉଠୁଛି । ସରକାର 'ଭୀମ୍' ଆପ୍ ତିଆରି କଲେ, ସାର୍ବଜନୀନ ବ୍ୟାଙ୍କଗୁଡ଼ିକ ପାଖରେ କୋଟି କୋଟି ଗ୍ରାହକ ଥିଲେ ଏବଂ ଏସବିଆଇ 'ୟୋନୋ'ଭଳି ମଞ୍ଚ ଛିଡ଼ା କଲା । ତଥାପି ସେଗୁଡ଼ିକ ପଛରେ ରହିଗଲେ । ବ୍ୟାଙ୍କ ଡିଜିଟାଲ କାରବାର ଦୌଡ଼ରେ ପଛରେ ପଡ଼ିଗଲା । ବିଦେଶୀ କମ୍ପାନୀଗୁଡ଼ିକ କ୍ୟାଶବାକ୍ ଦେଇ ଲୋକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିଲେ ।

ସରକାରଙ୍କ ଅନୁସାରେ ପ୍ରାୟ ୯୬ ପ୍ରତିଶତ ବ୍ୟାବସାୟିକ ଆଦାନପ୍ରଦାନ ନୂଆ ନୀତି ଦ୍ୱାରା ପ୍ରଭାବିତ ହେବ ନାହିଁ । କିନ୍ତୁ ଦୁଇ ହଜାର ଟଙ୍କାରୁ ଅଧିକ କେତେକ ନିର୍ଦ୍ଧାରିତ ବ୍ୟାବସାୟିକ କାରବାର ଉପରେ ୦.୪ ପ୍ରତିଶତ ଶୁଳ୍କ ଲାଗିବ । ବ୍ୟବସାୟୀ ଏହି ଶୁଳ୍କ ସିଧାସଳଖ ଗ୍ରାହକଙ୍କଠାରୁ ଆଦାୟ କରିପାରିବେ ନାହିଁ । କିନ୍ତୁ ଆର୍ଥିକ ବ୍ୟବହାର ଏତେ ସହଜ ନୁହେଁ । ବ୍ୟବସାୟୀ ଏହି ଖର୍ଚ୍ଚକୁ ଅନ୍ୟ କୌଣସି ପରିଚାଳନା ଖର୍ଚ୍ଚ ସହ ସାମିଲ କରିପାରନ୍ତି କିମ୍ବା ଭବିଷ୍ୟତରେ ମୂଲ୍ୟ ବୃଦ୍ଧି କରିବାକୁ ବିଚାର କରିପାରନ୍ତି । ଯଦିଓ ଏବେଠାରୁ କହିବା ଭୁଲ୍ ହେବ ଯେ ଏହାଦ୍ୱାରା ମୁଦ୍ରାସ୍ଫୀତି ବଢ଼ିବ, କିନ୍ତୁ ଏହି ପ୍ରଶ୍ନ ନିଶ୍ଚିତ ଯେ କ୍ରମାଗତ ବୃଦ୍ଧି ପାଉଥିବା ଡିଜିଟାଲ କାରବାର ଖର୍ଚ୍ଚର ଅନ୍ତିମ ଆର୍ଥିକ ବୋଝ କାହା ଉପରେ ପଡ଼ିବ । ଏହାଠାରୁ ବଡ଼ ପ୍ରଶ୍ନ ହେଉଛି, ଶୁଳ୍କ ଲାଗିବା ପରେ ବ୍ୟବସାୟୀମାନେ ଡିଜିଟାଲ କାରବାରକୁ ପୂର୍ବଭଳି ସହଜରେ ଆପଣେଇବେ ତ? ଯଦି କୌଣସି ପେମେଣ୍ଟ ମାଧ୍ୟମକୁ ବ୍ୟବସାୟୀ ଏକ ନିୟମିତ ଖର୍ଚ୍ଚ ଭାବେ ଦେଖିବେ ତେବେ ସେ ଅନ୍ୟ ମାଧ୍ୟମକୁ ପ୍ରାଥମିକତା ଦେବାକୁ ଚେଷ୍ଟା କରିବେ ନାହିଁ ତ? ଡର ଏହା ନୁହେଁ ଯେ ଗ୍ରାହକଙ୍କଠାରୁ ସିଧାସଳଖ ଶୁଳ୍କ ନିଆଯିବ, ଡର ଏହା ଯେ ବ୍ୟବସାୟୀଙ୍କ ବ୍ୟବହାରରେ ପରିବର୍ତ୍ତନ ଗ୍ରାହକଙ୍କ ବ୍ୟବହାରକୁ ବଦଳାଇ ନଦେଉ ।

ତରିକୁନ୍ଦ (ଜଗତସିଂହପୁର), ମୋ: ୬୩୭୦୦୦୧୫୭୦

ମାଛମୁଣ୍ଡରେ ବିଷ୍ଣୁତିଳକ

ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ପୂର୍ବପ୍ରକାଶିତ ଉତ୍ତାରୁ...

ମତ୍ସ୍ୟପୂଜନ ପରମ୍ପରାକୁ ଉଜ୍ଜୀବିତ କରି ରଖିଥିବା ଆଉ ଗୋଟିଏ ପବିତ୍ର ପୀଠ ହେଉଛି ମତ୍ସ୍ୟଗିରି ଲକ୍ଷ୍ମୀନୃସିଂହ ସ୍ୱାମୀ ମନ୍ଦିର । ତେଲେଙ୍ଗାନାର ଭଲିଗୋଣ୍ଡା ମଣ୍ଡଳର ଭେଙ୍କଟପୁରମ୍‌ରେ ଅବସ୍ଥିତ ଏକ ପାହାଡ଼କୁ ଭକ୍ତମାନେ ଶ୍ରୀବିଷ୍ଣୁଙ୍କ ମତ୍ସ୍ୟ ଅବତାର ଭାବେ ମାନ୍ୟତା ଦେଇଥିବାରୁ ଏହି ମନ୍ଦିରର ନାମ 'ମତ୍ସ୍ୟଗିରି' ଭାବେ ନାମିତ ହୋଇଛି । ପୂର୍ବରୁ ଏହି ସ୍ଥାନ 'ଭେମ୍ବୁଲ୍ଲା' ନାମରେ ପରିଚିତ ଥିଲା । କିମ୍ବଦନ୍ତୀ ଅନୁସାରେ ଏହି ସ୍ଥାନର ଶାନ୍ତସ୍ନିଗ୍ଧ ପରିବେଶରେ ଆକୃଷ୍ଟ ହୋଇ ଋଷିମୁନିମାନେ ତପସ୍ୟା ପାଇଁ ଆସିଥିଲେ । କିନ୍ତୁ କିଛିଦିନ ପରେ ଦୁଷ୍ଟଆତ୍ମାମାନେ ତପସ୍ୟାରେ ବିଘ୍ନ ସୃଷ୍ଟି କଲେ । ଏଥିରୁ ମୁକ୍ତି ପାଇଁ ମୁନିଋଷିମାନେ ନୃସିଂହ ସ୍ୱାମୀଙ୍କୁ ପ୍ରାର୍ଥନା କଲେ । ଶ୍ରୀବିଷ୍ଣୁ ନୃସିଂହ ସ୍ୱରୂପରେ ଦର୍ଶନ ଦେଇ ଦୁଷ୍ଟଆତ୍ମାଙ୍କ ବିନାଶ କଲେ ଏବଂ ତାଙ୍କ ପାଦରୁ କ୍ଷରଣ ହେଉଥିବା ପବିତ୍ର ଜଳରେ ପାହାଡ଼ର କୁଣ୍ଡ ଜଳମଗ୍ନ ହୋଇଥିଲା । ଏହାପରେ ସ୍ୱୟଂଭୂ ଶାଳଗ୍ରାମଙ୍କର ଦର୍ଶନ ମିଳିଥିଲା । କ୍ଷେତ୍ରରକ୍ଷକ ଭାବେ ଏଠାରେ ଶ୍ରୀବିଷ୍ଣୁଙ୍କୁ 'ଅଞ୍ଜନେୟ ସ୍ୱାମୀ' ଭାବେ ପୂଜା କରାଯାଉଛି । କୁଣ୍ଡର ନାମ ହେଉଛି 'ନାମୁଲୁ ଗୁଣ୍ଡମ' । ସମୁଦ୍ର ପତ୍ତନଠାରୁ ୩ ହଜାର ଫୁଟ ଉପରେ ଥିବା ଏହି କୁଣ୍ଡର ଜଳ କେବେ ମଧ୍ୟ ଶୁଖେନାହିଁ, ଯାହାକି ବେଶ୍ ରହସ୍ୟମୟ । ଅଭିଷେକ, ପୂଜା ଏବଂ ତୀର୍ଥ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ପ୍ରଥମେ ଏହି କୁଣ୍ଡରେ ଥିବା ମାଛମାନଙ୍କୁ ଦର୍ଶନ କରିଥା'ନ୍ତି, ଯାହାକୁ 'ଭେମୁଲାକୋଣ୍ଡା' କୁହାଯାଏ । ବିଶ୍ୱାସ ରହିଛି ଯେ, ଏହି ମାଛମାନେ ସ୍ୱୟଂ ନାରାୟଣଙ୍କ ସ୍ୱରୂପ ଭାବେ ଏଠାରେ ରହିଛନ୍ତି । ଅଲୌକିକ ଭାବେ ପ୍ରତ୍ୟେକ ମାଛର ମୁଣ୍ଡରେ ବିଷ୍ଣୁତିଳକ ବା ଊର୍ଦ୍ଧ୍ୱପୁଣ୍ଡ୍ରର ଚିହ୍ନ ରହିଛି । ତେଣୁ ଏହି ମାଛମାନଙ୍କୁ 'ବିଷ୍ଣୁ ମାଛ' ବୋଲି କୁହାଯାଏ । କୁଣ୍ଡ ନିକଟରେ ହିଁ ମନ୍ଦିରଟି ଅଛି । ତେଣୁ ଶ୍ରୀବିଷ୍ଣୁ ଏଠାରେ ଉଭୟ ନୃସିଂହ ଓ ମତ୍ସ୍ୟ ଅବତାରରେ ପୂଜା ପାଇ ଆସୁଛନ୍ତି ।

ମନ୍ଦିର ପରିସରରେ ଥିବା ଗୋଟିଏ ଆମ୍ବଗଛକୁ 'ଅକ୍ଷୟବୃକ୍ଷ' ବୋଲି କୁହାଯାଉଛି । ବିଶ୍ୱାସ ରହିଛି ଯେ, ପୁଷ୍କରିଣୀରେ ସ୍ନାନ କରି ମନ୍ଦିରରେ ବିଧିବିଧାନର ସହ ପୂଜାର୍ଚ୍ଚନା କରିବା ଏବଂ ବିଷ୍ଣୁମାଛକୁ ଦର୍ଶନ କରିବା ପରେ ଅକ୍ଷୟବୃକ୍ଷରେ ସମ୍ପୂର୍ଣ୍ଣ କତା ଛଡ଼ା ଯାଇଥିବା ନଡ଼ିଆକୁ ଭାଙ୍ଗିବା ଦ୍ୱାରା ନିଃସନ୍ତାନ ଦମ୍ପତି ଉତ୍ତମ ସନ୍ତାନ ପ୍ରାପ୍ତ କରିଥା'ନ୍ତି । ଏହାବ୍ୟତୀତ ଶ୍ରାବଣ, ଭାଦ୍ରବ ଓ କାର୍ତ୍ତିକ ମାସରେ ଲକ୍ଷ୍ମୀନୃସିଂହ ସ୍ୱାମୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଥିବାରୁ ଏଠାରେ ଅଧିକ ଜନଗହଳି ଦେଖାଯାଏ । ସାଧାରଣ ଦିନ ଅପେକ୍ଷା ଶନିବାର, ରବିବାର, ପଞ୍ଚମୀ, ସପ୍ତମୀ ଓ ଦଶମୀ ତିଥିରେ ମନ୍ଦିରକୁ ଅଧିକ ଭକ୍ତ ଆସିଥା'ନ୍ତି । ଏହି ଦିନମାନଙ୍କରେ ଲକ୍ଷ୍ମୀ-ନୃସିଂହ ସ୍ୱାମୀଙ୍କ ପୂଜାର୍ଚ୍ଚନା କଲେ ରୋଗବ୍ୟାଧି ଦୂର ହୁଏ, ଦୁଷ୍ଟଆତ୍ମା ଓ ଶତ୍ରୁ ସିଂହାର ହୁଏ ଏବଂ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ । କୁଣ୍ଡର ଜଳ ଦୈବୀଶକ୍ତିରେ ପରିପୂର୍ଣ୍ଣ ହୋଇଥିବାରୁ ଏହାକୁ ସେବନ କରିବା ଦ୍ୱାରା ରୋଗବ୍ୟାଧି ଦୂର ହେବା ସହିତ ଜମିରେ କିଛିବୁନ୍ଦା ପକାଇବା ଦ୍ୱାରା ଭଲ ଫସଲ ଅମଳ ହୋଇଥାଏ ବୋଲି ଦୃଢ଼ ବିଶ୍ୱାସ ରହିଛି ।

ଦକ୍ଷିଣ ବେଙ୍ଗାଲୁରୁର ରାଜରାଜେଶ୍ୱର ନଗର ନିକଟସ୍ଥ 'ଓଁକାର ହିଲ୍‌ସ'ରେ ଓଁକାର ଆଶ୍ରମ ପରିସରରେ ଅବସ୍ଥିତ 'ମତ୍ସ୍ୟ ନାରାୟଣ ସ୍ୱାମୀ' ମନ୍ଦିର ମଧ୍ୟ ମତ୍ସ୍ୟ ପୂଜନର ଅନନ୍ୟ ପବିତ୍ର ପୀଠ । କର୍ଣ୍ଣାଟକର ଏହି ଏକମାତ୍ର ବିଷ୍ଣୁମନ୍ଦିର ଭଗବାନ ଶ୍ରୀବିଷ୍ଣୁଙ୍କର ପ୍ରଥମ ଅବତାର (ମୀନ) ସ୍ୱରୂପକୁ ସମର୍ପିତ । ଏହି ମନ୍ଦିରରେ ପୂଜା ପାଉଥିବା ବିଷ୍ଣୁ ପ୍ରତିମାଙ୍କ ଊର୍ଦ୍ଧ୍ୱ ଶରୀର ଚତୁର୍ଭୁଜ ଏବଂ ନିମ୍ନ ଶରୀର ମୀନ ରୂପରେ ବିଦ୍ୟମାନ । ପ୍ରତିବର୍ଷ ଚୈତ୍ର ଶୁକ୍ଳ ପକ୍ଷ ତୃତୀୟା (ମାର୍ଚ୍ଚ-ଏପ୍ରିଲ୍)ରେ ପାଳନ କରାଯାଉଥିବା 'ମତ୍ସ୍ୟ ଜୟନ୍ତୀ' ମନ୍ଦିରର ମୁଖ୍ୟ ଉତ୍ସବ ।

ମତ୍ସ୍ୟ ଅବତାରଙ୍କୁ ସମର୍ପିତ ଅନ୍ୟଏକ ମନ୍ଦିର ହେଉଛି ଚେନ୍ନାଇର ଉଠାଣ୍ଡି ସମୁଦ୍ର ତଟରେ ମଣିମୟ ସ୍ତମ୍ଭ ପରିବେଷ୍ଟିତ ସ୍ଥାନରେ ଅବସ୍ଥିତ 'ମୀନ ଅବତାର' ମନ୍ଦିର । ଦଶ ଏକର ପରିବ୍ୟାପ୍ତ ଏହି ମନ୍ଦିରଟି ଚିନ୍ମୟ ମିଶନ ଦ୍ୱାରା ୨୦୧୫ ମସିହାରେ ପ୍ରତିଷ୍ଠା କରାଯାଇଛି । ଆଚାର୍ଯ୍ୟ ଚିନ୍ମୟାନନ୍ଦଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଗୁରୁ ତେଜୋମୟାନନ୍ଦ ଜୀ ଏହାର ଉଦଘାଟନ କରିଥିଲେ । ଏହି ସ୍ଥାନଟିରେ ଭଗବାନ ମୀନ ଅବତାରଙ୍କ ବିଗ୍ରହ ସ୍ଥାପନ କରି ପୂଜା କରାଯାଉଛି । ପ୍ରଳୟ ଜଳରୁ ବୈବସ୍ୱତ ମନ୍ୱନ୍ତରରେ ରାଜା ସତ୍ୟବ୍ରତ ଉଦ୍ଧାର କରିଥିବା ନୂତନ ସୃଷ୍ଟିର ବୀଜ ଉପାଦାନଗୁଡ଼ିକୁ ଏକ ନୌକାରେ ଧରି ଅସହାୟ ଭାବରେ ଶ୍ରୀବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ । ଶ୍ରୀବିଷ୍ଣୁ ତାଙ୍କର ପ୍ରାର୍ଥନା ଶୁଣିବା ପରେ ମୀନ ଅବତାରରେ ପ୍ରକଟ ହୋଇ ତାଙ୍କୁ ପ୍ରଳୟ ଜଳରୁ ଉଦ୍ଧାର କରିଥିବାର କାହାଣୀ ଏହି ମନ୍ଦିର ସହିତ ଜଡ଼ିତ । (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

ଢେଙ୍କାନାଳରେ ଏଏନ୍‌ଟିଏଫ୍‌ର ଚଢ଼ଉ

କାଜୁ ଜଙ୍ଗଲରେ ଗଞ୍ଜେଇ ଗୋଦାମ ଠାବ

ଦୁଇଶହ କିଲୋ ଗଞ୍ଜେଇ ଜବତ

ଭୁବନେଶ୍ୱର, ୨୪।୯(ସମିସ): ଢେଙ୍କାନାଳରେ ଗଞ୍ଜେଇ ଗୋଦାମ ଠାବ କରିଛି ଆଣ୍ଟି-ନାର୍କୋଟିକ୍ସ ଟାସ୍କଫୋର୍ସ (ଏଏନ୍‌ଟିଏଫ୍)। କାଜୁ ଜଙ୍ଗଲରେ ଚଢ଼ଉ କରି ଦୁଇ ଶହ କିଲୋ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଡକାରିମୁଣ୍ଡାର ମଧୁସୂଦନ କହଁର (୨୮)। ସୂଚନା ଅନୁସାରେ, ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ଗଞ୍ଜେଇ ଗଚ୍ଛିତ ଥିବା ନେଇ ଆଣ୍ଟି-ନାର୍କୋଟିକ୍ସ ଟାସ୍କଫୋର୍ସ (ଏଏନ୍‌ଟିଏଫ୍) ଖବର ପାଇଥିଲା। ଏଏନ୍‌ଟିଏଫ୍‌ର ସ୍ୱତନ୍ତ୍ର ଟିମ୍ ଢେଙ୍କାନାଳ ଜିଲ୍ଲା କାମଧେନୁ କୋଟାର ଗ୍ରାମାଞ୍ଚଳ ଶିଳ୍ପାଞ୍ଚଳ ପାର୍କ ନିକଟରେ ଚଢ଼ଉ କରିଥିଲା। ରାହି ଇନ୍‌ଫ୍ରାଟେକ୍ ସାମ୍ନାରୁ ୫ ବସ୍ତା ଗଞ୍ଜେଇ ଜବତ କରିବା ସହ ମଧୁସୂଦନକୁ ଅଟକ ରଖିଥିଲା। ପ୍ରତ୍ୟେକ ବସ୍ତାରେ ୪୦ କିଲୋ ଲେଖାଏଁ ଗଞ୍ଜେଇ ଥିବା ଓଜନ ପରେ ଜଣାପଡ଼ିଥିଲା। ମଧୁସୂଦନ ଗଞ୍ଜେଇ ଚାଲାଣକାରୀ ଭାବେ କାମ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ଢେଙ୍କାନାଳ ଆଣି ଗଚ୍ଛିତ ରଖୁଥିଲା। ପରେ ଏଠାରୁ ଅନ୍ୟ ରାଜ୍ୟକୁ ଚାଲାଣ କରିବାକୁ ଯୋଜନା କରିଥିବା ବେଳେ ଏଏନ୍‌ଟିଏଫ୍ ମାଡ଼ି ବସିଥିଲା। ଏନେଇ ଏସଟିଏଫ୍ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ମଧୁସୂଦନକୁ ଗିରଫ କରିଛି। ଗଞ୍ଜେଇର ଉତ୍ସ, ପରିବହନ ରାସ୍ତା, ଚାଲାଣ ହେବାକୁ ଥିବା ସ୍ଥାନ ଓ କାରବାର ସହ ସମ୍ପୃକ୍ତ ଅନ୍ୟମାନଙ୍କ ବିଷୟରେ ତଦନ୍ତ ଚଳାଇଛି।

ଚିଲିକାରେ ବୁଡ଼ି ଜଣେ ମୃତ

ବ୍ରହ୍ମଗିରି,୨୪।୯(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦରେ ବାତ୍ୟା 'ଅର୍ଣ୍ଣବ' ରଚିଲା ତାଣ୍ଡବ। ଗଭୀର ଅବପାତ ପ୍ରଭାବରେ ପ୍ରବଳ ତୋଫାନ ସାଙ୍ଗକୁ ଲଗାତର ବର୍ଷା ନଷ୍ଟ କରିଦେଇଛି ଧନ ଜୀବନ। ମାଛ ଧରିବାକୁ ଯାଇଥିବା ଅଁଳାକୁଦା ଗ୍ରାମର ମୂଳିରାମ ପରିଡ଼ା ଚିଲିକା ଜଳରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ସେହିଭଳି ମାଲୁଦ ଚିଲିକା ନୂଆସାହିରେ ଏକ ବିରାଟ ଗଛ ଉପୁଡ଼ି ଘର ଉପରେ ପଡ଼ିବାରୁ ବିଜୟ କୁମାର ସେଠୀ ଓ ପଞ୍ଚାନନ ସେଠୀଙ୍କ ଘର ଭାଙ୍ଗିଥିବା ଜଣାପଡ଼ିଛି। ବିଜୟଙ୍କ ଘରେ ଗୋଟିଏ ବର ଗଛ ଓ ନଡ଼ିଆ ଗଛ ପଡ଼ି ଆଜ୍‌ବେଷ୍ଟସ ଭାଙ୍ଗି ଘରେ ନଡ଼ିଆ ପଡିଛି। ଖଟରେ ସ୍ୱାମୀ-ସ୍ତ୍ରୀ ଶୋଇଥିବାବେଳେ ଅଳ୍ପକେ ବଞ୍ଚିଯାଇଛନ୍ତି।

ଦୁଇ ଦିନ ହେବ ବର୍ଷା ପବନ ଲାଗାତର ଚାଲିଛି। ବର୍ଷା ପାଣିରେ କୃଷ୍ଣପ୍ରସାଦ ବ୍ଲକ୍ ଗିଳିନାସି ଗାଁ ଦାଣ୍ଡରେ ପାଣି ଭର୍ତ୍ତି ହୋଇ ଘରେ ପାଣି ପଶିଯାଇଛି। ଖବର ପାଇ ମାଲୁଦ ଦମକଳ ବାହିନୀ ପହଞ୍ଚି ପମ୍ପ୍ ଦ୍ୱାରା ପାଣି ନିଷ୍କାସନ କରୁଛି। ଗିଳିନାସି ପାଣି ସମ୍ପୂର୍ଣ୍ଣ ନିଷ୍କାସନ ପରେ ମାଲୁଦ ଚିଲିକା ନୂଆସାହିର ଘରେ ପଡ଼ିଥିବା ଗଛକୁ କାଟି ବାହାର କରିବେ ବୋଲି ମୁଖ୍ୟ ଆଗ୍ନିକ କହିଛନ୍ତି। ସେହିଭଳି ଶ୍ରୀରାମପୁର ଚିଲିକାରେ ପାଣି ବୃଦ୍ଧି ହୋଇ ବିଦ୍ୟାଳୟ ଗୃହରେ ପାଣି ଲହଡ଼ି ମାରୁଥିବା ଜଣାଯାଇଛି। ଜଳ ନିଷ୍କାସନର ବ୍ୟବସ୍ଥା ନ ଥିବା ଯୋଗୁଁ ମାଲୁଦ କରଣସାହି ଯିବା ରାସ୍ତା ଏବଂ ମାଲୁଦ ପ୍ରାଥମିକ ବିଦ୍ୟାଳୟ ରାସ୍ତାରେ ପାଣି ଲହଡ଼ି ମାରୁଛି।

ହଜିଛି

ମୁଁ ବିନୋଦିନୀ ବେହେରା, ସ୍ୱାମୀ : ସୁବାଷ ଚନ୍ଦ୍ର ବେହେରା, ଠିକଣା: ନାକଚି, ଖୋଲାଡାଙ୍ଗିଆନି, ଆଠମଲ୍ଲିକ, ଅନୁଗୋଳ, ଓଡ଼ିଶା, ଏତଦ୍ୱାରା ଘୋଷଣା କରୁଛି ଯେ ଆଠମଲ୍ଲିକରୁ ମୋର କାର୍ଯ୍ୟାଳୟ 'ସାନହୁଲ୍ଲା'କୁ ଦୁଇଚକିଆ ଗାଡ଼ିରେ ଆସିବା ସମୟରେ ତାରିଖ . ୦୯.୦୯.୨୦୨୬, ପୂର୍ବାହ୍ନ ୧୧:୩୦ ରୁ ମଧାହ୍ନ ୧୨:୦୦ ମଧରେ ମୋର ମୂଳ ଆଇନଗତ କାଗଜପତ୍ର, ଅର୍ଥାତ୍ ପଞ୍ଜୀକୃତ ବିକ୍ରୟ ଦଲିଲ୍ (ନଂ- ୧୦୦୨୧୧୦୦୬୦୦, SRO-ଆଠମଲ୍ଲିକ, ମୌଜା-ସାନହୁଲ୍ଲା, ତାରିଖ-୧୭.୦୮.୨୦୧୧) ହଜିଯାଇଛି। ଏ ସମ୍ପର୍କରେ ମୁଁ ହାଣ୍ଡପା ଥାନାର ଆଇ.ଆଇ.ସି. (IIC) ଙ୍କୁ ଅବଗତ କରାଇଛି। ଯଦି କୌଣସି ବ୍ୟକ୍ତି ଏହି ହଜି ଯାଇଥିବା ଦଲିଲ୍ ପାଆନ୍ତି, ତେବେ ଦୟାକରି ମୋର ମୋବାଇଲ୍ ନମ୍ବର ୯୩୪୮୮୪୭୯୯୬ ଏବଂ ୯୭୭୮୧୩୧୬୪୦ରେ ଜଣାଇବାକୁ ଅନୁରୋଧ।

ଅବଶିଷ୍ଟାଂଶ...

ଜ୍ଞାନେଶଙ୍କୁ ୪୮ ଘଣ୍ଟାର...

ତୃତୀୟରେ ନିର୍ବାଚନ କମିସନରଙ୍କ ନିଯୁକ୍ତି ସମ୍ପର୍କିତ ଆଇନକୁ ରଦ୍ଦ କରି ନୂଆ ଭରସାଯୋଗ୍ୟ ଆଇନ ପ୍ରଣୟନ କରାଯାଉ। ସେମାନେ ଅଭିଯୋଗ କରିଥିଲେ ଯେ ଜ୍ଞାନେଶ କୁମାର ଦାୟିତ୍ୱ ନେବା ଦିନଠାରୁ ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ଜାଲିଆତି ହେଉଛି। ବିଜେପିର ଭୋଟ ହାର ବଢ଼ୁଛି। ନିର୍ବାଚନରେ ବିଜେପିର ପ୍ରକୃତ ଚେହେରା ଜ୍ଞାନେଶ କୁମାର ବୋଲି ସେମାନେ କହିଛନ୍ତି।

ଦେଶଦ୍ରୋହୀଙ୍କୁ ସଜା...

ରାହୁଲ ଜ୍ଞାନେଶଙ୍କ ଇସ୍ତଫା ଦାବି କରିବା ସହ ଦେଶଦ୍ରୋହୀମାନଙ୍କୁ ଉପଯୁକ୍ତ ସଜା ମିଳିବ ବୋଲି କହିଛନ୍ତି। ଗଣତନ୍ତ୍ରକୁ ଏଭଳି ଭାବେ ଧ୍ୱଂସ କରାଯାଉଥିବା ବେଳେ କଂଗ୍ରେସ ନିରବ ହୋଇ ରହିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ଜ୍ଞାନେଶ କୁମାର ଇସ୍ତଫା ଦେଇ ମକଦ୍ଦମାର ସମ୍ମୁଖୀନ ହୁଅନ୍ତୁ ଏବଂ ଏଥିରେ ସେ ସରକାରୀ ସାକ୍ଷୀ ମଧ୍ୟ ହୁଅନ୍ତୁ ବୋଲି ରାହୁଲ ଦାବି କରିଛନ୍ତି। ଜ୍ଞାନେଶଙ୍କୁ ଇସ୍ତଫା ଦେବାଲାଗି କଙ୍ଗ୍ରେସ ପାର୍ଟି ୪୮ ଘଣ୍ଟାର ସମୟ ଦେବାର କିଛି ଘଣ୍ଟା ପରେ ଦିଲ୍ଲୀରେ ଆଜି ସନ୍ଧ୍ୟାରେ ସାମ୍ବାଦିକ ସମ୍ମିଳନୀ କରିଥିଲେ କଂଗ୍ରେସ ନେତା ରାହୁଲ ଗାନ୍ଧୀ। ସେ କହିଥିଲେ ଯେ ଦେଶର ନିର୍ବାଚନୀ ଗଣତନ୍ତ୍ରକୁ ନଷ୍ଟ କରିବା ପାଇଁ ଚକ୍ରାନ୍ତ ଚାଲିଛି। ଏସ୍‌ଆଇଆର୍ ପ୍ରକ୍ରିୟା, ଫର୍ମ-୬ରେ ପରିବର୍ତ୍ତନ ଏବଂ ଭୋଟର ତାଲିକାରୁ ନାମ କାଟିବାକୁ ନେଇ ଦୁଇଜଣ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ୧୦ ମାସ ମଧ୍ୟରେ ଅନ୍ତତଃ ୧୪ ଥର ଲିଖିତ ଆପତ୍ତି ଉଠାଇଥିଲେ। ଭୋଟ୍ ସୁରକ୍ଷା ନିଶ୍ଚିତ କରିବାରେ ନିର୍ବାଚନ ଆୟୋଗ ବିଫଳ ହୋଇଛନ୍ତି। ସେ ଆହୁରି ଅଭିଯୋଗ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ଜ୍ଞାନେଶ କୁମାର ମିଶି ନିର୍ବାଚନ ହଡ଼ପ କରିବାକୁ ଷଡ଼ଯନ୍ତ୍ର ରଚିଛନ୍ତି। ଭୋଟ୍ ଅଧିକାର ଉପରେ ଏହି ଆକ୍ରମଣ ସମ୍ବିଧାନ, ଆଇନ ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ଦୁର୍ବଳ କରୁଛି। ୨୦୨୪ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ ଦେଇଥିବା ମନ୍ତବ୍ୟ କଥା ଦୋହରାଇଥିଲେ ରାହୁଲ। ଏନଡିଏ ୪୦୦ରୁ ଅଧିକ ଆସନ ପାଇବ ଏବଂ ବିଜେପି ୩୦ ବର୍ଷ ଧରି କ୍ଷମତାରେ ରହିବ ବୋଲି ଏଡି ଦୁଇ ନେତା ଦେଇଥିବା ବୟାନ ଉପରେ ପ୍ରଶ୍ନ ଉଠାଇଛନ୍ତି ରାହୁଲ। ଗଣତନ୍ତ୍ରରେ କୌଣସି ନେତା ଏତେ ବିଶ୍ୱାସରେ କେମିତି କହିପାରୁଛନ୍ତି? ଏହା ଉପରେ ଯାଞ୍ଚ କରାଯିବା ଦରକାର। ୧୯୭୧ରେ ବାଂଲାଦୋ ଯୁଦ୍ଧ ପରେ ଇନ୍ଦିରା ଗାନ୍ଧୀଙ୍କ ଲୋକପ୍ରିୟତା ଶୀର୍ଷ ଛୁଇଁଥିବା ବେଳେ ସେ ମଧ୍ୟ ଏଭଳି ଦାବି କରିନଥିଲେ। ସେ କହିଲେ ଲୋକସଭା ଏବଂ ବିଭିନ୍ନ ବିଧାନସଭା ନିର୍ବାଚନରେ ଶହେ ପ୍ରତିଶତ ଜାଲିଆତି (ରିଗିଂ) ହୋଇଛି।

ମହାଭିଯୋଗ ପାଇଁ...

ସଂସଦରେ ଦିଆଯାଇଛି। ୨୦୨୯ ଜାନୁଆରୀରେ ଅବସର ନେବାକୁ ଯାଉଥିବା ଜ୍ଞାନେଶଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏତଦ୍‌ବ୍ୟତୀତ, ଆସନ୍ତାକାଲି (ସେପ୍ଟେମ୍ବର ୨୫) ରାଜ୍ୟ ନିର୍ବାଚନ କମିସନ କାର୍ଯ୍ୟାଳୟଗୁଡ଼ିକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ କଂଗ୍ରେସ। ଦଳ ପକ୍ଷରୁ ଆଜି ଏହି ନିଷ୍ପତ୍ତି ନିଆଯାଇଛି। ଏସଂପର୍କରେ ଏଆଇସିସି ପକ୍ଷରୁ ଦଳର ସମସ୍ତ ରାଜ୍ୟ ଶାଖାକୁ ନିର୍ଦ୍ଦେଶ ଦିଆଯାଇଛି।

ଏକ୍ସ-କ୍ୟାଡର ପଦ...

ଏହାଦ୍ୱାରା ଅଧିକାରୀଙ୍କୁ ଅଭିଯୁକ୍ତଙ୍କ ଶ୍ରେଣୀରେ ଠିଆ କରାଇ ଦିଆଯାଉନାହିଁ କି ବୋଲି ଶୁଣାଣି ସମୟରେ ଜଷ୍ଟିସ୍ ବାଗଚୀ ପ୍ରଶ୍ନ କରିଛନ୍ତି। ଅଦାଲତ କହିଛନ୍ତି ଯେ ତଦନ୍ତ ହେଉଛି ତଥ୍ୟ ଅନୁସନ୍ଧାନର ଏକ ପ୍ରକ୍ରିୟା; ଏହାକୁ କୌଣସି ଅଧିକାରୀଙ୍କ ବିରୋଧରେ ପ୍ରତିଶୋଧ ଭାବେ ଦେଖାଯାଇପାରିବ ନାହିଁ। କେବଳ ଗୋଟିଏ ମାମଲା ବିଚାରାଧୀନ ଥିବାରୁ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ଅଟକାଇ ଦିଆଯାଇପାରିବ କି ନାହିଁ, ତାହା କୋର୍ଟ ପରୀକ୍ଷା କରିବେ ବୋଲି ଜଷ୍ଟିସ୍ ବାଗଚୀ ଉଲ୍ଲେଖ କରି ଏଭଳି ପଦକ୍ଷେପ ଅଧିକାରୀଙ୍କ ସେବା ରେକର୍ଡରେ ଏକ ଦାଗ ସୃଷ୍ଟି କରିପାରେ ବୋଲି ମତ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ଡିଜିପି ଚୟନ କେବଳ ବରିଷ୍ଠତା ଆଧାରରେ ନୁହେଁ, ମେରିଟ୍‌କୁ ମଧ୍ୟ ବିଚାରକୁ ନିଆଯାଏ। ମେ' ୧୪ରେ ୟୁପିଏସ୍‌ସିକୁ ୧୧ ଜଣ ଅଧିକାରୀଙ୍କ ତାଲିକା ପଠାଯାଇଥିଲା। ପରେ ସିବିଆଇ ଶ୍ରୀ ନାଥଙ୍କୁ ପଚରାଉଚରା କରିବାର ଆବଶ୍ୟକତା ଥାଇପାରେ ବୋଲି ରାଜ୍ୟକୁ ଜଣାଇବା ପରେ ତାଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ଅଟକାଇ ଦିଆଯାଇଥିବା ସରକାର ପକ୍ଷରୁ କୁହାଯାଇଥିଲା ବୋଲି ସେ ଯୁକ୍ତି ବାଢ଼ିଥିଲେ। ଅନ୍ୟପକ୍ଷରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ରାଜ୍ୟରେ ଏକ୍ସ-କ୍ୟାଡର ଡିଜି ପଦ ସୃଷ୍ଟି ଏବଂ ଲେଭଲ୍-୧୫ରୁ ଲେଭଲ୍-୧୬କୁ ପଦୋନ୍ନତି ପ୍ରକ୍ରିୟାର ବୈଧତା ଉପରେ ପ୍ରଶ୍ନ ଉଠାଇଥିଲେ। କ୍ୟାଡର ପଦବୀ ହିଁ ମୂଳ ପଦବୀ ହୋଇଥିବାବେଳେ ଏକ୍ସ-କ୍ୟାଡର ଅଧିକାରୀଙ୍କୁ କେଉଁ ବୈଧାନିକ ବ୍ୟବସ୍ଥାରେ କ୍ୟାଡର ପଦବୀକୁ ନିଆଗଲା ତାହାର ଉତ୍ତର ପ୍ରଧାନ ବିଚାରପତି ଲୋଡ଼ିଥିଲେ। ମାତ୍ର ସଲିସିଟର ଜେନେରାଲ ଶ୍ରୀ ମେହେଟ୍ଟା ଏହାର ସ୍ପଷ୍ଟ ଉତ୍ତର ଦେଇ ପାରି ନ ଥିଲେ। ଓଡ଼ିଶା ମୁଖ୍ୟ ସଚିବଙ୍କ ସହ ଆଲୋଚନା କରି ପରବର୍ତ୍ତୀ ଶୁଣାଣିରେ ଜବାବ ରଖିବେ ବୋଲି ସମୟ ଲୋଡ଼ିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଚିଦାମ୍ବରମ୍ ମଧ୍ୟ ବିଭିନ୍ନ ବୈଧାନିକ ବ୍ୟବସ୍ଥାର ଉଲ୍ଲଂଘନ ସମ୍ପର୍କିତ ଯୁକ୍ତି ରଖିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମଙ୍ଗଳବାର ହେବ।

ଅକ୍ଟୋବର ୨ରେ...

ରଖିବାକୁ ନିଷ୍ପତ୍ତି ନେଇଛନ୍ତି। କିଛି ଉଚ୍ଚ-ମୂଲ୍ୟର ୟୁପିଆଇ କାରବାର ଉପରେ ପ୍ରସ୍ତାବିତ ଏମ୍‌ଡିଆର୍ ଶୁଳ୍କ ବିରୁଦ୍ଧରେ ବ୍ୟବସାୟୀମାନେ ଏହି ପ୍ରତିବାଦ କରୁଛନ୍ତି। ବ୍ୟବସାୟୀମାନେ ଗାନ୍ଧୀ ଜୟନ୍ତୀରେ ଏପରି ବଡ଼ ଧରଣର ବିରୋଧ କରିବେ। ନୂଆ ଏମ୍‌ଡିଆର୍ ନିୟମରେ ସରକାର ଅକ୍ଟୋବର ୧୫ରୁ ୨,୦୦୦ ଟଙ୍କାରୁ ଅଧିକ ଯୋଗ୍ୟ ୟୁପିଆଇ ପେମେଣ୍ଟ ଉପରେ ବ୍ୟବସାୟୀଙ୍କଠାରୁ ୦.୪ ପ୍ରତିଶତ ଶୁଳ୍କ ଆଦାୟ କରିବେ। ହେଲେ ସରକାରଙ୍କ ଏହି ନୂଆ ନିୟମକୁ ବ୍ୟବସାୟୀମାନେ ତୀବ୍ର ବିରୋଧ କରୁଛନ୍ତି ଏବଂ ଏହି ଶୁଳ୍କକୁ ତୁରନ୍ତ ହଟାଇବା ପାଇଁ ଦାବି କରୁଛନ୍ତି। ମହାରାଷ୍ଟ୍ର ଚାମ୍ବର ଅଫ୍ କମର୍ସ, ଇଣ୍ଡଷ୍ଟ୍ରି ଆଣ୍ଡ ଏଗ୍ରିକଲଚର (ଏମ୍‌ଏସିସିଆଇଏ) ର ସଭାପତି ରବୀନ୍ଦ୍ର ମଙ୍ଗୱେଙ୍କ ସୂଚନା ଅନୁସାରେ, ଏହି ଆନ୍ଦୋଳନ କେବଳ ଗୋଟିଏ ରାଜ୍ୟରେ ସୀମିତ ନାହିଁ ବରଂ ଦେଶର ୫୦୦ରୁ ଅଧିକ ପ୍ରମୁଖ ବ୍ୟବସାୟୀ ସଂଗଠନ ଏଥିରେ ସାମିଲ ହେଉଛନ୍ତି। ଏହି ଦିନରେ ବ୍ୟବସାୟୀମାନେ କୌଣସି ଅନଲାଇନ୍ ପେମେଣ୍ଟ ନ ନେବାକୁ ସ୍ଥିର କରିଛନ୍ତି।

ସରକାରଙ୍କ କହିବାନୁଯାୟୀ, ଏହି ଶୁଳ୍କ ଗ୍ରାହକଙ୍କ ପାଇଁ ନୁହେଁ, ବରଂ ବ୍ୟବସାୟୀଙ୍କ ପାଇଁ ଲାଗୁ ହେବ। ୟୁପିଆଇ ମାଧ୍ୟମରେ ବ୍ୟକ୍ତିଗତ ଭାବରେ ପେମେଣ୍ଟ ମାଗଣା ରହିବ। ୟୁପିଆଇ ମାଧ୍ୟମରେ ପ୍ରତି ମାସରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ଛୋଟ ବିକ୍ରେତାମାନେ ୨୦୦୦ ଟଙ୍କାରୁ ଅଧିକ ବ୍ୟକ୍ତିଗତ କାରବାର ଉପରେ ଏମ୍‌ଡିଆର୍ ମୁକ୍ତ ରହିବେ। ଏହି ଛାଡ଼ ବିଶେଷ ଭାବରେ ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳର ଛୋଟ ବ୍ୟବସାୟ ପାଇଁ ଡିଜାଇନ୍ କରାଯାଇଛି। ଅପରପକ୍ଷେ ବ୍ୟବସାୟୀଙ୍କ ଯୁକ୍ତି ହେଉଛି, ଏକ ଛୋଟ ଫି' ମଧ୍ୟ କମ୍ ଲାଭରେ ପରିଚାଳିତ ବ୍ୟବସାୟ ପାଇଁ ଖର୍ଚ୍ଚ ବୃଦ୍ଧି କରିପାରେ। ବାଣିଜ୍ୟ ସଂଗଠନଗୁଡ଼ିକର କହିଛନ୍ତି ଯେ ୟୁପିଆଇ ନଗଦ ଉପରେ ନିର୍ଭରଶୀଳତା ହ୍ରାସ କରି ବ୍ୟବସାୟିକ ପେମେଣ୍ଟକୁ ଅଧିକ ସ୍ୱଚ୍ଛ କରିଛି।

୨୮ରେ ବିଧାନସଭା...

ରହିଥିବାରୁ ଏହି ସଂଶୋଧିତ ଆଇନ ଯୋଗୁ ଓଡ଼ିଶା ସର୍ବାଧିକ କ୍ଷତି ସହିତ। ଦୁଃଖ ଓ ପରିତାପର ବିଷୟ ରାଜ୍ୟ ବିଜେପି ନେତା ମାନେ କ୍ଷତି ନୁହେଁ ବରଂ ଲାଭ ହେବ ବୋଲି ବିତଣ୍ଡା ଯୁକ୍ତି ବାଢୁଛନ୍ତି। ତେଣୁ ଏହାର ପ୍ରତ୍ୟାହାର ଦାବିରେ ବିଜେଡି ଆସନ୍ତା ୨୮ ତାରିଖରେ ଲୋୟର ପିଏମଜି ଠାରେ ଏକ ବିଶାଳ ଗଣବିକ୍ଷୋଭ ସଭା ଆୟୋଜିତ ହେବ, ଏଥିରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଯୋଗଦେବେ। ପ୍ରତାପ ଜେନା କହିଥିଲେ ଯେ ଏମଏମଡିଆର ସଂଶୋଧନ ଆଇନ ରାଜ୍ୟ ସ୍ୱାର୍ଥକୁ କୁଠାରଘାତ କରିଛି। ଖଣି ଓ ଖଣିଜ ଥିବା ଜମି ଉପରେ ରାଜ୍ୟ ସରକାର ଟିକସ ଓ ଲେଭି ଲଗାଇ ପାରିବେ ବୋଲି ୨୦୦୪ରେ ନବୀନ ପଟ୍ଟନାୟକ ଏକ ଆଇନ ଆଣିଥିଲେ। ଏହି ଆଇନକୁ କିଛି ଖଣି କମ୍ପାନୀ ଅଦାଲତରେ ଚ୍ୟାଲେଞ୍ଜ କରାଯିବା ଦ୍ୱାରା, ଦୀର୍ଘ ଦିନ ଧରି ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଥିଲା। ୨୫ ଜୁଲାଇ ୨୦୨୪ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ୯ ଜଣିଆ ଖଣ୍ଡପୀଠ ଖଣି ଓ ଖଣି ଉପରେ ରାଜ୍ୟ ସରକାର ମାନେ ଟିକସ ଓ ଲେଭି ଲଗାଇ ପାରିବେ ବୋଲି ଆଦେଶ ଦେଇଥିଲେ। ଏହାଦ୍ୱାରା ଓଡ଼ିଶା ବକେୟା ବାବଦକୁ ୧ ଲକ୍ଷ କୋଟି ଟଙ୍କା ଓ ଖଣିରୁ ବାର୍ଷିକ ରାଜସ୍ୱ ବାବଦକୁ ୧୨, ୦୦୦ କୋଟି ଟଙ୍କାର ରାଜସ୍ୱ ପାଇବାର ସୁଯୋଗ ସୃଷ୍ଟି ହେଲା। କିନ୍ତୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ଏମଏମଡିଆର ସଂଶୋଧନ ଆଇନ ଯୋଗୁ ଏହି ସୁଯୋଗ ହାତଛଡ଼ା ହୋଇଗଲା।

ଡ. ଅରୁଣ କୁମାର ସାହୁ କହିଥିଲେ ଯେ ଏମଏମଡିଆର ସଂଶୋଧନ ଆଇନ ସିଧାସଳଖ ଓଡ଼ିଶାକୁ ବିପୁଳ କ୍ଷତି ପହଞ୍ଚାଉ ଥିବା ବେଳେ ସଂସଦର ଲୋକସଭାରେ ଥିବା ବିଜେପିର ୨୦ ସାଂସଦ ଓ ରାଜ୍ୟସଭାରେ ଥିବା ୫ ସାଂସଦ ନିରବ ସମର୍ଥନ ଦେଇଥିଲେ। ଅପରପକ୍ଷରେ ଓଡ଼ିଶାର ବିଜେପି ସରକାର ମଧ କେନ୍ଦ୍ର ସରକାରଙ୍କର ଆଗରେ ହାତ ଟେକିଦେଲେ। ବିଜେଡି ଏହାକୁ ବିଧାନସଭା ଭିତରେ ଜୋରଦାର ବିରୋଧ କରିଛି। ଏହା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଓ ଅର୍ଥନୈତିକ ଅବରୋଧ କରାଯିବ। ସୁଦାମ ମାର୍ଣ୍ଡି କହିଥିଲେ ଯେ ଦେଶରେ ମହଜୁଦ ଥିବା ଅଧିକାଂଶ ଖଣି ଅଞ୍ଚଳ ଗୁଡିକରେ ମୁଖ୍ୟତଃ ଆଦିବାସୀ ମାନେ ବାସ କରିଥାନ୍ତି। ଜଳ, ଜଙ୍ଗଲ ଓ ଜମି ଆଦିବାସୀ ସଂସ୍କୃତି ସହିତ ଜଡିତ ହୋଇ ରହିଛି। ଯେଉଁଭଳି ଏକତରଫା ଭାବେ କେନ୍ଦ୍ର ସରକାର ଏହି ଆଇନ ସଂଶୋଧନ କଲେ, ତାହା ନିଶ୍ଚିତ ଭାବେ ଆଦିବାସୀଙ୍କ ଜୀବନ ଧାରା ଉପରେ ନକାରାତ୍ମକ ପ୍ରଭାବ ପକାଇବ। ତେଣୁ ଏହି ଆଇନ ପ୍ରତ୍ୟାହାର ପାଇଁ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ। ପ୍ରୀତି ରଞ୍ଜନ ଘଡାଇ କହିଥିଲେ ଯେ ଏମଏମଡିଆର ସଂଶୋଧନ ଆଇନ ରାଜ୍ୟ ସ୍ୱାର୍ଥର ବିରୋଧୀ ହୋଇ ଥିବାରୁ ବିଜେଡି ପ୍ରଥମ ଦିନରୁ ଏହାକୁ ବିରୋଧ କରି ଆସୁଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜୁ ଜନତା ଦଳର ନେତୃବୃନ୍ଦ ଓ ଅଗଣିତ କର୍ମୀ ଏହି କଳା ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନ କରିବା ପାଇଁ ସଂକଳ୍ପବଦ୍ଧ। ତେଣୁ ୨୮ ସେପ୍ଟେମ୍ବର ଦିନ ହେବାକୁ ଯାଉଥିବା ଆନ୍ଦୋଳନରେ ରାଜ୍ୟବାସୀ ସମର୍ଥନ ଓ ସହଯୋଗ କରିବା ପାଇଁ ବିଜେଡି ପକ୍ଷରୁ ନିବେଦନ କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଦକ୍ଷିଣ ଓଡ଼ିଶା...

ଏକାଧିକ ବ୍ଲକରେ ୧୦୦ ମିମିରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ସିମିଳିଗୁଡ଼ାରେ ସର୍ବାଧିକ ୧୯୩.୯ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଚିତ୍ରକୋଣ୍ଡାରେ ୧୬୮.୮ ମିମି, ଖୋର୍ଦ୍ଧାର ଟାଙ୍ଗୀରେ ୧୪୨.୦ ମିମି, ବଡ଼ମ୍ବାରେ ୧୩୪.୦ ମିମି, ଜି ଉଦୟଗିରିରେ ୧୨୫.୪ ମିମି, ପାରଳାଖେମୁଣ୍ଡିରେ ୧୨୧.୪ ମିମି ଏବଂ ଗଜପତିର ଗୋଷାଣୀରେ ୧୨୦.୦ ମିମି ବର୍ଷା ରେକର୍ଡ ହୋଇଛି। ୭ ଟି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ଓ ୫୮ଟି ଅଞ୍ଚଳରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ୫.୭ ମିମି ତୁଳନାରେ ରାଜ୍ୟରେ ବର୍ଷାର ପରିମାଣ ୪୧.୫ ମିମି ରହିଛି। ଏହା ସ୍ୱାଭାବିକଠାରୁ ୬୨୪ ପ୍ରତିଶତ ଅଧିକ ବର୍ଷା ବୋଲି ପାଣିପାଗ କେନ୍ଦ୍ର କହିଛି। ଯଦିଓ ଅବପାତ ଉପକୂଳ ଅତିକ୍ରମ କରିଛି, ତଥାପି କେତେକ ଜିଲ୍ଲା ପାଇଁ ପାଣିପାଗ ସତର୍କତା ଜାରି ରହିଛି। ଶୁକ୍ରବାର ନୂଆପଡ଼ାରେ ସର୍ବାଧିକ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବା ବେଳେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗିର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ସହ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।

୨୬ ତାରିଖରେ ମଧ କିଛି ଜିଲ୍ଲାରେ ବର୍ଷା ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର କହିଛି। ଏହି ଗଭୀର ଅବପାତ ସ୍ଥଳଭାଗ ଅତିକ୍ରମ କରିଥିଲେ ମଧ ସମୁଦ୍ର ମଧ୍ୟରେ ପବନର ବେଗ ୫୦-୬୦ କିମି ରହୁଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନଯିବାକୁ ପରାମର୍ଶ ଦିଆଯାଇଛି।

ସରକାରଙ୍କୁ ଅଡୁଆରେ...

ଏମ୍‌ଏମ୍‌ଡ଼ିଆର୍ ସଂଶୋଧନ ପରେ ରାଜ୍ୟ ସରକାର ଲାଭକ୍ଷତିର ଆକଳନ କରି ନ ଥିବାବେଳେ ଏହାକୁ ନେଇ ରାଜ୍ୟ କ୍ଷତି ସହିବ ନାହିଁ ବୋଲି ଯୁକ୍ତି କରୁଥିବା ଓ ସ୍ତମ୍ଭ ଲେଖୁଥିବା ବିଜେପି ନେତା, ସାଂସଦଙ୍କୁ ପରୋକ୍ଷରେ ମନ୍ତ୍ରୀ ମିଛୁଆ କରିଦେଇଛନ୍ତି ଓ ନିଜ ସରକାରଙ୍କୁ ଅଡୁଆରେ ପକାଇ ଦେଇଛନ୍ତି।

ବିଧାନସଭାରେ ମନ୍ତ୍ରୀଙ୍କ ଏହି ଉତ୍ତରକୁ ନେଇ ବୁଦ୍ଧିଜୀବୀ, ରାଜନୈତିକ ବିଶେଷଜ୍ଞ ଓ ଖଣି ଅର୍ଥନୀତି ସହ ଜଡ଼ିତ ଅର୍ଥନୈତିଜ୍ଞ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ୨୦୨୪ରେ ସୁପ୍ରିମକୋର୍ଟ ବକେୟା ଖଣି ଟିକସ ଆଦାୟ ଅଧିକାର ରାଜ୍ୟକୁ ପ୍ରଦାନ କରିଥିଲେ। ଝାଡ଼ଖଣ୍ଡ ସରକାର ତତ୍‌କ୍ଷଣାତ୍ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟର ଖଣି ଟିକସ ଲଗାଇ ଅଧିକ ରାଜସ୍ୱ ପାଇଲା, ମାତ୍ର ଓଡ଼ିଶା ଖଣି ମାଲିକଙ୍କ ସ୍ୱାର୍ଥ ପାଇଁ ତୁରନ୍ତ ଟିକସ ନ ଲଗାଇ କ୍ଷତି ସହିଲା। ଅନ୍ୟପକ୍ଷରେ ବକେୟା ଟିକସ ବାବଦରେ ଓଡ଼ିଶା ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କା ରାଜସ୍ୱ ପାଇବ ବୋଲି ଆକଳନ ହୋଇଥିଲା। ରାଜ୍ୟ ଆଡ଼ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟରେ ନିଜ ସରକାରଙ୍କ ପକ୍ଷ ରଖି ଏହି ଅର୍ଥର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଯଦି ଖଣି ଓ ଖଣି ଅଞ୍ଚଳ ଉପରେ ଟିକସ ବସାଇବାର ଅଧିକାର କାଢି ନିଆଯାଏ ତେବେ ଏହା ରାଜ୍ୟର ଆର୍ଥିକ ପରିସ୍ଥିତି ଉପରେ କୁପ୍ରଭାବ ପକାଇବ ବୋଲି ଯୁକ୍ତି ବାଢ଼ିଥିଲେ। ମାତ୍ର ରାଜ୍ୟ ସରକାର ଓ ଖଣି ବିଭାଗ ନିକଟରେ ଏ ବାବଦ ତଥ୍ୟ ନ ଥିବା ଅତି ସାଂଘାତିକ କଥା। ଆଡଭୋକେଟ ଜେନେରାଲ ଓଡ଼ିଶା ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏହି ମାମାଲା ଲଢ଼ିଥିଲେ। ଅତଏବ ସେ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଦଲିଲ୍ ଉପସ୍ଥାପନ କରିଥିଲେ, ତାହା ସରକାରଙ୍କ ସହ ପରାମର୍ଶ ପରେ କରିଥିବେ। ମାତ୍ର ଏ କଥା ଖଣି ବିଭାଗ, ବିଭାଗର ସଚିବ ବା ଖଣି ମନ୍ତ୍ରୀ ଜାଣି ପାରିଲେ ନାହିଁ କିପରି? ଖଣି ମନ୍ତ୍ରୀଙ୍କ ଉପରେ ଆଉ କେଉଁ ସୁପର ମନ୍ତ୍ରୀ ଅଛନ୍ତି ଯେ ତାଙ୍କ ସହ ଆଲୋଚନା ବା ପରାମର୍ଶ କରି ଆଡ଼ଭୋକେଟ ଜେନେରାଲି ସୁପ୍ରିମକୋଟ ଯାଇଥିଲେ? ପୁଣି କେଉଁ ଆଧାରରେ ଆଡ଼ଭୋକେଟ ଜେନେରାଲଙ୍କୁ ଯାତାୟତ, ଦିଲ୍ଲୀ ରହଣି ବାବଦ ଦେୟ ଖଣି ବିଭାଗ ଭରଣା କଲା ବୋଲି ମଧ୍ୟ ଅନେକ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ଅଣରାଜସ୍ୱର ଏକ ସିଂହଭାଗ ଖଣିରୁ ଆସିଥାଏ। କେନ୍ଦ୍ର ସରକାର ଖଣି ଓ ଖଣିଜ ଅଞ୍ଚଳ ଉପରେ ଟିକସ ଅଧିକାର ରାଜ୍ୟଠାରୁ ଛଡ଼ାଇ ନେଲେ। ଏହାକୁ ନେଇ ସାରା ଦେଶରେ ତୁମ୍ବୀତୋଫାନ ଚାଲିଛି। ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗକୁ ନେଇ ରାଜ୍ୟକୁ ହୁଲସ୍ଥୁଲ କରୁଛନ୍ତି; ମାତ୍ର ରାଜ୍ୟ ସରକାର, ଖଣି ବିଭାଗ, ଅର୍ଥ ବିଭାଗ ଏ ସଂକ୍ରାନ୍ତରେ ନିଦାବିଷ୍ଟ। ରାଜ୍ୟର କ୍ଷତି ହେବ ନାହିଁ ବୋଲି ଶାସକ ଦଳର ସାଂସଦ ଓ ନେତାମାନେ ଯୁକ୍ତି ବାଢୁଥିବା ସମୟରେ ଏହି ଆଇନ ଦ୍ୱାରା ରାଜ୍ୟର ଲାଭ-କ୍ଷତିର ହିସାବ ବା ଆକଳନ ଏଯାଏ ଖଣି ବିଭାଗ ବା ଅର୍ଥ ବିଭାଗ ନ କରିବା ଉଭୟ ବିଭାଗର ଅପରିପକ୍ୱତା ଓ ଶାସକ ଦଳ ନେତାଙ୍କ ପାର୍ଟି ପ୍ରେମକୁ ସ୍ପଷ୍ଟ ଦର୍ଶାଉଛି ବୋଲି ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

AFFIDAVIT

By virtue of an affidavit (CF No. 32) sworn before The Executive Magistrate, Bhubaneswar. dated 23.09.2026. I, **Preetishree Dash,** D/o- Tribhuban Dash, permanent resident of At-Pratapsasan (C.T), Jageswari Colony, PO- Balakati, Dist- Khordha, Odisha, PIN- 752100 declare that I have changed my name from **Preeti Shree Dash** to **Preetishree Dash.** Henceforth, I shall be known as **Preetishree Dash** for all purposes.

Preetishree Dash

AFFIDAVIT

By virtue of an affidavit sworn before The Notary, Bhubaneswar on dated-21/09/2026. I, **Urmila Mishra,** W/o Suryakanta Mishra, permanent resident of At-Braiman Sahi, Mathakargola, Oringa, Dist- Dhenkanal, Odisha, PIN- 759024 declare that, after marriage I have changed my surname from **Urmila Jena** to **Urmila Mishra.** Henceforth, I shall be known as **Urmila Mishra** (new name), W/o Suryakanta Mishra for all purposes.

Urmila Mishra

AFFIDAVIT

By virtue of an affidavit sworn before the executive magistrate Jajpur on dtd 21/09/2026. I Pravata kumar Samal, S/o-Purna Chandra Samal, Vill/P.o-Ranapur, P.s-Binjharpur, Dist-Jajpur, Odisha, Pin -755012 declare that I have changed my name from PRAVAT KU SAMAL (Old Name) to PRAVATA KUMAR SAMAL (New Name). Henceforth, I shall be known as **PRAVATA KUMAR SAMAL** for all future purposes

AFFIDAVIT

By virtue of an affidavit sworn before Executive Magistrate, Bargarh, I, Jagdish Kumbhar, S/o- Late Parameswar Kumbhar, resident of Vill.-Jampali, H/o- Gudesira, Po.-Gudesira, Ps./Dist.- Bargarh-768028, Odisha state that, I have changed the name of my minor grand daughter Bilasini Deep to Chandrama Deep. Henceforth she will be knonw as Chandrama Deep for all future purposes.

Sd/- Jagdish Kumbhar

ପଶ୍ଚିମ ରେଳବାଇ-ରତଲାମ ମଣ୍ଡଳ

ଇ-ଟେଣ୍ଡର ବିଜ୍ଞପ୍ତି

ଇଞ୍ଜିନିୟରିଂ ବିଭାଗ

ଇ-ଟେଣ୍ଡର ନଂ.: RTM-2026-27-97 • କାର୍ଯ୍ୟର ନାମ: ଇନ୍ଦୋରରେ Simhastha 2028 ସମ୍ବନ୍ଧରେ ୧୫ଟି ସୁଇଟ୍ ବିଶିଷ୍ଟ ଅଧିକାରୀ ବିଶ୍ରାମ ଗୃହ ନିର୍ମାଣ, ଯେଉଁଥିରେ ବିଦ୍ୟୁତ କାର୍ଯ୍ୟ ମଧ ଅନ୍ତର୍ଭୁକ୍ତ। • ଆନୁମାନିକ ମୂଲ୍ୟ: ଟ. ୩,୪୩,୧୫,୪୯୨.୬୪/- • ଜମା କରିବାକୁ ଥିବା ବଇନା ରାଶି: ଟ. ୬,୮୬,୩୦୦.୦୦/- • କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ • ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୨୨.୦୯.୨୦୨୬ • ଟେଣ୍ଡର ଖୋଲିବା ତାରିଖ: ୧୫.୧୦.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। ଟେଣ୍ଡର ଫର୍ମର ମୂଲ୍ୟ ନିଲ୍ (NIL)। V/0268

Like us on: facebook.com/WesternRly

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.: SBP-ELECT-2026-T-297S

କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ସ୍ଥାପିତ ବିଭିନ୍ନ ଉଚ୍ଚତାର ହାଇ ମାଷ୍ଟ ଗୁଡିକର ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 48,70,057.01, EMD : ₹ 97,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,000/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଦୁଇ (02) ବର୍ଷ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.14.10.2026ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-461/R/26-27

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-AMC-EI-MEDHA-586, ତା.22.09.2026ରିଖ

କାର୍ଯ୍ୟର ନାମ : 36 (ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ବୁଢ଼ାପଙ୍କ (BDPK), ସୁକିନ୍ଦା ରୋଡ୍ (SKND), ଜଖପୁରା (JKPR), କେରେଜାଙ୍ଗ (KPJG), JSPL-A କ୍ୟାବିନ (JSPC), ଅନୁଗୁଳ (ANGL), ତାଳଚେର ରୋଡ୍ (TLHD), କେନ୍ଦ୍ରାପଡ଼ା (KENP), ବାଜିପଡ଼ା (BJPD), ଲଳିତଗିରି (LLTG), ରତ୍ନଗିରି (RTGR) ଏବଂ ଚଣ୍ଡିଖୋଲ ରୋଡ୍ (CIKR), ମେରାମଣ୍ଡଳୀ (MRDL), ତାପଙ୍ଗ (TAP), ବୈତରଣୀ ରୋଡ୍ (BTV) ଷ୍ଟେସନରେ MEDHA ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ ସିଷ୍ଟମ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ : ₹ 4,50,91,848.00, EMD : ₹ 3,75,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-

ବିଡ୍ ଆରମ୍ଭ ହେବା ତାରିଖ : ତା.30.09.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.10.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-459/R/26-27

e-Procurement Notice for Building Works Identification No. 07/ SERW/JLS/2026-27

1.	Procurement Officer	:-	Superintending Engineer Rural Works Division, Jaleshwar
2.	Name of the Work	:-	Buildings
3.	Total No. of Works	:-	03 Nos
4.	Estimated Cost	:-	Approx. Estimated Cost ₹.51.69 Lakh to ₹. 52.50 Lakh
5.	Class of Contractor	:-	B Class
6.	Time of Completion	:-	Nine Calender months (As per annexure)
7.	Availability of tender On-line for bidding	:-	From 28.09.2026 at 10.00 A.M. to 08.10.2026 upto 05.00 P.M.
8.	Last date & time of seeking tender clarification	:-	07.10.2026 upto 05.00 P.M
9.	Date & Time of Opening of tender in the office of the Superintending Engineer, R.W.Division, Jaleshwar	:-	Date & Time Opening of Technical & Financial bid - 09.10.2026 at 11.00 A.M.

Further details can be seen from the web site- www.tendersodisha.gov.in

Executive Engineer
R.W.Division, Jaleshwar

OIPR-25001/25051/1/26-27/0007 25001/1193/2627

GOVT. OF ODISHA

25001/1200/2627

OFFICE OF THE SUPERINTENDING ENGINEER
RURAL WORKS DIVISION, ANANDAPUR
E-Mail:- eerw_anandapur@yahoo.co.in

NOTICE INVITING TENDER

NATIONAL COMPETITIVE BIDDING THROUGH e-PROCUREMENT NOTICE
On line-12 /EE/RW/AND/2026-27
Construction of Building work in the District of Keonjhar for the year 2026-27.

No.6916 Date: 23.09.2026

Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Building work through e-Procurement as per annexure in Single Cover system. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

Procurement Officer	Bid Identification No.	Availability of Tender on-line for bidding		Last Date & Time of seeking tender clarification	Date & Time of opening of tender in: O/o the S. E., R.W. Division, Anandapur
		From	To		
1	2	3	4	5	6
Executive Engineer, R.W. Division, Anandapur	NCB-On line 12/ SE/RW/AND/ 2026-27	29.09.2026 at 10.00 A.M.	09.10.2026 up to 5.00 P.M.	08.10.2026 up to 5.00 A.M.	12.10.2026 at 11.30 A.M.

Executive Engineer
R.W. Division, Anandapur

OIPR-25001/25055/1/26-27/0018

34001/856/2627

E-mail ID: eepwdjsg2014@gmail.com
Telephone: 06645-271242,
Kalimandir Road, Jharsuguda, 768202

GOVERNMENT OF ODISHA

OFFICE OF THE SUPERINTENDING ENGINEER,
JHARSUGUDA (R&B) DIVISION, JHARSUGUDA
"e"-Procurement Notice
Bid Identification No-SE-R&B-JSG-11 OF 2026-27.

1.	The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Double cover** system on ON-LINE mode from eligible contractors for Construction of **Road works as detailed in DTCN.**		
2.	Nature of Work	:-	Road works
3.	Estimated cost	:-	Rs.97.62 Lakhs
4.	No. of work.	:-	01 (One) No
5.	Tender Cost	:-	Rs. 10,000.00 (as per DTCN)
6.	Class of Contractor	:-	Sl No- 1- B
7.	Availability of bid document in the website	:-	**10.00 A.M. of 24.09.2026 to 05.00 P.M. of 05.10.2026**
8.	Date of opening of Technical Bid (Cover-I)	:-	11.00 AM on Dt. 06.10.2026
9.	The bidders have to participate in **ON-LINE** bidding only. Further details can be seen from the website https://tendersodisha.gov.in). Any addendum /corrigendum / cancellation of tender can also be seen in the said website .		

Superintending Engineer
Jharsuguda (R&B) Division

OIPR-34001/34094/1/26-27/0011

32001/920/2627

E-mail: mi2_exe.engr@yahoo.co.in
Ph.No. 0680-2290475

OFFICE OF THE SUPERINTENDING ENGINEER
MINORIRRIGATION DIVISION, GANJAM-II, BERHAMPUR.
GOVERNMENT OF ODISHA
e-PROCUREMENT NOTICE
BID IDENTIFICATION No: GMID-II/04/2026-27

Ltr No. 3536 Date : 21.09.2026

1.	Name of work	:-	Civil Construction Works
2.	No. of works	:-	4 (Four) Nos.
3.	Estimated cost	:-	Rs. 27.43 lakh to Rs. 52.75 lakh.
4.	Tender paper cost	:-	Rs 10,000.00 (for estimated cost above 50.00 Lakh) Rs 6,000.00 (for estimated cost below 50.00 Lakh)
5.	Period of completion	:-	06 (Six) calendar months.
6.	Class of Contractor	:-	"C" & "B"
7.	Availability of bid documents	:-	From 25.09.2026 at 10.00 AM to 08.10.2026 up to 5.00 PM in website (www.tendersorissa.gov.in)
8.	Period of Receipt of bid through on Line	:-	From 25.09.2026 at 10.00 AM to 08.10.2026 up to 5.00 PM Through On- Line.
9.	Mode of Payment	:-	Online.
10.	Date of opening of bid documents	:-	09.10.2026 at 11.30 AM (For double cover system Technical Bid shall be opened on dtd. 09.10.2026 & Financial Bid on dtd. 13.10.2026)
11.	Digital signature certificate of Bidder	:-	The bidder must possess compatible digital signature Certificate (DSC) of Class-II or Class-III.

The detail tender call notice can also be seen in the DOWR website- http://dowrorissa.gov.in

12.	Name & Address of the OIT	:-	Superintending Engineer, M.I.Division, Ganjam-II In front of DepaulSchool, Engineering school road Berhampur, Dist-Ganjam PIN-760010. E-mail: mi2_exe.engr@yahoo.co.in
13.	Further details can be seen from the E-Procurement market place.	:-	http://tendersorissa.gov.in

Superintending Engineer
M.I.Division, Ganjam-II, Berhampur

OIPR-32001/32043/1/26-27/0007

ସମୁଦ୍ର ତଟ ସୁରକ୍ଷାକୁ ଉପହାସ

ଜନବସତିମୁହାଁ ସମୁଦ୍ର; ଭୟଭୀତ ତଟବାସୀ

ଏରସମା,୨୪/୯ (ସମିସ):

ଜଗତସିଂହପୁର ଜିଲ୍ଲାର ଉପକୂଳ ଅଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଥିବା ବାଲି ଲୁଟ୍ ଓ ଝାଉଁ ଜଙ୍ଗଲ କାଟିବା ଅଭିଯୋଗ ଉପକୂଳ ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଶିଆଳିଠାରୁ ପାରାଦୀପ ପର୍ଯ୍ୟନ୍ତ ଉପକୂଳରେ ଥିବା ବାଲି ଟିକିରା କ୍ଷୟ ହେଉଥିବା ବେଳେ ଏବେ ଝାଉଁ ଜଙ୍ଗଲ ମଧ୍ୟ ମାଫିଆଙ୍କ ଟାର୍ଗେଟ୍‌ରେ ଥିବା ଅଭିଯୋଗ ହୋଇଛି। ଉପକୂଳର ପ୍ରାକୃତିକ ସୁରକ୍ଷା କବଚ ଭାବେ ରହିଥିବା ବାଲି ଟିକିରା ଓ ଝାଉଁ ଜଙ୍ଗଲ ଧ୍ୱଂସ ହେବା ଯୋଗୁଁ ଆଗାମୀ ଦିନରେ ସମୁଦ୍ର ଜନବସତି ମୁହାଁ ହେଉଛି। ସ୍ଥାନୀୟ ଅଭିଯୋଗ ଅନୁସାରେ, ଶିଆଳି ସମୁଦ୍ର କୂଳରେ ଥିବା ଝାଉଁ ଜଙ୍ଗଲରୁ ବହୁ ସଂଖ୍ୟକ ଗଛ କାଟି ନିଆଯାଉଛି। ମାଫିଆମାନେ ପ୍ରଥମେ ଗଛର ମୂଳ କାଟି ଦେଉଥିବା ବେଳେ ପରେ ଜୁଆର ଓ ପବନ ମାଡ଼ରେ ଗଛ ପଡ଼ିଗଲେ ତାହାକୁ ଲୁଟି ନେଉଥିବା ଅଭିଯୋଗ ହୋଇଛି। ଝାଉଁ କାଠର ବଜାର ଚାହିଦା ଓ ଭଲ ଦାମ ଥିବାରୁ ଏହି କାରବାର ଚାଲିଥିବା କୁହାଯାଉଛି। ଝାଉଁ ଜଙ୍ଗଲ କାଟି ଅଞ୍ଚଳକୁ ସଫା କରିବା ପଛରେ ବାଲି ଲୁଟ୍‌ର ଉଦ୍ଦେଶ୍ୟ ଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ଜଙ୍ଗଲ ହଟିଗଲେ ଉପକୂଳରୁ ବାଲି ଉଠାଇବା ସହଜ ହେଉଛି। ଏପଟେ ଏରସମା ଉପକୂଳରେ ସମୁଦ୍ର କୂଳ ଲଂଘିବା ଘଟଣା ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛି। ଶିଆଳି ଓ ରାମତରା ନିକଟ ଅଞ୍ଚଳରେ ସମୁଦ୍ର ଜୁଆର ମାଡ଼ି ଆସିବା ଯୋଗୁଁ ଲୋକେ ଭୟଭୀତ ହୋଇଛନ୍ତି। ଉପକୂଳକୁ ଲାଗି ରହିଥିବା ଗାଁଗୁଡ଼ିକରେ ଏବେ ସମୁଦ୍ର ଭୟ ଦେଖାଦେଇଛି। ସମୁଦ୍ର ତଟ ସୁରକ୍ଷା ପାଇଁ ହାୱାଖାନାଠାରୁ ଜଟାଧାରୀ ମୁହାଣ ପର୍ଯ୍ୟନ୍ତ ପଥର ବନ୍ଧ ନିର୍ମାଣ କରିବାକୁ ଏରସମାବାସୀ ଓ ଉପକୂଳ ସୁରକ୍ଷା ସମିତି ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ବିଧାୟକ ଶାରଦା ପ୍ରସନ୍ନ ଜେନା ମଧ୍ୟ ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇ ସରକାରଙ୍କ ଦୃଷ୍ଟି

ମାଫିଆଙ୍କ ଦ୍ୱାରା ଝାଉଁ ଜଙ୍ଗଲ କାଟିବା ଓ ବାଲି ଟିକିରା ଭାଙ୍ଗିବା ମହଙ୍ଗା ପଡୁଛି

ଆକର୍ଷଣ କରିଥିଲେ। ତେବେ ଏପର୍ଯ୍ୟନ୍ତ ଦୃଶ୍ୟମାନ ଅଗ୍ରଗତି ନ ହେବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଉପକୂଳର ସୁରକ୍ଷା କବଚ ଭାବେ ରହିଥିବା ଝାଉଁ ଜଙ୍ଗଲ ଓ ବାଲି ଟିକିରାକୁ ସୁରକ୍ଷା ଦେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଝାଉଁ ଗଛ କାଟିବା ଓ ବାଲି ଲୁଟ୍ ଅଭିଯୋଗର ତଦନ୍ତ କରି ସମ୍ପୃକ୍ତଙ୍କ ବିରୋଧରେ ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ୍ ଏଭଳି ଭାବେ ପ୍ରାକୃତିକ ସୁରକ୍ଷା କବଚ ନଷ୍ଟ ହେଲେ ଆଗାମୀ ଦିନରେ ଜନବସତି ପାଇଁ ଏହା ବଡ଼ ବିପଦ ଆଣିପାରେ ବୋଲି ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି।

ପାରାଦୀପ ଏଏସ୍‌ପି ଆଜିଙ୍କ୍ୟ ବାବୁରାଓ ମାଣେଙ୍କ ବଦଳି

ପାରାଦୀପ,୨୪।୯ (ସମିସ): ଶିଳ୍ପ ନଗରୀ ପାରାଦୀପର ଏଏସ୍‌ପି ଆଜିଙ୍କ୍ୟ ବାବୁରାଓ ମାଣେଙ୍କୁ ବଦଳି କରାଯାଇ ଢେଙ୍କାନାଳ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଶ୍ରୀ ମାଣେଙ୍କ ବଦଳି ପରେ ପାରାଦୀପ ଭଳି ଶିଳ୍ପ ସହରରେ କେଉଁ ଆଇପିଏସ୍‌ଙ୍କୁ ନୂତନ ନିଯୁକ୍ତି ମିଳିବ ତାକୁ ନେଇ ଚର୍ଚ୍ଚା ହେଉଛି। ଶ୍ରୀ ମାଣେ ୨୦୨୫ ଜୁଲାଇରେ ଜଗତସିଂହପୁର ଏସ୍‌ଡିପିଓ ଭାବେ ନିଯୁକ୍ତି ପାଇଥିଲେ। ପରେ ୨୦୨୬ ଏପ୍ରିଲ ମାସରେ ପଦୋନ୍ନତି ଦିଆଯାଇ ପାରାଦୀପର ଏଏସ୍‌ପି ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ପାରାଦୀପରେ ୫ ମାସ ଏଏସ୍‌ପି ଦାୟିତ୍ୱ ତୁଲାଇବା ପରେ ତାଙ୍କୁ ପଦୋନ୍ନତି ଦିଆଯାଇ ଢେଙ୍କାନାଳ ଜିଲ୍ଲାର ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ଯେହେତୁ ପାରାଦୀପ ଏକ ବନ୍ଦର ଭିତ୍ତିକ ସହର ତା' ସହିତ ଏଠି ଛୋଟ ବଡ଼ ହୋଇ ୧୫ଟି ଶିଳ୍ପ ସଂସ୍ଥା ରହିଛି। ଅପରାଧ ଓ ଆଇନଶୃଙ୍ଖଳା ଦୃଷ୍ଟିରୁ ପାରାଦୀପ ଏକ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ହୋଇଥିବାରୁ ଜଣେ ଦକ୍ଷ ଆଇପିଏସ୍ ଅଫିସରଙ୍କୁ ସରକାର ଦାୟିତ୍ୱ ଦେଇଥିଲେ। ହେଲେ ମାତ୍ର ୫ ମାସ ଦାୟିତ୍ୱ ସମ୍ଭାଳିବା ପରେ ଶ୍ରୀ ମାଣେଙ୍କୁ କାହିଁକି ଅନ୍ୟତ୍ର ବଦଳି କରାଗଲା ତାକୁ ନେଇ ବନ୍ଦର ସହରରେ ବହୁ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି। ଏବେ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯିବ? ତାଙ୍କ ଭଳି ଜଣେ ଦକ୍ଷ ଆଇପିଏସ୍ ଅଫିସରଙ୍କୁ ନା ଡିଏସ୍‌ପି ପାହ୍ୟା ଅଫିସରଙ୍କୁ ଦାୟିତ୍ୱ ଦିଆଯିବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି।

ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ର କରି ଆକ୍ରମଣ, ସାବତ ଭାଇ ଗିରଫ

ଜଗତସିଂହପୁର,୨୪।୯ (ସମିସ): ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ବେରହିମପୁର ଗ୍ରାମର ଇମ୍ରାନ ଖାଁ ଙ୍କୁ ତାଙ୍କର ଦୁଇ ସାବତ ଭାଇ ଗତ ୧୯ ତାରିଖ ସକାଳେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଇମ୍ରାନଙ୍କୁ ପ୍ରଥମେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏବେ ସେଠାରେ ସେ ଚିକିତ୍ସାଧୀନ ଥିବାବେଳେ ଗତ ୨୧ ତାରିଖରେ ଘଟଣା ସମ୍ପର୍କରେ ଇମ୍ରାନଙ୍କ ପତ୍ନୀ ନଗମା ବିବି ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଆରମ୍ଭ କରିଥିଲା। ସାଇଣ୍ଟିଫିକ ଟିମ ମଧ୍ୟ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଥିଲେ। ତେବେ ଗତକାଲି ଜଣେ ଅଭିଯୁକ୍ତ ଅବଦୁଲ ଆଦିଲ ଖାଁକୁ ପୁଲିସ ଗିରଫ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଅଲିମ ଖାଁ ଫେରାର ଅଛି ବୋଲି ଏସ୍‌ଡିପିଓ ଦିବ୍ୟରଞ୍ଜନ ନାଥ ସୂଚନା ଦେଇଛନ୍ତି। ଶ୍ରୀ ନାଥଙ୍କ ସୂଚନା ଅନୁସାରେ ଜମିଜମା ଭାଗବଣ୍ଟାକୁ ନେଇ ଉଭୟ ପକ୍ଷ ମଧ୍ୟରେ ପୂର୍ବରୁ ମଧ୍ୟ ଗଣ୍ଡଗୋଳ ହୋଇଥିଲା। ଘଟଣା ଦିନ ସକାଳ ୮ ଘଣ୍ଟା ସମୟରେ ଇମ୍ରାନ ଘରେ ଶୋଇଥିବା ବେଳେ ଆଦିଲ ଏବଂ ଅଲିମ ବିଭିନ୍ନ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚିଥିଲେ। ଘର ଭିତରକୁ ଯାଇ ଇମ୍ରାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପତ୍ନୀ ନଗମା ବିବି ପାଟି କରିବାରୁ ଏକ ସ୍କୁଟରରେ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

ଜଗତସିଂହପୁର ଜିଲ୍ଲା ବିଜେଡିର କର୍ମକର୍ତ୍ତା ଚୟନ

ଜଗତସିଂହପୁର,୨୪।୯ (ସମିସ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରାଜ୍ୟ ବିଜୁ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆ ଜଗତସିଂହପୁର ଜିଲ୍ଲା ପାଇଁ ଦଳୀୟ କର୍ମକର୍ତ୍ତାଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ନାରିନେତ୍ରୀ ଲୋରା ମହାପାତ୍ର ପୁନର୍ବାର ଜିଲ୍ଲା ବିଜୁ ମହିଳା ଜନତା ଦଳର ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ୧୭ ଜଣ ଉପ-ସଭାପତି,୨୦ଜଣ ସାଧାରଣ ସମ୍ପାଦିକା ଏବଂ ୧୬ ଜଣ ସମ୍ପାଦିକାଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହିତ ଜିଲ୍ଲାର ଦୁଇ ପୌରାଞ୍ଚଳ ଏବଂ ସମସ୍ତ ୮ ବ୍ଲକ ପାଇଁ ମଧ୍ୟ ସଭାପତି ନିଯୁକ୍ତି ପାଇଛନ୍ତି। ଜଗତସିଂହପୁର ବ୍ଲକ ବିଜୁ ମହିଳା ଜନତା ଦଳର ସଭାପତି ଭାବେ ପ୍ରଭାତୀ ମହାନ୍ତିଙ୍କୁ ନିଯୁକ୍ତି ମିଳିଥିବା ବେଳେ ନାଉଗାଁ ବ୍ଲକ ସଭାପତି ଭାବେ ଝୁମୁରି ମଲ୍ଲିକଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଜଗତସିଂହପୁର ପୌରାଞ୍ଚଳ ପାଇଁ ମାନସୀ ନନ୍ଦ, ବାଲିକୁଦା ବ୍ଲକ ପାଇଁ ଜୟଶ୍ରୀ ଦର୍ପଦଳିନୀ, ଏରସମା ବ୍ଲକ ପାଇଁ ପ୍ରଦାୟିନୀ ମହାନ୍ତି, କୁଜଙ୍ଗ ବ୍ଲକ ପାଇଁ ଅବନ୍ତି ମାଝୀ, ପାରାଦ୍ୱୀପ ପୌରାଞ୍ଚଳ ପାଇଁ ଛବିଲତା ରାଉତ, ରଘୁନାଥପୁର ବ୍ଲକ ପାଇଁ ଶାନ୍ତିଲତା ଦ୍ୱିବେଦୀ,ବିରିଡି ବ୍ଲକ ସଭାପତି ଭାବେ କଳ୍ପନା ପଶାୟତ, କାର୍ଯ୍ୟକାରୀ ସଭାପତି ଭାବେ ପ୍ରତିମା ଓଝା, ତିର୍ତ୍ତୋଲ ବ୍ଲକ ବିଜେଡି ମହିଳା ସଭାପତି ଭାବେ ପ୍ରିୟମ୍ବଦା ମହାପାତ୍ର ଏବଂ କାର୍ଯ୍ୟକାରୀ ସଭାପତି ଭାବେ ରୋଜାଲିନ ଜେନାଙ୍କୁ ଦାୟିତ୍ୱ ଦିଆଯାଇଛି।

ପାରାଦୀପ ନଗର ବିଜେଡି ମହିଳା ସଭାନେତ୍ରୀ ହେଲେ ଛବିଲତା

ପାରାଦୀପ,୨୪।୯ (ସମିସ) : ବିଜୁ ଜନତା ଦଳର ପାରାଦୀପ ନଗର ସଭାନେତ୍ରୀ ହେଲେ ଛବିଲତା ରାଉତ। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଜୁ ଜନତା ଦଳର ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଅନୁମୋଦନ କ୍ରମେ ଛବିଲତା ରାଉତ ହେଲେ ପାରାଦୀପ ନଗର ବିଜୁ ଜନତା ଦଳର ମହିଳା ସଭାନେତ୍ରୀ।ଶ୍ରୀମତୀ ରାଉତ ବର୍ତ୍ତମାନ ପାରାଦୀପ ପୌର ପରିଷଦ ର ଉପାଧ୍ୟକ୍ଷା ରହିଛନ୍ତି।ତାଙ୍କର ସାଙ୍ଗଠନିକ ଦକ୍ଷତା ଉପରେ ଭରସା କରି ନବୀନ ବାବୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ପାରାଦୀପ ନଗର ମହିଳା ସଙ୍ଗଠନକୁ ମଜବୁତ କରିବା ପାଇଁ ନବୀନ ବାବୁ ଏହି ଦାୟିତ୍ୱ ପ୍ରଦାନ କରିଥିବାରୁ ପାରାଦୀପ ନଗର ବିଜୁ ଜନତା ଦଳର ମହିଳା ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।ଏନେଇ ଦଳୀୟ ତଥା ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ର ସୁଅ ଛୁଟିଛି।ଆଗାମୀ ଦିନରେ ପାରାଦୀପ ନଗରରେ ବିଜୁ ଜନତା ଦଳର ମହିଳା ସଙ୍ଗଠନ କୁ ମଜବୁତ କରିବାରେ ସକ୍ଷମ ହେବେ ବୋଲି ଦଳୀୟ ନେତୃବୃନ୍ଦ ଭରସା ରଖିବା ସହିତ ନବୀନ ବାବୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସେହିପରି ଜଗତସିଂହପୁର ଜିଲ୍ଲାରେ ମହିଳା ସଙ୍ଗଠନ କୁ ଆହୁରି ଅଧିକ ଶକ୍ତିଶାଳୀ କରିବା ଲକ୍ଷ୍ୟରେ ଜିଲ୍ଲାର ବଛା ବଛା ଦକ୍ଷ ମହିଳାଙ୍କୁ ନେଇ ନୂଆ ସଙ୍ଗଠନ ଗଠନ କରାଯାଇଛି।ସେଥିରେ ପାରାଦୀପ ନଗର ବିଜୁ ଜନତା ଦଳର ତିନି ଦକ୍ଷ ମହିଳାଙ୍କୁ ମଧ୍ୟ ସ୍ଥାନ ଦିଆଯାଇଛି।ଏହି ଗୁରୁ ଦାୟିତ୍ୱ ମିଳିବା ପରେ ବିଜୁ ଜନତା ଦଳର ନଗର ମହିଳା ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।ସେମାନଙ୍କ ମଧ୍ୟରୁ ଜିଲ୍ଲା ଉପସଭାପତି ଭାବେ ପ୍ରଭାତୀ ନାୟକ ଓ ଚାପଲା ସ୍ୱାଇଁ ଙ୍କୁ ଅବସ୍ଥାପିତ କରାଯାଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ନଳିନୀ ସାହୁ ଙ୍କୁ ଅବସ୍ଥାପିତ କରାଯାଇଛି।

ବ୍ଲଡ୍‌ବ୍ୟାଙ୍କ ପରିଚାଳନା କମିଟିର ପ୍ରଥମ ବୈଠକ

ଜଗତସିଂହପୁର,୨୪।୯ (ସମିସ): ଜିଲ୍ଲାପାଳ ତଥା ବ୍ଲଡ୍ ବ୍ୟାଙ୍କ ପରିଚାଳନା କମିଟିର ଅଧ୍ୟକ୍ଷ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଗୁରୁବାର ସଦ୍‌ଭାବନା ସଭାଗୃହଠାରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲଡ୍ ବ୍ୟାଙ୍କକୁ ମୋବାଇଲ ରକ୍ତ ସଂଗ୍ରହ ଯାନ ପ୍ରଦାନ, ରକ୍ତ ପୃଥକୀକରଣ ୟୁନିଟ୍ ସ୍ଥାପନ, ଘରୋଇ ମେଡିକାଲକୁ ଅନ୍ତତଃ ବର୍ଷକୁ ଗୋଟିଏ ଥର ରକ୍ତଦାନ ଶିବିର କରିବା ପାଇଁ ପରାମର୍ଶ, ବିରଳ ରକ୍ତ ଗ୍ରୁପର ରକ୍ତଦାତାଙ୍କ ତାଲିକା ପ୍ରସ୍ତୁତ, ଶିବିର ସଂଖ୍ୟା ବୃଦ୍ଧି, କଲେଜରେ ସଚେତନତା ସୃଷ୍ଟି ସହ ଶିବିର ଆଦି ପ୍ରସ୍ତାବ ଆସିଥିଲା। ମୋବାଇଲ ରକ୍ତ ସଂଗ୍ରହ ଯାନ ଓ ରକ୍ତ ପୃଥକୀକରଣ ୟୁନିଟ୍ ସ୍ଥାପନ ପାଇଁ ଚିଠି ଲେଖା ଯାଇଥିବା ଜିଲ୍ଲାପାଳ ଶ୍ରୀ ସୋନାଲ କହିଥିଲେ। ସେହିପରି କଲେଜଗୁଡ଼ିକର ଛାତ୍ରଛାତ୍ରୀଙ୍କ ଭିତରେ ରକ୍ତଦାନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପରିଚାଳନା କମିଟିରେ ସଦସ୍ୟ ଥିବା ଅଧ୍ୟକ୍ଷ ଓ ଅଧ୍ୟକ୍ଷାମାନଙ୍କୁ ପରାମର୍ଶ ଦେଇଥିଲେ। ବିରଳ ରକ୍ତଦାତାଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶଂସାପତ୍ର ଦିଆଯିବ ବୋଲି ଜିଲ୍ଲାପାଳ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ରକ୍ତଦାନ ଶିବିର ସଂଖ୍ୟା ବୃଦ୍ଧି କରିବା ପାଇଁ ବ୍ଲଡ୍ ବ୍ୟାଙ୍କ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସିଡିଏମ୍‌ଓ ଡାକ୍ତର ସ୍ନିଗ୍ଧାମୟୀ ମହାନ୍ତି, ମେଡିକାଲ ଅଧୀକ୍ଷକ ଡାକ୍ତର ସରୋଜ କୁମାର ଜେନା, ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡାକ୍ତର ପ୍ରିୟନ୍ତ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡିପିଏମ୍ ସୋନାଲି ପ୍ରିୟଦର୍ଶିନୀ, ଏସଭିଏମ୍ କଲେଜ ଅଧ୍ୟକ୍ଷା ସୁଜାତା ଓତା, ନାଉଗାଁ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୂତି ଭୂଷଣ ସ୍ୱାଇଁ, ପ୍ରଭାତ କୁମାର ଶତପଥୀ, ଏସଭିଏମ୍ ସ୍ୱୟଂଶାସିତ କଲେଜ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ପ୍ରମୋଦ ରଞ୍ଜନ ଦାଶ, ତିର୍ତ୍ତୋଲ ଆଦିକବି ସାରଳା ଦାସ କଲେଜ ଅଧ୍ୟକ୍ଷ ଅନନ୍ତ ଚରଣ ଆଚାର୍ଯ୍ୟ, ବାଲିକୁଦା କଲେଜ ଯୁବ ରେଡକ୍ରସ ସଂଯୋଜକ ଗୟାଧର ଦାସ, ସନ୍ଧ୍ୟାରାଣୀ ପଣ୍ଡା, ସୋନାଲି ମହାନ୍ତି, ବ୍ଲଡ୍ ବ୍ୟାଙ୍କ ଟେକ୍ନିସିଆନ ବିଶ୍ୱରଞ୍ଜନ ମଲ୍ଲିକ, ନିରଞ୍ଜନ ରାଉତ, ସଦସ୍ୟ ଆଲୋକ କୁମାର ଦାସ, ଶୁଭକାନ୍ତ ପଢ଼ିହାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସେକ୍ସନ ଅଫିସର ବିନୋଦ କୁମାର ରଥ, ମାନସ କୁମାର ପୁହାଣ, ସହାୟକ, ସୁଜିତ କୁମାର ମିଶ୍ର ଏବଂ ବିଭୁଦତ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସିଡିଏମ୍‌ଓ ଶ୍ରୀମତୀ ମହାନ୍ତି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଶ୍ରୀ ମେହେର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଶ୍ରୀ ଜେନା ଧନ୍ୟବାଦ ଦେଇଥିଲେ।

ସମୁଦ୍ର ଅଶାନ୍ତ | ବୋଟ୍ ସହ ଆଶ୍ରୟ ନେଲେ ୩୧୯ ମତ୍ସ୍ୟଜୀବୀ

ପାରାଦୀପ,୨୪।୯ (ସମିସ) : ଗତକାଲି ରାତିରେ ସ୍ଥଳଭାଗ ଛୁଇଁଛି ଅବପାତ। ତେବେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଜନିତ ବର୍ଷା ଏବେ ବି ଜାରି ରହିଥିବା ବେଳେ ସମୁଦ୍ର ମଧ୍ୟ ଅଶାନ୍ତ ରହିଛି। ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ଆନ୍ଧ୍ରପ୍ରଦେଶର ବୋଟ୍‌ଗୁଡ଼ିକ ଉଚ୍ଚ ଜୁଆରକୁ ସାମ୍ନା କରି ପାରୁନାହାନ୍ତି। ଆଜି ପାରାଦ୍ୱୀପ ବନ୍ଦର ପ୍ରଶାସନ ଆଉ ୩୬ ମାଛ ଧରା ବୋଟ୍‌କୁ ବନ୍ଦର ପୋତାଶ୍ରୟରେ ଆଶ୍ରୟ ଦେବା ସହ ବୋଟ୍‌ରେ ଥିବା ୩୧୯ ଜଣ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତଭାବେ ଆଶ୍ରୟ ଦେଇଛନ୍ତି। ଗତକଲି ପାରାଦୀପ ବନ୍ଦର ପୋତାଶ୍ରୟରେ ୨୮ ଟି ମାଛ ଧରା ବୋଟ୍ ସହ ୨୪୮ ଜଣ ମତ୍ସ୍ୟଜୀବୀଙ୍କୁ ବନ୍ଦର କର୍ତ୍ତୃପକ୍ଷ ଆଶ୍ରୟ ଦେଇଥିଲେ। ତେବେ ସମୁଦାୟ ଏହି ପରିଭାବେ ୬୪ ଟି ବୋଟ୍ ସହ ୫୬୭ ଜଣ ମତ୍ସ୍ୟଜୀବୀଙ୍କୁ ଆଶ୍ରୟ ଦିଆଯାଇଛି। ପାରାଦୀପରେ ବର୍ଷା ତୁହାକୁ ତୁହା ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଏହି ଭୀଷଣ ବର୍ଷା ପାଇଁ ଆଲର୍ଟ ମଧ୍ୟରେ ରହିଛି। ତେବେ ଭୀଷଣ ବର୍ଷାରେ ସମୁଦ୍ର ଅଶାନ୍ତ ହେବାରୁ ମାଛଧରିବା ବିପଦପୂର୍ଣ୍ଣ ହୋଇ ପଡିଛି।ତେଣୁ ଉକ୍ତ ବୋଟ୍ ଗୁଡିକର ମତ୍ସ୍ୟଜୀବୀ ମାନେ ଆଜି ପୁଣି ପାରାଦୀପ ବନ୍ଦରକୁ ଆଶ୍ରୟ ନେବାକୁ ଅନୁରୋଧ କରିଥିଲେ।ତେବେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ବୋଟ୍ ମତ୍ସ୍ୟଜୀବୀମାନଙ୍କୁ ବନ୍ଦର ପୋତାଶ୍ରୟକୁ ଆସିବାକୁ ଅନୁମିତ ଦେଇଛନ୍ତି। ପାରାଦୀପ ବନ୍ଦରର ଇକ୍ୟୁ-୧ ବର୍ଥରେ ଆଜି ଅନ୍ୟ ବୋଟ୍‌ଗୁଡ଼ିକୁ ବର୍ଥିଙ୍ଗ କରିବାକୁ ଅନୁମତି ମିଳିଛି। ଅବପାତ ସ୍ଥଳ ଭାଗ ଛୁଇଁଥିଲେ ମଧ୍ୟ ଲଘୁଚାପର ପ୍ରଭାବ ଜାରି ରହିଛି। ଯାହା ଫଳରେ ବର୍ଷା ମଧ୍ୟ ଏନେଇ ଚାଲିଛି। ସମ୍ପୂର୍ଣ୍ଣ ଲଘୁଚାପ ର ପ୍ରଭାବ କମିଗଲେ ବୋଟ୍‌ଗୁଡ଼ିକ ସମୁଦ୍ରକୁ ମାଛ ମାରିବାକୁ ଯିବେ ବୋଲି ଜଣାପଡିଛି।

ଗଞ୍ଜେଇ ଜବତ, ଯୁବକ ଗିରଫ

ଜଗତସିଂହପୁର,୨୪।୯ (ସମିସ): ତିର୍ତ୍ତୋଲ ଥାନା ଅରଡା ଗ୍ରାମରେ ଅବକାରୀ ବିଭାଗ ଚଢ଼ଉ କରି ୨କେଜି ୧୦୦ ଗ୍ରାମର ଗଞ୍ଜେଇ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୨୧ ହଜାର ଟଙ୍କା ହେବ ବୋଲି କୁହାଯାଇଛି। ଏକ ଗୁଇନ୍ଦା ଖବରକୁ ଭିତ୍ତି କରି ତିର୍ତ୍ତୋଲ ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ରବି ବେହେରାଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ସକାଳେ ଅରଡା ଗ୍ରାମରେ ଚଢଉ କରିଥିଲା। ସନ୍ଦିଗ୍ଧ ଜଣକ କୌଣସି ସୂତ୍ରରୁ ଖବର ପାଇ ଗଞ୍ଜେଇ ବ୍ୟାଗକୁ ନେଇ ଖସିପଳାଇବାକୁ ଚେଷ୍ଟା କରୁଥିବାବେଳେ ଅବକାରୀ ବିଭାଗର କର୍ମଚାରୀମାନେ ତାଙ୍କୁ ପିଛା କରିବା ପରେ ଅରଡା ଠାରେ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୨କେଜି ୧୦୦ ଗ୍ରାମର ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତ ଜଣକ ହେଲେ ବାଲିସାହି ଗ୍ରାମର ଟହଲି ନାଥଙ୍କ ପୁଅ ଅକ୍ଷୟ କୁମାର ନାଥ। ତାଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ତିର୍ତ୍ତୋଲ ଅବକାରୀ ଥାନା କେସ୍ ନଂ ୭୨?୨୦୨୬-୨୭ ରେ ମାମଲା ରୁଜୁ କରାଯାଇ ଜଗତସିଂହପୁର ଜିଲ୍ଲା ଦୌରାଜଜ ଙ୍କ କୋର୍ଟ କୁ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗିୟ ହାଜତକୁ ପଠାଯାଇଛି। ଏହି ଅଭିଯାନରେ ତିର୍ତ୍ତୋଲ ଅବକାରୀ ଥାନାର କନଷ୍ଟେବଲ ଦିନବନ୍ଧୁ ସେଠୀ, ବର୍ଷାରାଣୀ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ। ଜିଲ୍ଲା ଅବକାରୀ ବିଭାଗ ନର୍କୋଟିକ୍ସ ବ୍ୟବସାୟ ବିରୋଧରେ ଆହୁରି କଠୋର ଅଭିଯାନ ଚାଲାଇବାକୁ ସଂକଳ୍ପବଦ୍ଧ ଥିବାର ପ୍ରକାଶ କରିଛନ୍ତି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ।

ବିଜ୍ଞାନ ସେମିନାର୍‌ରେ ଛାତ୍ରୀଙ୍କ କୃତିତ୍ୱ

ବାଲିକୁଦା,୨୪।୯ (ସମିସ): ବିଜ୍ଞାନ ସେମିନାରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରି ବାଲିକୁଦା ବ୍ଲକ୍ ଅଳାବୋଳ ପଞ୍ଚାୟତସ୍ଥିତ ପଞ୍ଚପାଣ୍ଡବ ଶୈଳବାଳା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଆର୍.ବି. ଅନ୍ୱେଷା ମହାନ୍ତି ଜଗତସିଂହପୁର ଜିଲ୍ଲାରୁ ଏକମାତ୍ର ଛାତ୍ରୀ ଭାବେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଜଗତସିଂହପୁରସ୍ଥିତ ଶ୍ରୀକୃଷ୍ଣ ଏକାଡେମୀଠାରେ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ୮ଟି ବ୍ଲକରୁ ବ୍ଲକସ୍ତରରେ ଶ୍ରେଷ୍ଠ ବିବେଚିତ ଜଣେ ଲେଖାଏଁ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ମୋଟ ୮ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଅନ୍ୱେଷାଙ୍କ ପ୍ରସ୍ତୁତି ଓ ଉପସ୍ଥାପନା ବିଚାରକମଣ୍ଡଳୀଙ୍କ ଦ୍ୱାରା ମନୋନୀତ ହୋଇଥିଲା। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ କୈଳାସ ଚନ୍ଦ୍ର ପରିଡ଼ା ଓ ଶରତ ଚନ୍ଦ୍ର ମହାରଣା ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ରାଜ୍ୟସ୍ତରକୁ ମନୋନୀତ ଅନ୍ୱେଷାଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ଚନ୍ଦ୍ର ମେହେର ପୁରସ୍କୃତ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀଙ୍କ ଏହି ସଫଳତାରେ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ସାହୁଙ୍କ ସମେତ ଶିକ୍ଷକ କଦମ୍ବ କେଶରୀ ସ୍ୱାଇଁ, ଅଭିମନ୍ୟୁ ତରାଇ, ସୁମନ୍ତ କୁମାର ଦାସ ଓ ଶିକ୍ଷୟିତ୍ରୀ ମହାମାୟା ଚୟନୀ, ସୁଶ୍ରୀ ମଧୁସ୍ମିତା ସ୍ୱାଇଁ, ରାଧାରାଣୀ ବେହେରା, ଲିଜାଲିଟ ଦାଶ, ବିଳାସିନୀ ସ୍ୱାଇଁ, ଲତିକା ମଞ୍ଜରୀ ଜେନା ଓ ଜ୍ୟୋସ୍ନାରାଣୀ ଲେଙ୍କା ପ୍ରମୁଖ ଅନ୍ୱେଷାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୱେଷା ନିଜର ଏହି ସଫଳତାର ଶ୍ରେୟ ତାଙ୍କ ଗାଇଡ୍ ଶିକ୍ଷକ ସୌରଭ ଶେଖର ନାୟକଙ୍କୁ ପ୍ରଦାନ କରିଛନ୍ତି।

ଇବ୍ରିସିଂରୁ ପଏଦା ରାସ୍ତା ପାଲଟିଛି ମରଣଯନ୍ତା

ଏରସମା,୨୪।୯ (ସମିସ):

ଏରସମା ବ୍ଲକ ଅଞ୍ଚଳର ଇବ୍ରିସିଂରୁ ପଏଦା ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଏବେ ଯାତାୟାତ ପାଇଁ ଦୁର୍ଦ୍ଦଶାର କାରଣ ପାଲଟିଛି। ଦୀର୍ଘଦିନ ଧରି ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଯାନବାହନ ଚଳାଚଳ ସହ ପଥଚାରୀମାନେ ମଧ୍ୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଏଭଳି ଅବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ବିଶେଷକରି ପଏଦା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। କାର୍ଯ୍ୟାଳୟକୁ ପ୍ରତିଦିନ ବିଭିନ୍ନ କାମରେ ଆସୁଥିବା ଲୋକଙ୍କ ସମେତ ସ୍ଥାନୀୟ ଲୋକମାନେ ଏହି ଖାଲଖମା ରାସ୍ତା ଦେଇ ଯାତାୟାତ କରୁଛନ୍ତି। ବର୍ଷା ହେଲେ ଖାଲରେ ପାଣି ଜମି ଯାଉଥିବାରୁ ଗଭୀରତା ଜଣାପଡୁନାହିଁ। ଫଳରେ ଦୁଇଚକିଆ ଯାନ ଚାଳକଙ୍କ ପାଇଁ ଦୁର୍ଘଟଣାର ଆଶଙ୍କା ରହୁଛି।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାର ଉନ୍ନତିକରଣ କିମ୍ବା ମରାମତି କାର୍ଯ୍ୟ ଆରମ୍ଭ ହେଲେ ମଧ୍ୟ ତାହା ମନ୍ଥର ଗତିରେ ଚାଲୁଥିବାରୁ ଲୋକଙ୍କ ଦୁର୍ଦ୍ଦଶା କମୁନାହିଁ। କେତେକ ସ୍ଥାନରେ ରାସ୍ତା ଖୋଳାଯାଇ କାମ ଅଧାପନ୍ତରିଆ ଭାବେ ରହିଥିବାରୁ ଯାତାୟାତ ଆହୁରି କଷ୍ଟକର ହୋଇପଡ଼ିଛି ବୋଲି ସେମାନେ କହିଛନ୍ତି। ଏହି ରାସ୍ତା ଉପରେ ନିର୍ଭର କରି ଛାତ୍ରଛାତ୍ରୀ, ଚାଷୀ, ଶ୍ରମିକ ଓ ବିଭିନ୍ନ ଅଞ୍ଚଳର ଲୋକେ ଦୈନିକ ଯାତାୟାତ କରୁଛନ୍ତି। ରାସ୍ତାର ଖାଲଖମା ଯୋଗୁଁ ଗାଡ଼ିର ଗତି କମାଇ ଚଳାଇବାକୁ ପଡୁଛି। ଫଳରେ ଅଳ୍ପ ଦୂରତା ଅତିକ୍ରମ କରିବାକୁ ମଧ୍ୟ ଅଧିକ ସମୟ ଲାଗୁଛି। ଆମ୍ବୁଲାନ୍ସ ଓ ଅନ୍ୟ ଜରୁରିକାଳୀନ ଯାନ ଚଳାଚଳ ସମୟରେ ମଧ୍ୟ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ରାସ୍ତାର ଏଭଳି ଅବସ୍ଥା ପ୍ରତି ଆର୍‌ଡି ବିଭାଗ ଦୃଷ୍ଟି ଦେଉନଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ଧରି ରାସ୍ତା ମରାମତି ପାଇଁ ଦାବି ହେଉଥିଲେ ମଧ୍ୟ ସ୍ଥାୟୀ ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକଙ୍କ ଅସନ୍ତୋଷ ବଢ଼ିଛି। ତୁରନ୍ତ ରାସ୍ତାର ଖାଲଖମା ପୂରଣ କରି ଯାତାୟାତ ଉପଯୋଗୀ କରିବା ସହ ଚାଲୁଥିବା ନିର୍ମାଣ କାର୍ଯ୍ୟକୁ ଦ୍ରୁତଗତିରେ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ରାସ୍ତା କାମର ମାନ ଓ ଅଗ୍ରଗତି ଉପରେ ବିଭାଗୀୟ ଅଧିକାରୀ ନିୟମିତ ନଜର ରଖିବାକୁ ମଧ୍ୟ ସେମାନେ ଦାବି କରିଛନ୍ତି।

ଅସୁସ୍ଥ ହାତୀର ଚିକିତ୍ସା କଲା ବନବିଭାଗ

ହିନ୍ଦୋଳ,୨୪।୯(ସମିସ): ହିନ୍ଦୋଳ ବନାଞ୍ଚଳରେ କିଛିଦିନ ହେବ ୪ରୁ ୫ ବର୍ଷ ବୟସ୍କ ଏକ ଅସୁସ୍ଥ ହାତୀ ଶାବକ ଚଳପ୍ରଚଳ କରୁଥିଲା। ବୁଧବାର ସେହି ହାତୀ ଛୁଆ ନୂଆକୋଟ

ଗାଁ ମଝିରେ ଏକ କେନାଲ ପାଖରେ ରହିଥିଲା। ଖବର ପାଇ ବନ ବିଭାଗ କର୍ଣ୍ଣପୁର ଏବଂ କନ୍ତାମିଲା ବିଟ୍ କର୍ମଚାରୀ ତାକୁ ଜଗି ରହିଥିଲେ। ଗୁରୁବାର କପିଳାସର ଡାକ୍ତରୀଦଳ ସହ ହିନ୍ଦୋଳ ବନ ବିଭାଗର ଅଧିକାରୀ ତ୍ରିଲୋଚନ ଦେହୁରୀ, ଫରେଷ୍ଟର, ବିଟ କର୍ମଚାରୀ, ହାତୀ ସ୍କ୍ୱାଡ୍ ଏବଂ ଢେଙ୍କାନାଳ ଏସିଏଫ ପ୍ରମୁଖ ପହଞ୍ଚି ତାହାର ଚିକିତ୍ସା କରିଥିଲେ। ଖଜୁରୀ କଣ୍ଟା ପାଟିରେ ଲାଗିଥିବାରୁ ହାତୀ ଖାଦ୍ୟଖାଇବାରେସମସ୍ୟାହେତୁଅସୁସ୍ଥହୋଇପଡ଼ିଥିବାଡାକ୍ତରୀଦଳକହିଛନ୍ତି।ଅନ୍ୟପଟେ ହାତୀଟିକୁ କପିଳାସ ନେଇ ଚିକିତ୍ସା କରାଇବାକୁ ସ୍ଥାନୀୟ ଲୋକେ ରେଞ୍ଜରଙ୍କୁ କହିଥିଲେ। ତେବେ ହାତୀର ସ୍ୱାସ୍ଥ୍ୟାବସ୍ଥା ଦେଖି ଏହି ନିଷ୍ପତ୍ତି ନିଆଯିବ ବୋଲି ରେଞ୍ଜର କହିଥିଲେ।

ଜୈବବିବିଧତା ସମ୍ପର୍କିତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ଗଁଦିଆ,୨୪।୯(ସମିସ)

ଗଁଦିଆ ବ୍ଲକ ସମ୍ମିଳନୀ କକ୍ଷରେ ବନଖଣ୍ଡସ୍ତରୀୟ ଜୈବବିବିଧତା ସମ୍ପର୍କିତ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ପବିତ୍ର କୁମାର ବେହେରା ଯୋଗଦେଇ ତ୍ରିସ୍ତରୀୟ ଜୈବବିବିଧତା ସଂରକ୍ଷଣ ବ୍ୟବସ୍ଥାରେ ସ୍ଥାନୀୟ ସ୍ତରରେ ଥିବା ଜୈବବିବିଧତା ପରିଚାଳନା ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସ୍ଥାନୀୟ ସ୍ତରରେ ପ୍ରସ୍ତୁତ କରାଯାଉଥିବା ଜନ ଜୈବବିବିଧତା ନଥିପତ୍ର ବା ପିବିଆର୍, ଏକ ଆଇନଗତ ବୈଷୟିକ ଓ ବିଜ୍ଞାନସମ୍ମତ ନଥିପତ୍ର। ଏହି ନଥିପତ୍ରକୁ ଆଧାର କରି ସ୍ଥାନୀୟ ଜୈବବିବିଧତାର ସୁରକ୍ଷା, ଧାରାବାହିକ ବ୍ୟବହାର ସମ୍ଭବ ବୋଲି ସେ କହିଥିଲେ। ଓଡ଼ିଶା ଜୈବବିବିଧତା ବୋର୍ଡର ବନଖଣ୍ଡ ଅଧିକାରୀ ଶିଶିର ମିଶ୍ର ଜୈବବିବିଧତାର ସୁରକ୍ଷା ଓ ପରିଚାଳନା କ୍ଷେତ୍ରରେ ବିଏମସିର ସହଯୋଗ ଏକାନ୍ତ ଆବଶ୍ୟକ ଏବଂ ସ୍ଥାନୀୟ ଅଞ୍ଚଳର ଜଙ୍ଗଲ, ବନ୍ୟଜନ୍ତୁ ଓ ପରିସଂସ୍ଥାର ସୁରକ୍ଷା ସମ୍ଭବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ସହଯୋଗୀ ଅନୁଷ୍ଠାନ ଭାବେ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସହଯୋଗ କରିଥିଲା। ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୋର୍ଡର ସଂଯୋଜକ ଡ. ଶୁଭ୍ରାଂଶୁ ନାୟକ କୃଷି ଜୈବବିବିଧତା, ଅଣୁଜୀବ ସଂରକ୍ଷଣ, ଦେଶୀୟ ବିହନ ସୁରକ୍ଷା, ଜଙ୍ଗଲୀ କିସମ କୃଷି, ମିଲେଟ୍ କୃଷି ଉପରେ ପରାମର୍ଶ ପ୍ରଦାନ କରିଥିଲେ। ଉଦ୍ଭିଦ ବିଜ୍ଞାନୀ ଡ. ପ୍ରଭାତ ଦାସ ବିଭିନ୍ନ ପ୍ରକାର ଉଦ୍ଭିଦ ଓ ସେମାନଙ୍କ ଗୁଣାବଳୀ, ବିଭିନ୍ନ କାରଣ ଜନିତ ବିଲୁପ୍ତ ହେଉଥିବା ଏବଂ ତାହାର ସଂରକ୍ଷଣର ଆବଶ୍ୟକତା ଓ ପଦ୍ଧତି ପ୍ରକ୍ରିୟା ଉପରେ ପରାମର୍ଶ ପ୍ରଦାନ କରିଥିଲେ। ବନ୍ୟଜୀବ ବିଶେଷଜ୍ଞ ଡ. ଶିବପ୍ରସାଦ ପରିଡ଼ା ବନ୍ୟଜୀବ, ଗୃହପାଳିତ ପଶୁଙ୍କ ସମ୍ବନ୍ଧରେ ବିଏମସିର କର୍ମକର୍ତ୍ତାଙ୍କୁ ଉପଦେଶ ଦେଇଥିଲେ। ସହକାରୀ ବନ ସଂରକ୍ଷକ ବିଦ୍ୟା ସାଗର, ସହକାରୀ ଅଧିକାରୀ ଡ. ଶୁଚିସ୍ମିତା ପୃଷ୍ଟି, ଷଡ଼ଙ୍ଗୀ ବନାଞ୍ଚଳ ଅଧିକାରୀ ରାହୁଲ ଦଳେଇଙ୍କ ସମେତ ଗଁଦିଆ ବ୍ଲକର ଜିପିଡିଓ ବୈକୁଣ୍ଠନାଥ କର, କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଅଧ୍ୟାପକ ପ୍ରିୟବ୍ରତ ପାତ୍ର, ପ୍ରକୃତି ପରିବେଶ ଓ ବନ୍ୟ ଜୀବନ ସମିତି କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଦାସ, ସଂଯୋଜକ ପ୍ରିୟବ୍ରତ ବେହେରା, ସ୍ୱସ୍ତି ଦୀପା, ପ୍ରତ୍ୟୁଷା ମାଝୀ, ଓଡ଼ିଶା ଜୈବବିବିଧତା ବୋର୍ଡର ଚିତ୍ତରଞ୍ଜନ ନାୟକ, ଷଡ଼ଙ୍ଗୀ ବନାଞ୍ଚଳର କର୍ମଚାରୀ, ଗଁଦିଆ ବ୍ଲକର ୧୧ ଜୈବ ବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା, ସଭ୍ୟସଭ୍ୟା, କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

କୁଡୁମୀ ସମ୍ପ୍ରଦାୟର କରମା ପୂଜା

ଢେଙ୍କାନାଳ,୨୪।୯(ସମିସ): କଙ୍କଡ଼ାହାଡ଼ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ରହୁଥିବା କୁଡୁମୀ ତଥା ମହାନ୍ତ ସମ୍ପ୍ରଦାୟର ଲୋକେ ଜାକଜମକରେ କରମା ପୂଜା ପାଳନ କରିଛନ୍ତି। ପ୍ରତିବର୍ଷ ଭାଦ୍ରବ ଶୁକ୍ଳପକ୍ଷ ଏକାଦଶୀରେ ଏହି ପର୍ବ ପାଳନ କରାଯାଏ। ଏହି ପର୍ବ ପାଳନ ପୂର୍ବରୁ କିଶୋରୀମାନଙ୍କ ଦ୍ୱାରା ଜାୱା ପ୍ରସ୍ତୁତ କରାଯାଏ। ଏକ ଡାଲା ତଥା ଟୋକେଇରେ ନଦୀରୁ ବାଲି ସଂଗ୍ରହ କରି ସେଥିରେ କୋଳଥ, ମକା, ବିରି, ମୁଗ ଓ ରାଶି ଆଦି ୫ ପ୍ରକାର ଶସ୍ୟ ପକାଯାଇ ହଳଦୀ ପାଣି ସିଞ୍ଚନ କରାଯାଏ। ଏକାଦଶୀ ତିଥିରେ କର୍ତ୍ତାଙ୍କ ସହ କିଶୋରୀମାନେ ମାଦଳ ବାଜା ତାଳରେ ନାଚି ନାଚି ଯାଇ କୁରୁମ ଗଛର ଡାଳ ଆଣି ଆଖଡ଼ାରେ ସ୍ଥାପନ କରିଥାନ୍ତି। ସେଠାରେ ଜାୱା ଡାଲା ମଧ୍ୟ ରଖାଯାଇଥାଏ। ସେଠାରେ ସମ୍ପ୍ରଦାୟର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥାଏ। ବ୍ରତଧାରୀ କିଶୋରୀମାନେ କୁରୁମ ଡାଳକୁ ଧରି 'ଆପେକ୍ କରମ, ଭାଏକ ଧମର୍ ତଥା ନିଜର କର୍ମ, ଭାଇର ଧର୍ମ' କହି ଶପଥ ନେଇଥାନ୍ତି। କରମା ପୂଜା ଦିନ ସାରାରାତି ସମ୍ପ୍ରଦାୟର ଲୋକମାନେ ପାରମ୍ପରିକ ଝୁମର ନାଚଗୀତରେ ଝୁମିଥାନ୍ତି। ଅପ୍ରାପ୍ତ ବୟସ୍କା ଝିଅମାନେ ଏହି ପୂଜା କରିଥାନ୍ତି। ଏକାଦଶୀ ପରଦିନ କରମା ଠାକୁରଙ୍କୁ ନିକଟସ୍ଥ ନଦୀରେ ବିସର୍ଜନ କରାଯାଇଥିଲା।

ଭୁବନ ଗଣେଶ ମେଳଣ ମହୋତ୍ସବ

ଭୁବନ,୨୪।୯(ସମିସ): ଭୁବନ ଏନ୍ଏସି ଅଞ୍ଚଳରେ ୨୧ଟି କ୍ଲବ୍ ପକ୍ଷରୁ ଗଣେଶ ପୂଜା ପାଳିତ ହେଉଛି। ୨୩ ଓ ୨୪ ତାରିଖ ଦୁଇଦିନ ଧରି ଶ୍ରୀଗଣେଶ ୱେଲଫେୟାର ଆଣ୍ଡ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଶ୍ରୀଗଣେଶ

ମେଳଣ ମହୋତ୍ସବ ଆୟୋଜିତ ହୋଇଛି। ପ୍ରଥମ ସନ୍ଧ୍ୟାରେ ବିଭିନ୍ନ ପୂଜାମଣ୍ଡପର ଗଣେଶ ପ୍ରତିମାଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଚାରକ ଭାବେ ଲୋକନୃତ୍ୟ ଗବେଷକ ମନୋରଞ୍ଜନ ମାହାନ୍ତ ଓ ଓଡ଼ିଶୀ ନୃତ୍ୟଙ୍ଗନା ସଞ୍ଜୀବିତା ଉପସ୍ଥିତ ଥିଲେ। ଭୁବନ ଗଣେଶ ମେଳଣ ସଭାପତି ସୁବ୍ରତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ଏସଡିପିଓ ଚିତ୍ତରଞ୍ଜନ ବେହେରା, ମୁଖ୍ୟବକ୍ତା ଅରୁଣ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଭୁବନ ମହିଳା କଲେଜ ଅଧ୍ୟକ୍ଷ ଦିଲୀପ ଦାସ ପ୍ରମୁଖ ଯୋଗଦେଇଥିଲେ।

ପରଜଙ୍ଗରୁ ବିଦାୟ ନେଲେ ବିଘ୍ନବିନାଶକ

ପରଜଙ୍ଗ,୨୪।୯(ସମିସ): ପରଜଙ୍ଗ ବ୍ଲକରେ ମିଳିତ ଗଣେଶ ପୂଜା କମିଟି ଅନୁକୂଲ୍ୟରେ ଆରମ୍ଭ ହୋଇଥିବା ଗଣେଶ ପୂଜାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ୧୦ ଦିନ ଧରି ମୀନାବଜାର, ବିଭିନ୍ନ ପ୍ରକାରର ରାମଦୋଳି, ଭଳିକି ଭଳି ସୁସ୍ୱାଦ ଖାଦ୍ୟର ମଜା ସାଙ୍ଗକୁ କ୍ଲବ ଦ୍ୱାରା ଅୟୋଜିତ ମେଲୋଡି, ଭଜନସନ୍ଧ୍ୟାର ଭରପୂର ମଜା ନେଇଥିଲେ ଜନସାଧାରଣ। ପୂର୍ବ ନିର୍ଦ୍ଧାରିତ ଲଟେରୀ ହିସାବରେ ମେଢ଼ଗୁଡ଼ିକ ପରଜଙ୍ଗ ମିନି ଷ୍ଟାଡିୟମସ୍ଥିତ ମେଲଣ ପଡ଼ିଆକୁ ଯାଇଥିଲେ। ଅପରାହ୍ନରେ ସେଠାରୁ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ରାସ୍ତାରେ ଯାଇ ତାରିଣୀ ଛକରେ ପହଞ୍ଚିଥିଲେ। ସେଠାରେ ମୂର୍ତ୍ତିଗୁଡ଼ିକ କେନାଲରେ ବିସର୍ଜନ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ପାଖ ଆଖ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ ସାହୁଙ୍କ ନେତୃତ୍ୱରେ ପୁଲିସ ଅଧିକାରୀ, ଫୋର୍ସ, ହୋମ୍‌ଗାର୍ଡ ଉପସ୍ଥିତ ଥିଲେ।

ଆସୁଛି ଗଜଲକ୍ଷ୍ମୀ ପୂଜା

ଗଣେଶ ବଜାର ପକ୍ଷରୁ ମୂର୍ତ୍ତି ଓ ତୋରଣ କାର୍ଯ୍ୟ ଶୁଭାରମ୍ଭ

ଢେଙ୍କାନାଳ,୨୪।୯(ସମିସ): ବିଶ୍ୱପ୍ରସିଦ୍ଧ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା ପାଇଁ ପବିତ୍ର ସୁନିଆ ତିଥିରେ ସହରର ଅଗ୍ରଣୀ ପୂଜା ଅନୁଷ୍ଠାନ ଗଣେଶ ବଜାର ପକ୍ଷରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ତୋରଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ଅନୁଷ୍ଠାନ ସଭାପତି ସଞ୍ଜୀବ କୁମାର ବେହେରା, ସମ୍ପାଦକ ଏମଡି ରଫିକ, ମିଳିତ ବଜାର ସଭାପତି ରୁଦ୍ରନାରାୟ ତ୍ରିପାଠୀ ଓ ପୁରୋହିତ ଦୋଳଗୋବିନ୍ଦ ହୋତା ଉପସ୍ଥିତ ରହି ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ। ଗଣେଶ ବଜାର ପୂଜାକମିଟି ଅଧ୍ୟକ୍ଷ ଶେଖ ହୁସେନ, ଉପସଭାପତି ଶରତ ସାହୁ, ସହସମ୍ପାଦକ ଶ୍ରୀକାନ୍ତ ସାହୁ, ବସନ୍ତ ସାହୁ, ମାଧବ ସିଲ, ଜଗନ୍ନାଥ ହୋତା, ମନମୋହନ ଦାସ, ସୁଧାଂଶୁ ନାୟକ, ଶ୍ୟାମସୁନ୍ଦର ସାହୁ ଓ ମୂର୍ତ୍ତି କାରିଗରଙ୍କ ସମେତ କୋଲକାତାର ତୋରଣ କାରିଗର ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ

ଢେଙ୍କାନାଳ,୨୪।୯(ସମିସ): ସ୍ଥାନୀୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଛି। ସମଗ୍ର ଶିକ୍ଷା ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପରେଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସେବା, ସ୍ୱଚ୍ଛତା ଏବଂ ସାମାଜିକ ବିକାଶ ଅଭିଯାନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୌମ୍ୟାଶ୍ରୀ ପଣ୍ଡା ଯୋଗଦେଇଥିଲେ। ଅତିଥିମାନେ ବିଭିନ୍ନ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଯତୀନ୍ଦ୍ର ପ୍ରସାଦ କର ସଭା ସଂଯୋଜନା କରିଥିଲେ। ଅଧ୍ୟାପକ ଦେବୀପ୍ରସାଦ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର, ପ୍ରଧାନଶିକ୍ଷକ ବିକ୍ରମ ସେଠୀ ଓ କଳା ଶିକ୍ଷକ ସୌରଭ ରାୟଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ, ସମଗ୍ର ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆଗାମୀ ଦିନରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି।

ବିଶ୍ୱ ପର୍ଯ୍ୟଟନ ଦିବସରେ ହେବ ଗଣଦୌଡ଼

ଢେଙ୍କାନାଳ,୨୪।୯(ସମିସ): ଓଡ଼ିଶାର ପର୍ଯ୍ୟଟନ ସମ୍ଭାବନା, ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ ଓ ସଂସ୍କୃତିକୁ ଦେଶ-ବିଦେଶରେ ପ୍ରଚାରପ୍ରସାର କରିବା ଉଦ୍ଦେଶ୍ୟରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଆସନ୍ତା ୨୭ ତାରିଖ ଏକ ଗଣଦୌଡ଼ ଆୟୋଜିତ ହେବ। ଶ୍ରୀ ବଳରାମ ମନ୍ଦିରଠାରୁ ସକାଳ ୬ଟା ୪୫ରୁ ଗଣଦୌଡ଼ ଆରମ୍ଭ ହୋଇ ମହିଷାପାଟ ଛକ ପର୍ଯ୍ୟନ୍ତ ଯିବ। ସେଠାରୁ ଫେରି ପୁଣି ଶ୍ରୀବଳରାମ ମନ୍ଦିରରେ ପହଞ୍ଚିବ। ଓଡ଼ିଶାର ୩୦ରୁ ଅଧିକ ସହରକୁ ଏକତ୍ର କରି ଏକ ଓଡ଼ିଶା ଏକ ଯାତ୍ରା ବାର୍ତ୍ତାକୁ ନେଇ ଏହି ଗଣଦୌଡ଼ ଆୟୋଜିତ ହେଉଥିବା ସୂଚନା ମିଳିଛି।

ଅବପାତ ପ୍ରଭାବରେ ପ୍ରବଳ ବର୍ଷା, ଚିନ୍ତାରେ ଚାଷୀ

ଭୁବନ,୨୪।୯(ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତ ରୂପ ନେବା ପରେ ଏହାର ପ୍ରଭାବରେ ଗୁରୁବାର ଏଠାରେ ତୁହାକୁ ତୁହା ବର୍ଷା ଲାଗିରହିଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିବା ବେଳେ ମଝିରେ ମଝିରେ ଝଟକା ପବନ ମଧ୍ୟ ହୋଇଥିଲା। ଦିନତମାମ ଆକାଶ ମେଘାଚ୍ଛନ୍ନ ରହିଥିଲା। ବର୍ଷା ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଅଧିକାଂଶ ଛକବଜାର ଖାଁ ଖାଁ ରହିଥିବା ବେଳେ ରାସ୍ତାଘାଟ ମଧ୍ୟ ଶୁନଶାନ ରହିଥିଲା। ଦିନର ଅଧିକାଂଶ ସମୟ ବିଦ୍ୟୁତ୍ ବିଭ୍ରାଟ ଦେଖା ଦେଇଥିଲା। ବର୍ଷା ଓ ପବନକୁ ଦୃଷ୍ଟିରେ ରଖି କେତେକ ସ୍ଥାନରେ ଚାଷୀମାନେ ପାଚିଥିବା ବିଆଳି ଧାନ କାଟି ଆଣୁଥିବା ଦେଖାଯାଇଥିଲା। ବର୍ଷାର ପରିମାଣ ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଫଳରେ ବିରି ବୁଣିବା ବିଳମ୍ବିତ ହେଉଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ବର୍ଷା ପ୍ରଭାବରେ ପାଟ ଜମିରେ ମଧ୍ୟ ପାଣି ଜମି ରହିଛି। ଫଳରେ ଧାନ ଫସଲ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି।

କିଶୋରୀଙ୍କ ପାଇଁ ସଚେତନତାମୂଳକ ତାଲିମ

ଢେଙ୍କାନାଳ,୨୪।୯(ସମିସ): ସଦର ବ୍ଲକ୍ ଭାପୁରସ୍ଥିତ ଭୋଳେଶ୍ୱର ଧଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲ ପରିସରରେ କିଶୋରୀ ବାଳିକାମାନଙ୍କ ପାଇଁ ଏକ ସଚେତନତାମୂଳକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲୋକ ବିକାଶ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିସିପିଓ ଅନୁରାଧା ଗୋସ୍ୱାମୀ ମୁଖ୍ୟଅତିଥି ଭାବେ ଯୋଗଦେଇ କିଶୋରୀ ବାଳିକାମାନଙ୍କ ପ୍ରତି ହେଉଥିବା ଅଶୋଭନୀୟ ଆଚରଣ, ନିର୍ଯାତନା ଓ ଅନ୍ୟାନ୍ୟ ଅପରାଧରୁ ସୁରକ୍ଷା ପାଇଁ ଉପଲବ୍ଧ ଆଇନଗତ ସୁରକ୍ଷା ଓ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁମଙ୍ଗଳ କମିଟିର ପ୍ରାକ୍ତନ ସଦସ୍ୟ ବିଭୂତିଭୂଷଣ ଦାସ ସାମ୍ବିଧାନିକ ମୂଲ୍ୟବୋଧ, ଅଧିକାର ଓ ସମାଜ ପରିବର୍ତ୍ତନରେ କିଶୋରୀ ବାଳିକାମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଚାଇଲ୍ଡ ହେଲ୍ପଲାଇନ୍‌ର ପ୍ରୋଜେକ୍ଟ କୋଅର୍ଡିନେଟର ରୋଶନ କୁମାର ନନ୍ଦ ଶିଶୁମାନଙ୍କ ଅଧିକାର ଏବଂ ଜିଲ୍ଲାରେ ଚାଇଲ୍ଡ ହେଲ୍ପଲାଇନ୍ ପକ୍ଷରୁ ଶିଶୁମାନଙ୍କ ସୁରକ୍ଷା ଓ ସହାୟତା ପାଇଁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଲୋକ ବିକାଶର ସମ୍ପାଦକ ତଥା ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଶେଖ୍ ଅବଦୁଲ ସଫିକ୍ କିଶୋରୀ ବାଳିକାମାନଙ୍କ ସଶକ୍ତୀକରଣ, ନେତୃତ୍ୱ ବିକାଶ ଓ ସୁରକ୍ଷା ଦିଗରେ ସଂଗଠନ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରିଥିଲେ। ଶିକ୍ଷାବିତ୍ କୃଷିଦା ବେଗମ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଲୋକ ବିକାଶର ଫିଲ୍ଡ କୋଅର୍ଡିନେଟର ଅନିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଗଛଡାଳ ଭାଙ୍ଗି ସାଇକଲ ଆରୋହୀ ମୃତ

ହିନ୍ଦୋଳ/ଖଜୁରିଆକଟା,୨୪।୯(ସମିସ): ଅବପାତ ପ୍ରଭାବରେ ହିନ୍ଦୋଳ ଉପଖଣ୍ଡରେ ଦିନତମାମ ବର୍ଷା ଲାଗି ରହିଛି। ଏଥିସହ ପବନର ଝଟ୍‌କା ମଧ୍ୟ ଅନୁଭୂତ ହୋଇଛି। ଏହି ପବନରେ ପୁରୁଣା କଟକ-ସମ୍ବଲପୁର ରାସ୍ତାର ରାସୋଳ ଥାନା ସୁକିଆବାଉତି ମନ୍ଦୀର ନିକଟ ଏକ ମାର୍ବଲ ଦୋକାନ ସାମ୍ନାରେ ଥିବା ଚାକୁଣ୍ଡା ଗଛର ଡାଳ ହଠାତ ଭାଙ୍ଗିଯିବାରୁ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗଣ୍ଡାନାଳୀ ଗ୍ରାମର ରତ୍ନାକର ପ୍ରଧାନ (୫୫)। ରତ୍ନାକର ରାସୋଳରେ ପରିବା ବିକ୍ରି କରି ଘରକୁ ଫେରୁ ଥିବା ବେଳେ ହଠାତ ଡାଳ ଭାଙ୍ଗି ତାଙ୍କ ଉପରେ ପଡ଼ିଥିଲା। ଏଥିସହ ସେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିବାର ଜଣାଯାଇଛି। ଗୁରୁତର ଅବସ୍ଥାରେରେ ତାଙ୍କୁ ଉଦ୍ଧାର କରାଯାଇ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ଦିବସ ପାଳିତ

ଢେଙ୍କାନାଳ,୨୪।୯(ସମିସ)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନଏସଏସ ସହ-ଶାଖା ପକ୍ଷରୁ ଗୁରୁବାର ଏନଏସଏସ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଦେଶର ସୈନିକ ଭାବେ ଅଭିହିତ କରି ପ୍ରୋତ୍ସାହିତ କରିବା ସହ ପ୍ରକୃତ ରାଷ୍ଟ୍ର ନିର୍ମାତା ଭାବେ ସେମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ରବର୍ଟ ୱିଲସନ ଭତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ବାଣିଜ୍ୟ ବିଭାଗ ସହକାରୀ ଅଧ୍ୟାପକ ଡ. ରଜନୀକାନ୍ତ ଖୁଣ୍ଟିଆ ଯୋଗଦେଇ ସେବାର ମୂଳ ଭାବନାକୁ ଜାଗ୍ରତ କରିବା ପାଇଁ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ବିଭୁଦତ୍ତ ଦାସ ସ୍ୱେଚ୍ଛାସେବୀମାନଙ୍କୁ ସମାଜରେ ସ୍ଥାୟୀ ପରିବର୍ତ୍ତନ ଆଣୁଥିବା ବ୍ୟକ୍ତି ଭାବେ ପ୍ରଶଂସା କରିଥିଲେ। ଡିଏଚଏସଏସ ପ୍ରୋଗ୍ରାମ ଅଫିସର ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ପବିତ୍ର ଜେନାଙ୍କ ସମେତ ବହୁ ଏନଏସଏସ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଖଜୁରିଆକଟା: ହିନ୍ଦୋଳ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଦିବସ ପାଳିତ ହୋଇଛି। ବିଭାଗର ପୋଗ୍ରାମ୍ ଅଫିସର ବ୍ରଜକିଶୋର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ସୁକାନ୍ତ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଛାତ୍ର ଜୀବନରୁ ହିଁ ସ୍ୱଦେଶ ପ୍ରେମରେ ଉଦବୁଦ୍ଧ ହେଲେ ଭବିଷ୍ୟତରେ ଦେଶ ଓ ଜାତିକୁ ପ୍ରଗତି ପଥରେ ପରିଚାଳିତ କରିପାରିବେ ବୋଲି ସେ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ରାଜନୀତି ବିଭାଗର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ଦିବ୍ୟରଞ୍ଜନ ଭୁକ୍ତା, ମୋନାଲିସା ରାଉତ, ପ୍ରୀତିପ୍ରଭା ସାହୁ, ବିଦ୍ୟୁସ୍ମିତା ଭୁକ୍ତା ଶିବିରର ଅଭିଜ୍ଞତା ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଚାରୀ ମଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସର ସଫେଇ କରିଥିଲେ।

କରମୂଳରେ ଖୁଦୁରୁକୁଣୀ ଓଷା

ଗଁଦିଆ,୨୪।୯(ସମିସ): କରମୂଳ ଗ୍ରାମରେ ଖୁଦୁରୁକୁଣୀ ଓଷା ପାଳିତ ହେଉଛି। ଚଳିତବର୍ଷ ହରିଜନ ସାହି, ହଂସ ସାହି, ଚମାର ସାହି, ତେଲି ସାହି, ଗୁଡ଼ିଆ ସାହି, ବଣିଆ ସାହି, କଂସାରୀ ସାହି, ସାନ୍ତରାପୁର, ଗୋବର୍ଦ୍ଧନପୁର, ଯାତ୍ରାପଡ଼ିଆ, ବ୍ରାହ୍ମଣ ସାହି ଓ ଗଡଡ଼ ସାହିରେ

ବିଭିନ୍ନ ମେଢ଼ ପ୍ରସ୍ତୁତ କରାଯାଇଛି। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, କରମୂଳ ଶାଖା ପକ୍ଷରୁ ଚୈତନ୍ୟ ଝାଙ୍କି ପରିବେଷଣ କରାଯାଇଥିଲା। ଏଥିରେ ଝରଣା ଭଉଣୀ, କୋଦଣ୍ଡଧର ମଳିକ, ସମାଜସେବୀ ପ୍ରଦ୍ୟୁମ୍ନ ପଣ୍ଡା, ମନୋରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ।

ମୋବାଇଲ ମେଳାରେ ୨୯ ଫୋନ ହସ୍ତାନ୍ତର

ଢେଙ୍କାନାଳ,୨୪।୯(ସମିସ): ଢେଙ୍କାନାଳ ଟାଉନ୍ ପୁଲିସ ପକ୍ଷରୁ ହଜିଯାଇଥିବା ମୋବାଇଲ୍ ଫୋନ୍‌ଗୁଡ଼ିକୁ ଉଦ୍ଧାର କରାଯାଇ ଏକ ମେଳା ମାଧ୍ୟମରେ ସେଗୁଡ଼ିକର ପ୍ରକୃତ

ମାଲିକମାନଙ୍କୁ ହସ୍ତାନ୍ତର କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୨୯ଟି ହଜିଯାଇଥିବା ମୋବାଇଲ୍ ଫୋନ୍ ହସ୍ତାନ୍ତର କରାଯାଇଛି। ଏସଡିପିଓ ରମେଶ ଚନ୍ଦ୍ର ଦୋରା ଏବଂ ଆଇଆଇସି ଧୀରେନ କୁମାର ବେହେରାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଟାଉନ୍ ଥାନା ପୁଲିସର ନିରନ୍ତର ପ୍ରୟାସ ଓ ପ୍ରଯୁକ୍ତିଗତ ସହାୟତା ମାଧ୍ୟମରେ ଉକ୍ତ ମୋବାଇଲ୍ ଫୋନ୍‌ଗୁଡ଼ିକୁ ଠାବ କରାଯାଇଥିଲା। ଆବଶ୍ୟକ ଯାଞ୍ଚ ଓ ଆଇନଗତ ପ୍ରକ୍ରିୟା ସମାପ୍ତ ପରେ ସେଗୁଡ଼ିକୁ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି।

ପୂର୍ବତନ ବିଧାୟକ ପରିଷଦର ସଦସ୍ୟମାନେ ପେନ୍‌ସନ୍ ପ୍ରସଙ୍ଗରେ ଗୁରୁବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି

+୨ ପରୀକ୍ଷା ପାଇଁ ଆସନ୍ତା ୧ ରୁ ଫର୍ମ ପୂରଣ

ଭୁବନେଶ୍ୱର, ୨୪।୯(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ +୨ ବାର୍ଷିକ ପରୀକ୍ଷା ଫର୍ମ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ଅଧ୍ୟୟନରତ ଏବଂ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ଫି' ୮୦୦ ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯାଇଛି। ପ୍ରଥମେ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଅକ୍ଟୋବର ୧ ତାରିଖରୁ ଆରମ୍ଭ ହୋଇ ୯ ତାରିଖରେ ସରିବ। ୧୫ ତାରିଖ ମଧ୍ୟରେ ଫି' ଦାଖଲ କରିପାରିବେ। ଏହାପରେ ରେଗୁଲାର୍ ପିଲାଙ୍କ ଫର୍ମ ପୂରଣ ଅକ୍ଟୋବର ୨୬ ରୁ ନଭେମ୍ବର ୧୧ ତାରିଖ ଯାଏଁ ଚାଲିବ। ଏହାର ଫି' ୧୬ ତାରିଖ ମଧ୍ୟରେ ଦାଖଲ କରିପାରିବେ। ଏହି ପର୍ଯ୍ୟାୟ ସରିବା ପରେ ଫାଇନ୍ ଦେଇ ଛାତ୍ରଛାତ୍ରୀମାନେ ଫର୍ମ ପୂରଣ କରିପାରିବେ। ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପିଲାମାନେ ଅକ୍ଟୋବର ୧୭ରୁ ୧୯ ମଧ୍ୟରେ ୨୦୦ ଟଙ୍କା ଲେଖାଏଁ ଫାଇନ୍ ଦେଇ ଫର୍ମ ପୂରଣ କରିପାରିବେ। ଏହି ଦୁଇ ପର୍ଯ୍ୟାୟରେ ଫର୍ମ ପୂରଣ କରି ନ ଥିବା ପିଲାଙ୍କୁ ତୃତୀୟ ସୁଯୋଗ ମଧ୍ୟ ମିଳିବ। ୬୦୦ ଟଙ୍କା ଲେଖାଏଁ ଫାଇନ୍ ଦେଇ ନଭେମ୍ବର ୨୩ ରୁ ୨୬ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ। ଏହା ପରେ ଆଉ କୌଣସି ଅନୁରୋଧ ଗ୍ରହଣ କରାଯିବ ନାହିଁ ବା ଅବଧି ବୃଦ୍ଧି ପାଇବ ନାହିଁ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପରୀକ୍ଷା ଫର୍ମ ପୂରଣ ସମୟରେ ଛାତ୍ରଛାତ୍ରୀଙ୍କ ରେଜିଷ୍ଟ୍ରେସନ୍ ନମ୍ବର, ବିଷୟ ଓ ଅନ୍ୟାନ୍ୟ ତଥ୍ୟ ସଠିକ୍ ଭାବେ ଯାଞ୍ଚ କରିବାକୁ ପରିଷଦ ଗୁରୁତ୍ୱ ଦେଇଛି। ଏଥିସହ ଅନଲାଇନ୍ ଫର୍ମ ପୂରଣ ଓ ଏସ୍‌ବିଆଇ କଲେକ୍ଟ ମାଧ୍ୟମରେ ପରୀକ୍ଷା ଫି' ଦାଖଲ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ନିର୍ଦ୍ଦେଶନାମା ଜାରି ହୋଇଛି।

ସଂଶୋଧିତ ଖଣି ଆଇନକୁ ତୀବ୍ର ବିରୋଧ

ବିଧାନସଭା ଅଚଳ; କମ୍ପିଲା ଗୃହ

ଭୁବନେଶ୍ୱର, ୨୪।୯ (ସମିସ): ଏମଏମଡିଆର ସଂଶୋଧନ ଆଇନକୁ ନେଇ ଆଜି ମିଳିତ ଭାବେ ବିଧାନସଭା ଅଚଳ କରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଫଳରେ ଲଗାତାର ତୃତୀୟ ଦିନ ପାଇଁ ବିଧାନସଭା କାର୍ଯ୍ୟ ଧୋଇଯାଇଛି। ଉଭୟ ବିରୋଧୀଙ୍କ

ଟେବୁଲ ଉପରେ ଚଢ଼ି ଦେଖାଇଲେ ପୋଷ୍ଟର

ଓଏମ୍‌ସି କାର୍ଯ୍ୟାଳୟ ଘେରିଲେ ବିଜେଡି ସଦସ୍ୟ

ଗାନ୍ଧୀ ମୂର୍ତ୍ତି ତଳେ କଂଗ୍ରେସ ବିଧାୟକଙ୍କ ଧାରଣା

ପ୍ରବଳ ହଟ୍ଟଗୋଳ କାରଣରୁ ଉଭୟ ପ୍ରଥମାର୍ଦ୍ଧ ଏବଂ ଦ୍ୱିତୀୟାର୍ଦ୍ଧକୁ ମିଶାଇ ମାତ୍ର ୧୭ ମିନିଟ ଗୃହ ଚାଲିପାରିଥିଲା। ଏହି ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଗୃହ ଚଳାଇ ଦିଆଯିବ ନାହିଁ ବିରୋଧୀ ଦଳର ନେତା ଗୃହ ବାହାରେ ରୋକଠୋକ୍ ଶୁଣାଇବା ପରେ ସରକାର ସମାଧାନର ବାଟ କିପରି ବାହାରିବ ବୋଲି ଚିନ୍ତାରେ ପଡ଼ିଛନ୍ତି। ଗୁରୁବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ ଆରମ୍ଭ

କରି ଦେଇଥିଲେ। ବିଧାୟକ ଧ୍ରୁବଚରଣ ସାହୁ, ସୁଦର୍ଶନ ହରିପାଲ, ତାରା ପ୍ରସାଦ ବାହିନୀପତି, ଯୋଗେଶ ସିଂ ଓ ମଙ୍ଗୁ ଖିଲ ରିପୋର୍ଟର୍ସ ଟେବୁଲ ଉପରେ ଚଢ଼ି ନାରାବାଜି କରିବା ସହ ପୋଷ୍ଟର ପ୍ରଦର୍ଶନ କରିଥିଲେ। 'ଖଣିଜ ସମ୍ପଦ ଓଡ଼ିଶାର, ରାଜସ୍ୱ ଅଧିକାର', 'ବିଜେପି ବାଲା ଉତ୍ତର ଦିଅ', 'ମାଟି ଆଗ ନା ପାର୍ଟି ଆଗ', 'ସୁପ୍ରିମକୋର୍ଟଙ୍କ ରାୟ ପରେ, ନୂଆ ଆଇନ କାହା ଚାପରେ' ଆଦି ଲେଖାଥିବା ସ୍ଲୋଗାନ ପୋଷ୍ଟର ପ୍ରଦର୍ଶନ କରି ବିଜେଡି ବିଧାୟକମାନେ ପ୍ରବଳ ନାରାବାଜି କରିଥିଲେ। ବିରୋଧୀଙ୍କ ପ୍ରବଳ ହୋ ହଲ୍ଲା ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏକ ତାରକା ପ୍ରଶ୍ନର ଉତ୍ତର ରଖିବା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଏକ ତାରକା ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ବିରୋଧୀ ସଦସ୍ୟଙ୍କୁ ନିଜ ନିଜ ଆସନକୁ ଫେରିଯିବାକୁ ଉପ ବାଚସ୍ପତି ଅନୁରୋଧ କରିଥିଲେ ମଧ୍ୟ ବିରୋଧୀ ବିଧାୟକ ଏହାକୁ ଭ୍ରୁକ୍ଷେପ କରିନଥିଲେ। ଫଳରେ ମାତ୍ର ୧୩ ମିନିଟ ଗୃହ ଚାଲିବା ପରେ ଉପ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ପ୍ରତିବାଦ କରିଥିବା ବେଳେ ବିଜେଡି ବିଧାୟକମାନେ ଓଏମସି କାର୍ଯ୍ୟାଳୟ ଘେରାଉ କରିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଉଭୟ ବିରୋଧୀ ଅଧିକ ଶାଣିତ ଭାବରେ ପ୍ରତିବାଦ ଆରମ୍ଭ କରିଥିଲେ। ଏହି ସମୟ ମଧ୍ୟରେ ଓଡ଼ିଶା ଜନବିଶ୍ୱାସ ବିଲ୍, ୨୦୨୬ ଗୃହରେ ଉପସ୍ଥାପିତ ହୋଇଥିଲା। ମାତ୍ର ୪ ମିନିଟ ଚାଲିବା ପରେ ଉପ ବାଚସ୍ପତି ଗୃହକୁ ଆସନ୍ତାକାଲି ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

ଗ୍ରାଚ୍ୟୁଟିରେ ବିଳମ୍ବ ପାଇଁ ନିଯୁକ୍ତିଦାତା ସୁଧ ଦେବାକୁ ବାଧ୍ୟ: ହାଇକୋର୍ଟ

କଟକ,୨୪।୯(ସମିସ): ଗ୍ରାଚ୍ୟୁଟି ପ୍ରଦାନରେ ବିଳମ୍ବକୁ ନେଇ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ନିଜର ନ୍ୟାଯ୍ୟ ଅଧିକାର ପାଇଁ ଅଦାଲତର ଦ୍ୱାରସ୍ଥ ହେବା କୌଣସି କର୍ମଚାରୀଙ୍କ ଭୁଲ୍ ନୁହେଁ। ଆଇନଗତ ଲଢେଇ କାରଣରୁ ଗ୍ରାଚ୍ୟୁଟି ପ୍ରଦାନରେ ବିଳମ୍ବ ହୋଇଛି ଦର୍ଶାଇ ନିଯୁକ୍ତିଦାତା ସୁଧ ଦେବାରୁ ମୁକୁଳିପାରିବେ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଜଷ୍ଟିସ ବି.ପି. ରାଉତରାୟ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ସତ୍ୟାନନ୍ଦ ନାୟକଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲଙ୍କ ପୂର୍ବ ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି। ଆବେଦନକାରୀଙ୍କୁ ଗତ ୨୦୧୪ ଅଗଷ୍ଟ ୩୧ରୁ ୨୦୨୫ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ (ପ୍ରାୟ ୯ ବର୍ଷରୁ ଅଧିକ ସମୟ) ବାର୍ଷିକ ୮ ପ୍ରତିଶତ ହାରରେ ସୁଧ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ସର୍ଭେ ଅଫ ଇଣ୍ଡିଆରେ କାର୍ଯ୍ୟ କରି ୩୧ ଅଗଷ୍ଟ ୨୦୧୪ରେ ଅବସର ଗ୍ରହଣ କରିଥିଲେ। ଅବସର ପୂର୍ବରୁ ତାଙ୍କ ବିରୋଧରେ ଏକ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା, ଯାହାକୁ ସେ ଟ୍ରିବ୍ୟୁନାଲରେ ଚ୍ୟାଲେଞ୍ଜ କରିଥିଲେ। ୨୦୨୩ରେ ଟ୍ରିବ୍ୟୁନାଲ ଏହି ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିଦେଇଥିଲେ। ପରବର୍ତ୍ତୀ ସମୟରେ, ଗ୍ରାଚ୍ୟୁଟି ଏବଂ ଅନ୍ୟାନ୍ୟ ବକେୟା ପାଇଁ ସେ ପୁନର୍ବାର ଆଇନଗତ ଲଢେଇ କରିବା ପରେ ୨୦୨୫ରେ ତାଙ୍କୁ ମୂଳ ଗ୍ରାଚ୍ୟୁଟି ରାଶି ପ୍ରଦାନ କରାଯାଇଥିଲା। ମାତ୍ର, ବିଳମ୍ବିତ ଗ୍ରାଚ୍ୟୁଟି ପାଇଁ ସୁଧ ପ୍ରଦାନ ଆବେଦନକୁ ଟ୍ରିବ୍ୟୁନାଲ ଖାରଜ କରିଦେଇଥିଲେ। ଆବେଦନକାରୀ ବାରମ୍ବାର କୋର୍ଟ ଯିବା କାରଣରୁ ପ୍ରକ୍ରିୟାରେ ବିଳମ୍ବ ହୋଇଛି ବୋଲି ଦର୍ଶାଇଥିଲେ ଟ୍ରିବ୍ୟୁନାଲ। ଏହା ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ବିଇଡି କଲେଜଗୁଡ଼ିକରେ ଅତିଥି ଅଧ୍ୟାପକ ନିଯୁକ୍ତି ମାମଲା

ଏନ୍‌ସିଟିଇ ଓ ଉଚ୍ଚଶିକ୍ଷା ସଚିବଙ୍କୁ ହାଇକୋର୍ଟଙ୍କ ନୋଟିସ

କଟକ,୨୪।୯(ସମିସ): ଓଡ଼ିଶାର ସରକାରୀ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ (ବିଇଡି କଲେଜ)ଗୁଡ଼ିକରେ ବେଆଇନ ଭାବେ ଅତିଥି ଅଧ୍ୟାପକ ନିଯୁକ୍ତିକୁ ବିରୋଧରେ ଦାୟର ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ନ୍ୟାସନାଲ କାଉନସିଲ ଅଫ ଟିଚର ଏଜୁକେସନ(ଏନସିଟିଇ)ର ନିୟମାବଳୀ-୨୦୧୪କୁ ଉଲ୍ଲଂଘନ କରି ହୋଇଥିବା ନିଯୁକ୍ତି ପ୍ରକ୍ରିୟା ଉପରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ହାଇକୋର୍ଟ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ଲିଙ୍ଗରାଜ ପଧାନଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦି ଏହି ବିଜ୍ଞପ୍ତି ଆଧାରରେ ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ହୋଇନଥାଏ, ତେବେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖାଯିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ହାଇକୋର୍ଟ ପ୍ରତିପକ୍ଷ ଏନସିଟିଇ, ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ସଚିବ ଓ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କୁ ଜବାବ ଦାଖଲ ପାଇଁ ନୋଟିସ୍ ଜାରି କରିଛନ୍ତି। ପ୍ରତିପକ୍ଷ ଏନସିଟିଇ ଓ ଏନସିଟିଇ ପୂର୍ବାଞ୍ଚଳ କମିଟି ତରଫରୁ ଡେପୁଟି ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢୀ ନୋଟିସ ଗ୍ରହଣ କରିଛନ୍ତି। ସେହିଭଳି ରାଜ୍ୟ ପ୍ରତିପକ୍ଷ ରାଜ୍ୟ ଉଚ୍ଚ ଶିକ୍ଷା ସଚିବ ଓ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ ଏସ୍. ବେହେରା ନୋଟିସ୍ ଗ୍ରହଣ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏବଂ ଚୂଡ଼ାନ୍ତ ଆଦେଶ ପାଇଁ ଆସନ୍ତା ଅକ୍ଟୋବର ୧୨କୁ ତାରିଖ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀ ଅନୁସାରେ, ସରକାରୀ ବିଇଡି କଲେଜ ଗୁଡ଼ିକ ପାଇଁ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏନସିଟିଇ ନିୟମାବଳୀ ଅନୁଯାୟୀ କଲେଜରେ ପଢ଼ାଉଥିବା ଶିକ୍ଷକମାନଙ୍କର ସଂପୃକ୍ତ ବିଷୟରେ ମାଷ୍ଟର୍ସ ଡିଗ୍ରୀ ସହ ଡୁଆଲ୍ ମାଷ୍ଟର୍ସ ଡିଗ୍ରୀ ଥିବା ବାଧ୍ୟତାମୂଳକ। ମାତ୍ର ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଗୋଟିଏ ମାଷ୍ଟର୍ସ ଡିଗ୍ରୀ ଥିବା ଅଯୋଗ୍ୟ ପ୍ରାର୍ଥୀଙ୍କୁ ବେଆଇନ ଭାବେ ନିଯୁକ୍ତି ଦେଇଛନ୍ତି। ଏହା ବିରୋଧରେ ଅଭିଯୋଗ ହୋଇଆସୁଥିଲେ ମଧ୍ୟ, ସରକାର ଏହା ଉପରେ କିଛି ପଦକ୍ଷେପ ନେଇନାହାନ୍ତି। ସମସ୍ତ ୨୩ଟି କଲେଜର ଷ୍ଟାଫ୍ ପ୍ରୋଫାଇଲ୍ ଏନସିଟିଇକୁ ନ ଦେଇ ବାରମ୍ବାର ସମୟ ଗଡ଼ାଉଛନ୍ତି। ଅନ୍ୟପଟରେ ପୂର୍ବରୁ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଓ ଆଇନଗତ ତ୍ରୁଟିକୁ ଚାପିବା ପାଇଁ ରାଜ୍ୟ ସରକାର ଗତ ୨୨.୦୫.୨୦୨୬ରେ ଅତିଥି ଅଧ୍ୟାପକ ନିଯୁକ୍ତି ନୋଟିସ ଏବଂ ୨୧.୦୭.୨୦୨୬ରେ ବେଆଇନ ଭାବେ କାର୍ଯ୍ୟରତ ଶିକ୍ଷକଙ୍କ ଏମଇଡି ଯୋଗ୍ୟତା ହାସଲ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୌରଭ ଦାସ ମାମଲା ପରିଚାଳନା କରୁଛନ୍ତି।

ବିଜେଡି ଆଦିବାସୀ ସେଲ ପୁନର୍ଗଠିତ

ସୁଦାମ ସଭାପତି; ପ୍ରଦୀପ ଓ ନିରଞ୍ଜନ କାର୍ଯ୍ୟକାରୀ ସଭାପତି

ଭୁବନେଶ୍ୱର,୨୪।୯(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ରାଜ୍ୟ ଆଦିବାସୀ ସେଲ ପୁନର୍ଗଠନ କରିଛନ୍ତି। ଏନେଇ ଗୁରୁବାର ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସେଲର ଅଧ୍ୟକ୍ଷ ଭାବେ ସୁଦାମ ମାର୍ଣ୍ଡିଙ୍କୁ ନିଯୁକ୍ତି ମିଳିଥିବା ବେଳେ ବରିଷ୍ଠ ନେତା ମଙ୍ଗଳା କିଷାନ, ରମେଶ ମାଝୀ ଓ ସାଲୁଗା ପ୍ରଧାନଙ୍କୁ ଉପଦେଷ୍ଟା ଭାବେ ଦାୟିତ୍ୱ ମିଳିଛି। ସେହିପରି ପ୍ରଦୀପ ମାଝୀ ଓ ନିରଞ୍ଜନ ନିଶି କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ତୁଲାଇବେ।

ମଙ୍ଗଳା, ରମେଶ, ସାଲୁଗା ସେଲ୍‌ର ଉପଦେଷ୍ଟା ନିଯୁକ୍ତ

ଉପସଭାପତି ଭାବେ ଜଗନ୍ନାଥ ସାରକା, ମନୋହର ରନ୍ଧାରୀ, ପ୍ରଦୀପ ଦିଶାରୀ, ମାନସ ମାଡକାମୀ, ଯୋଗେଶ ସିଂହ, ବାସନ୍ତୀ ହେମ୍ବ୍ରମ, ମାଧବ ସରଦ୍ଦାର, ବର୍ଷା ସିଂ ବରିହା, ସନନ୍ଦ ମାରାଣ୍ଡି ଓ ପଦ୍ମିନୀ ଦିଆନ ରହିଛନ୍ତି। ସେହିପରି ଜଗନ୍ନାଥ ନାଏକ, କିଶୋର ଚନ୍ଦ୍ର ନାଏକ, ଦେବାଶିଷ ମାରାଣ୍ଡି, ଶ୍ରୀନାଥ ସୋରେନ, ପ୍ରିୟବ୍ରତ ମାଝୀ, ରଘୁନାଥ ଗମାଙ୍ଗୋ, ଭାନୁପ୍ରତାପ ସିଂହ ମାଝୀ, କୌଶଲ୍ୟା ହିକକା, ସସ୍ମିତା ମେଲକା, କୁମୁଦ ସାଉଁତା, ଭାରତୀ ହାଁସଦା, ଡଳି ମାଝୀ, ତୁଳାବତୀ ମିଞ୍ଜ, ସମାରୀ ଟାଙ୍ଗୁଲ, ମୋତିରାମ ନାଏକ, ସରସ୍ୱତୀ ମାଝୀ, କୁନ୍ତୀ ପ୍ରଧାନ ଓ ରାଜୀବ ପାତ୍ରଙ୍କୁ ସାଧାରଣ ସମ୍ପାଦକ ଓ ସମ୍ପାଦକ ଦାୟିତ୍ୱରେ ରଖାଯାଇଛି।

ଅନ୍ୟପକ୍ଷରେ ମଞ୍ଜୁଲତା କହଁର, ଦମୟନ୍ତୀ ମାଝୀ, ଲକ୍ଷ୍ମୀପ୍ରିୟା ନାଏକ, ଅନସୂୟା ମାଝୀ, ଶଙ୍କର ତିର୍କୀ, ଭାରତୀ ସିଂହ, ଚକ୍ରଧର ହେମ୍ବ୍ରମ, କାଶୀନାଥ ହେମ୍ବ୍ରମ, ସାଲୁକା ହାଁହାଗା, ଲାଇଛନ ଖୋରା, ସୁକଦେବ ଗୌଡ଼, ବସନ୍ତ ଟପ୍ପୋ, ଜେମ୍ସ ରାଇକା, ଦେବେନ୍ଦ୍ର ପ୍ରସାଦ ମାଝୀ, ଗଙ୍ଗାଧର ହେମ୍ବ୍ରମ, ଶୁଭଲକ୍ଷ୍ମୀ ମାଝୀ, ମୀନା ମାଝୀ, ବାସନ୍ତୀ ସିଂହ, ଜୟଶ୍ରୀ କହଁର, ଥିଓପିଲ ଗମାଙ୍ଗୋ। ଓ ବୀରବିଚିତ୍ରସେନ ନାଏକଙ୍କୁ କମିଟିରେ ସାମିଲ କରାଯାଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦଳୀୟ ସଂଗଠନକୁ ଅଧିକ ସକ୍ରିୟ କରିବା ଦିଗରେ ଏହି ପୁନର୍ଗଠନ ଗୁରୁତ୍ୱ ବହନ କରୁଛି।

ଜେଲ୍ ଅନ୍ତେବାସୀଙ୍କୁ ମିଳିବ ମାଗଣା ଉଚ୍ଚଶିକ୍ଷା

ଭୁବନେଶ୍ୱର, ୨୪।୯(ସମିସ): ଜେଲ୍ ଅନ୍ତେବାସୀଙ୍କୁ ମିଳିବ ଉଚ୍ଚଶିକ୍ଷା। ସମ୍ପୂର୍ଣ୍ଣ ମାଗଣାରେ ସ୍ନାତକ ଓ ସ୍ନାତକୋତ୍ତର ପଢ଼ିପାରିବେ। ଏଥିପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟ କାରାଗାର ଓ ସୁଧାର ସେବା ନିର୍ଦ୍ଦେଶାଳୟ ମଧ୍ୟରେ ଆଜି ବୁଝାମଣା ସ୍ୱାକ୍ଷରିତ ହୋଇଛି। ଚୁକ୍ତିନାମା ଅନୁଯାୟୀ, ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଡିଷ୍ଟାନ୍ସ ଆଣ୍ଡ ଅନଲାଇନ୍ ଏଜୁକେସନ୍ ଜରିଆରେ ଅନ୍ତେବାସୀମାନଙ୍କୁ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରଦାନ କରାଯିବ। ସେମାନଙ୍କ ଅଧ୍ୟୟନ ପାଇଁ ଆବଶ୍ୟକ ପାଠ୍ୟ ଉପକରଣ ମଧ୍ୟ ମାଗଣାରେ ଯୋଗାଇ ଦିଆଯିବ। ଅନ୍ତେବାସୀଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ଜାଗ୍ରତ କରିବା ଏବଂ କାରାମୁକ୍ତି ପରେ ସମ୍ମାନଜନକ ଭାବେ ଜୀବିକା ନିର୍ବାହ କରିବାକୁ ପ୍ରୋତ୍ସାହିତ କରିବାକୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅବସରରେ ଜେଲ୍ ବିଭାଗର ଡିଜି ସୁଶାନ୍ତ କୁମାର ନାଥ କହିଛନ୍ତି ଯେ, କାରାଗାର କେବଳ ଦଣ୍ଡବିଧାନର କେନ୍ଦ୍ର ନୁହେଁ, ବରଂ ଏହା ଏକ ସଂସ୍କାରଶାଳା। ଜେଲ୍ ଅନ୍ତେବାସୀଙ୍କୁ ନୂତନ ଦିଗ୍‌ଦର୍ଶନ ଦେବାରେ ଏହି ବୁଝାମଣା ସହାୟକ ହେବ। ସେହିପରି କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ କହିଛନ୍ତି ଯେ, ଶିକ୍ଷା ହିଁ ସମାଜ ସଂସ୍କାରର ଶ୍ରେଷ୍ଠ ମାଧ୍ୟମ। ମୁଖ୍ୟସ୍ରୋତରୁ ଦୂରେଇ ରହିଥିବା ଜେଲ୍ ଅନ୍ତେବାସୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ଦ୍ୱାରା ସେମାନଙ୍କ ଭବିଷ୍ୟତ ପୁନଃନିର୍ମାଣରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ସିଡିଓଇ ନିର୍ଦ୍ଦେଶକ ଡ. ସୁଜିତ କୁମାର ଆଚାର୍ଯ୍ୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବର୍ଷା ଜନିତ କ୍ଷୟକ୍ଷତି ସ୍ଥିତି ସମୀକ୍ଷା

କୌଣସି ବଡ଼ ଧରଣର କ୍ଷୟକ୍ଷତି ହୋଇନାହିଁ: ମନ୍ତ୍ରୀ

ଭୁବନେଶ୍ୱର,୨୪।୯(ସମିସ): ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଉପକୂଳ ଅତିକ୍ରମ କରିଛି। ଏହାର ପ୍ରଭାବ ବିଶେଷକରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପଡ଼ିବ ବୋଲି ଆକଳନ କରାଯାଇଥିଲା। ତେଣୁ ଏହି ପରିସ୍ଥିତି ଉପରେ ରାଜ୍ୟ ସରକାର ନିରନ୍ତର ନଜର ରଖିଛନ୍ତି। ଜିଲ୍ଲା ପ୍ରଶାସନ ଓ କ୍ଷେତ୍ରସ୍ତରରେ ନିୟୋଜିତ ପ୍ରତିକ୍ରିୟାଶୀଳ ବାହିନୀଗୁଡ଼ିକ ସତର୍କ ରହିଛନ୍ତି। ନିୟମିତ ଭାବେ କ୍ଷେତ୍ରସ୍ତରୀୟ ସ୍ଥିତି ଆକଳନ କରାଯାଉଛି। ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ପ୍ରସ୍ତୁତିମୂଳକ ପଦକ୍ଷେପ, ରାତ୍ରିକାଳୀନ ପାଟ୍ରୋଲିଂ, ଯାତାୟାତ ପରିଚାଳନା, ଜଳସ୍ତର ନିରୀକ୍ଷଣ ଏବଂ ପୁନରୁଦ୍ଧାର ବ୍ୟବସ୍ଥା ଜାରି ରହିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଗୁରୁବାର ମନ୍ତ୍ରୀ ଶ୍ରୀ ପୂଜାରୀ ବର୍ଷା ଜନିତ ସ୍ଥିତି ସମୀକ୍ଷା ପରେ କହିଛନ୍ତି, ଏପର୍ଯ୍ୟନ୍ତ ବ୍ୟାପକ ଭାବେ କୌଣସି ବଡ଼ ଧରଣର କ୍ଷୟକ୍ଷତି ଘଟିଥିବା ରିପୋର୍ଟ ମିଳିନାହିଁ। କୋରାପୁଟ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ସାମଗ୍ରିକ ପରିସ୍ଥିତି ସ୍ୱାଭାବିକ ରହିଛି। ସିମିଳିଗୁଡ଼ା ବ୍ଲକରେ ୧୦୦ ମିମିରୁ ଅଧିକ ବର୍ଷା ରେକର୍ଡ ହୋଇଥିଲେ ମଧ୍ୟ କୌଣସି ବଡ଼ ଧରଣର କ୍ଷୟକ୍ଷତି କିମ୍ବା ଜୀବନହାନି ଘଟିନାହିଁ। ମାଲକାନଗିରିରେ ଜାତୀୟ ରାଜପଥର କେତେକ ସ୍ଥାନରେ ପାଣି ଉଚ୍ଛୁଳିବା ଯୋଗୁଁ କାଙ୍ଗୁରକୋଣ୍ଡା, ଏମ୍‌ଭି-୯୦ ଓ କନ୍ୟାଶ୍ରମ ନିକଟସ୍ଥ ତିନୋଟି ସେତୁ ଦେଇ ଯାତାୟାତକୁ ବିକଳ୍ପ ମାର୍ଗରେ ପରିଚାଳନା କରାଯାଇଛି। ଏଥିପାଇଁ ଛତିଶଗଡ଼ ପୁଲିସ ସହ ସମନ୍ୱୟ କରାଯାଇଛି। କଳାହାଣ୍ଡିରେ ବିଚ୍ଛିନ୍ନ ଭାବେ ଗଛ ଉପୁଡ଼ିଯିବା ଘଟଣାଗୁଡ଼ିକୁ ତୁରନ୍ତ ସଫା କରାଯାଇଛି। ଜିଲ୍ଲାର ସାମଗ୍ରିକ ପରିସ୍ଥିତି ସ୍ୱାଭାବିକ ରହିଛି। ନବରଙ୍ଗପୁରରେ ତେନ୍ତୁଲିଖୁଣ୍ଟି ବ୍ଲକ୍‌ର ଏକ ସେତୁ ଉପରେ ପାଣି ଉଚ୍ଛୁଳିବା ପରେ ସେଠାରେ ଯାତାୟାତକୁ ବିକଳ୍ପ ମାର୍ଗରେ ପରିଚାଳନା କରାଯାଇଛି। ଗଛ ଉପୁଡ଼ିଯିବା ଯୋଗୁଁ ଦୁଇଟି ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ପ୍ରଭାବିତ ଲୋକମାନଙ୍କୁ ନିରାପଦ ଭାବେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଗଜପତିରେ ବୁଧବାର ସନ୍ଧ୍ୟା ୫ଟା୩୦ରୁ ଆଜି ସକାଳ ୬ଟା ପର୍ଯ୍ୟନ୍ତ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ରେକର୍ଡ ହୋଇଛି। ବଂଶଧାରା ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନଦୀତଟ ଅଞ୍ଚଳରେ ନିରନ୍ତର ପାଟ୍ରୋଲିଂ କରାଯାଉଛି। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବଂଶଧାରା ଓ ଋଷିକୁଲ୍ୟା ନଦୀର ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଉଛି। ରାୟଗଡ଼ାରେ ବଂଶଧାରା ନଦୀ ନିକଟବର୍ତ୍ତୀ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରୁ କୌଣସି ବଡ଼ ଧରଣର କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଜିଲ୍ଲାଗୁଡ଼ିକର ପରିସ୍ଥିତିର ନିରନ୍ତର ଆକଳନ କରାଯାଉଥିବାବେଳେ ଆବଶ୍ୟକତା ଅନୁଯାୟୀ କ୍ଷେତ୍ରସ୍ତରରେ ତୁରନ୍ତ ପ୍ରତିକ୍ରିୟାମୂଳକ ପଦକ୍ଷେପ ନିଆଯାଉଛି। ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ଅତ୍ୟାବଶ୍ୟକ ଯୋଗାଯୋଗ ଓ ଯାତାୟାତ ବ୍ୟବସ୍ଥା ବଜାୟ ରଖିବା ଏବଂ ସ୍ଥାନୀୟ ସ୍ତରରେ ଉପୁଜୁଥିବା ଯେକୌଣସି ପରିସ୍ଥିତିର ତୁରନ୍ତ ମୁକାବିଲା କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରଭାବିତ ଜିଲ୍ଲାଗୁଡ଼ିକର ସାମଗ୍ରିକ ପରିସ୍ଥିତି ବର୍ତ୍ତମାନ ମୁଖ୍ୟତଃ ନିୟନ୍ତ୍ରଣାଧୀନ ରହିଛି ଏବଂ ଆବଶ୍ୟକ ପ୍ରତିକ୍ରିୟା ଓ ପୁନରୁଦ୍ଧାରମୂଳକ ପଦକ୍ଷେପ କ୍ଷେତ୍ରସ୍ତରରେ ନିରନ୍ତର ଜାରି ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଜ୍ଞାନେଶ କୁମାରଙ୍କ ବରଖାସ୍ତ ଦାବି କଲା କଂଗ୍ରେସ

ତ୍ରୁଟିପୂର୍ଣ୍ଣ ଏସ୍‌ଆଇଆରକୁ ରଦ୍ଦ କରିବାକୁ ଦାବି

ଭୁବନେଶ୍ୱର,୨୪।୯(ସମିସ): ଦେଶର ନିର୍ବାଚନ ପ୍ରକ୍ରିୟାକୁ "ଚୋରି' କରିବାକୁ ନିର୍ବାଚନ ଆୟୋଗକୁ ଅସ୍ୱଭାବେ ବ୍ୟବହାର କରାଯାଉଛି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ବିଜେପି ସରକାରର ହାତବାରିସୀ ସାଜି ଦେଶବ୍ୟବାପୀ ତ୍ରୁଟିପୂର୍ଣ୍ଣ ସଘନ ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର) କରାଇ ଦେଶର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ହତ୍ୟା କରିବା ପ୍ରମାଣିତ ହୋଇଛି। ଗତ ୧୦ ମାସ ମଧ୍ୟରେ ଦୁଇ ନିର୍ବାଚନ ଆୟୁକ୍ତ ୧୪ ଥର ଆୟୋଗର ବିଭିନ୍ନ ନିଷ୍ପତ୍ତିରେ ଆପତ୍ତି ଉଠାଇଥିଲେ ମଧ୍ୟ ଅଗଣତାନ୍ତ୍ରିକ ପ୍ରକ୍ରିୟାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ସେମାନଙ୍କୁ ଆଡ଼େଇଯାଇ ନିଜ ଇଚ୍ଛା ଅନୁସାରେ ନିଷ୍ପତ୍ତି ନେଇ ଚାଲିଛନ୍ତି। ନିର୍ବାଚନ କମିଶନଙ୍କ ଦୁଇଜଣ ସଦସ୍ୟ ଏହାର ମୁଖ୍ୟଙ୍କ ବିରୋଧରେ ଏପରି ସଂଗୀନ ଅଭିଯୋଗ ଆଣିବା ପୂରା ବ୍ୟବସ୍ଥା କଳୁଷିତ ହୋଇଥିବା ପ୍ରମାଣ କରୁଛି ବୋଲି ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି।

ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ଭୋଟର ତାଲିକାକୁ ହେରଫେର କରିଥିବା ନିର୍ବାଚନ ଆୟୁକ୍ତ ଗୋଟିଏ ମୁହୂର୍ତ୍ତ ବି ନିଜ ପଦରେ ରହିବାର ନୈତିକ ଅଧିକାର ରଖିନାହାନ୍ତି। ତାଙ୍କୁ ମହାଭିଯୋଗ ପ୍ରକ୍ରିୟାରେ ବହିଷ୍କାର କରାଯିବା ଉଚିତ। ସିଇସି ନିଯୁକ୍ତି ପ୍ରକ୍ରିୟାରୁ ପ୍ରଧାନ ବିଚାରପତିଙ୍କ ବଦଳରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ରଖାଯିବା ଅଗଣତାନ୍ତ୍ରିକ। ଏବେ ଏହି ମାମଲା ସୁପ୍ରିମ କୋର୍ଟଙ୍କ ୫ ଜଣିଆ ସମ୍ବିଧାନ ପୀଠକୁ ଯିବ। ଏଥିରୁ କେନ୍ଦ୍ର ସରକାରଙ୍କ ଅଭିପ୍ରାୟ ଓ ଉଦ୍ଦେଶ୍ୟ ଯେ ମନ୍ଦ ଥିଲା ତାହା ପ୍ରମାଣିତ ହୋଇଛି।



ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ କଟିଥିବା ୩୩ ଲକ୍ଷ ମତଦାତାଙ୍କୁ ପୁଣି ତାଲିକାରେ ସାମିଲ କରାଯିବା ଦ୍ୱାରା ପଶ୍ଚିମବଙ୍ଗ ନିର୍ବାଚନ ମଧ୍ୟ ଚଞ୍ଚକତାପୂର୍ଣ୍ଣ ଥିଲା ବୋଲି ପ୍ରମାଣିତ ହୋଇଛି। ଉପରୋକ୍ତ ଜାତୀୟ ପ୍ରେକ୍ଷାପଟ ଯୋଗୁଁ କଂଗ୍ରେସ ଦଳ ଆସନ୍ତା କାଲି ଶୁକ୍ରବାରଠାରୁ ଦେଶବ୍ୟାପୀ ଆନ୍ଦୋଳନ କରୁଥିବା ସେ ସୂଚନା ଦେଇଥିଲେ। ଉପରୋକ୍ତ ଜାଲିଆତିକୁ ବିରୋଧ କରି ଆସନ୍ତା ୨୫ ତାରିଖ ଶୁକ୍ରବାର ପିସିସି ପକ୍ଷରୁ ସିଇଓ ଅଫିସ ଘେରାଉ କରାଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ସୋମବାର ସବୁ ଜିଲ୍ଲା ମୁଖ୍ୟାଳୟ ଘେରାଉ କରାଯିବ ବୋଲି ସେ ସୂଚନା ଦେଇଥିଲେ।

ସାମ୍ବାଦିକ ସମ୍ମିଳନୀରେ ପିସିସି ଆରଜିପିଆରଏସ ଅଧ୍ୟକ୍ଷ ସୁଦର୍ଶନ ଦାସ କହିଥିଲେ, ଓଡ଼ିଶାରେ ଏସଆଇଆର ମାଧ୍ୟମରେ ଲୋକଙ୍କ ଭୋଟ ଅଧିକାରକୁ ଛଡ଼ାଇନେବା ପାଇଁ ମଧ୍ୟ

- ଆଜି ପିସିସି ପକ୍ଷରୁ ସିଇଓ କାର୍ଯ୍ୟାଳୟ ଘେରାଉ
- ସୋମବାର ସବୁ ଜିଲ୍ଲାପାଳଙ୍କ ଅଫିସ ଘେରିବ ଦଳ

ପ୍ରୟାସ ଚାଲିଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ତଥ୍ୟ ମୁତାବକ ୨୦ ଲକ୍ଷ ୧୨ ହଜାର ଭୋଟ ଏହି ଏସ ଆଇ ଆର ପ୍ରକ୍ରିୟାରେ କଟା ଯାଇଛି। ଜାଣି ଶୁଣି ଓ ଚଞ୍ଚକତା କରି ଏସ ଆଇ ଆର ପ୍ରକ୍ରିୟାରେ ଫର୍ମ ୭ କୁ ଦୁରୋପଯୋଗ କରି ଭୋଟରଙ୍କ ନାମ କଟାଯାଇଛି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ଜଲେଶ୍ୱର ନିର୍ବାଚନ ମଣ୍ଡଳୀରେ ୩୨୬ ବୁଥ ମଧ୍ୟରୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟର ଥିବା ଲୋକଙ୍କୁ ଭୋଟର ଲିଷ୍ଟରୁ ବାଦ୍ କରିବା ପାଇଁ ସୁଚିନ୍ତିତ ଯୋଜନା ହୋଇଛି ବୋଲି ସେ କହିଛନ୍ତି।

ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ ଓଏସ୍‌ଏଲ୍‌ଏସ୍‌ଏର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ମନୋନୀତ

ଭୁବନେଶ୍ୱର,୨୪।୯(ସମିସ): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ)ର ନୂଆ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟଙ୍କୁ ମନୋନୀତ କରାଯାଇଛି। ଏନେଇ ଆଇନ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ଗୁଜରାଟ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତ କରାଯିବା ପରେ ଏହି ପଦ ଖାଲି ହୋଇଥିଲା। ଏହାପରେ ଲିଗାଲ୍ ସର୍ଭିସେସ୍ ଅଥରିଟିଜ୍ ଆକ୍ଟ, ୧୯୮୭ର ଧାରା ୬(୨)(ବି) ଅନୁଯାୟୀ ଓଡ଼ିଶାର ରାଜ୍ୟପାଳ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରି ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟଙ୍କୁ ଓଏସ୍‌ଏଲ୍‌ଏସ୍‌ଏର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ମନୋନୀତ କରିଛନ୍ତି।

ଅବପାତ ବର୍ଷା ଓ ଝଡ଼ରେ କୋରାପୁଟ ବେହାଲ

ଉପୁଡ଼ିଲା ଗଛ, ବୁଡ଼ିଲା ରାଜରାସ୍ତା

କୋରାପୁଟ/ଜୟପୁର,୨୪।୯(ସମିସ): କୋରାପୁଟ ଜିଲ୍ଲାରେ ଅବପାତ ପ୍ରଭାବରେ ଗତ ୩ ଦିନ ଧରି ବର୍ଷା ଲାଗିରହିଛି। ବୁଧବାର ମଧ୍ୟରାତ୍ରିରୁ ପ୍ରବଳ ବର୍ଷା ଲାଗିରହିଥିବାରୁ ଜିଲ୍ଲାର ସମସ୍ତ ବ୍ଲକରେ ଜନଜୀବନ ପ୍ରଭାବିତ ହୋଇଛି। ବିଭିନ୍ନ ସ୍ଥାନରେ ଗଛପଡି ରାସ୍ତା ଅବରୋଧ ହୋଇଥିବା ବେଳେ ଜୟପୁର-କୋରାପୁଟ ଏବଂ କୋରାପୁଟ-ରାୟଗଡ଼ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଜୟପୁର ନିକଟସ୍ଥ ଛେତ୍ରୀପୁଟ ରେଳ ଷ୍ଟେସନ ନିକଟରେ ପାହାଡରୁ ମାଟି ଅତଡ଼ା ଖସି ୩ଟି ମଧ୍ୟରୁ ଗୋଟିଏ ରେଳ ଧାରଣା ବନ୍ଦ ରହିଛି।

ସେହିପରି କୋରାପୁଟ-ରାୟଗଡ ରେଳଧାରଣାରେ ଉଚ୍ଚ ସମ୍ପନ୍ନ ବିଦ୍ୟୁତ ଖୁଣ୍ଟର ମୂଳ ଦୁର୍ବଳ ହୋଇ ଢଳି ଯାଇଛି। ସେହିପରି କାକିରିଗୁମ୍ମା-ଲକ୍ଷ୍ମୀପୁର ଷ୍ଟେସନ ମଧ୍ୟରେ ୩ ନମ୍ବର ଟନେଲରେ ପ୍ରାୟ ୨ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି । ଫଳରେ ରେଳଧାରଣା ପାଣିରେ ବୁଡିରହିଛି। ଆଜି ପୂର୍ବାହ୍ନରେ ବିଶାଖପାଟଣା-କୋରାପୁଟ ପାସେଞ୍ଜର ଟ୍ରେନକୁ ବାତିଲ କରାଯାଇଥିଲା।

ଜିଲ୍ଲାରେ ୫୨ ଘର ଆଂଶିକ ଭାବେ ଭାଙ୍ଗିଥିବା ବେଳେ ଗୋଟିଏ ଘର ସଂପୂର୍ଣ୍ଣ ଭାଙ୍ଗିଥିବା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ କହିଛନ୍ତି। ଲଗାଣ ବର୍ଷାର ଅନୁଧ୍ୟାନ କରିବାକୁ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି କୋଲାବ ଓ କୋଟପାଡ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲ୍ଲାର କୋଟପାଡ଼, କୁନ୍ଦୁରା, ଜୟପୁର ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଲୋକଙ୍କ ଚାଷ ବିଶେଷ ଭାବେ ପ୍ରଭାବିତ ହୋଇଛି। ଚାଷ ଜମି ଗୁଡିକରେ ବାଲି ଚରି ଯାଇଛି। ଲକ୍ଷ୍ମୀପୁର-ନାରାୟଣପାଟଣା ରାସ୍ତା ପାର୍ଶ୍ୱରେ ଥିବା ବନଦୁର୍ଗା ମନ୍ଦିର ନିକଟ ଓ ଡିଡି ଘାଟିର ପାହାଡ଼ରୁ ମାଟି ଧସି ପଡିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି।

ଆଜିର ରାଶିଫଳ

ମେଷ: ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

ବୃଷ: କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ବ୍ୟବସାୟରେ ଉନ୍ନତି ହେବ।

ମିଥୁନ: ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି। ପ୍ରେମ ଜୀବନ ସୁଖମୟ ହେବ।

କର୍କଟ: କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ଘରେ କୌଣସି ମାଙ୍ଗଳିକ କାର୍ଯ୍ୟ ହେବ।

ସିଂହ: କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ହେବ।

କନ୍ୟା: ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଆୟର ନୂଆ ମାର୍ଗ ଉନ୍ମୋଚନ ହେବ।

ତୁଳା: ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ପରିବାର ସହିତ ସମୟ ଅତିବାହିତ କରିବେ।

ବିଛା: ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦିନଟିରେ ଖୁସି ରହିବେ। ଦୂର ସ୍ଥାନକୁ ଯାତ୍ରା କରିବେ ଏବଂ ଖର୍ଚ୍ଚାନ୍ତ ହେବେ।

ଧନୁ: ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ।

ମକର: ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

କୁମ୍ଭ: ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ।

ମୀନ: କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

ଆଜିର ଇତିହାସ

- ୧୩୪୦- ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ନିରସ୍ତ୍ରୀକରଣ ଚୁକ୍ତି ସ୍ୱାକ୍ଷର।
- ୧୮୪୪- କାନାଡ଼ା ଓ ଆମେରିକା ମଧ୍ୟରେ ନ୍ୟୁୟର୍କରେ ପ୍ରଥମ ଅନ୍ତଃରାଷ୍ଟ୍ରୀୟ କ୍ରିକେଟ ମ୍ୟାଚ୍ ଆୟୋଜିତ।
- ୧୮୯୭- ବ୍ରିଟେନର ବସ୍ ସେବା ଆରମ୍ଭ।
- ୧୯୧୬: ମହାନ ଚିନ୍ତାନାୟକ ଦୀନ ଦୟାଲ ଉପାଧ୍ୟାୟଙ୍କ ଜନ୍ମ।
- ୧୯୫୬- ଆମେରିକା ଓ ୟୁରୋପ ମଧ୍ୟରେ ପ୍ରଥମ ଦୂରଭାଷ ସେବା ଆରମ୍ଭ ହେଲା।

ଜେବ୍ରା ଫିସ୍: ଚିକିତ୍ସା ବିଜ୍ଞାନରେ କ୍ରାନ୍ତି



ଭାରତର ନଦୀ, ହ୍ରଦ ଏବଂ ମଧୁର ଜଳର ଉତ୍ସଗୁଡ଼ିକରେ ପ୍ରାୟ ୩,୦୦୦ ରୁ ଅଧିକ ପ୍ରଜାତିର ମାଛ ଦେଖିବାକୁ ମିଳନ୍ତି। ଏହି ବିଶାଳ ଜଳଜ ପ୍ରାଣୀ ସଂସାରରେ ଏମିତି ଏକ ଛୋଟ ମାଛ ଅଛି, ଯିଏ ବିଶ୍ୱର ବଡ଼ ବଡ଼ ଗବେଷଣାଗାରରେ ରାଜ୍ କରୁଛି। ଏହି ମାଛଟି ହେଉଛି 'ଜେବ୍ରା ଫିଶ୍'। ମାତ୍ର ୩ ରୁ ୪ ସେଣ୍ଟିମିଟରର ଏହି ସାଧାରଣ ମାଛଟି ଏବେ ମାନବ ସମାଜକୁ ଅନେକ ସାଙ୍ଘାତିକ ରୋଗରୁ ରକ୍ଷା କରିବା ପାଇଁ ବିଜ୍ଞାନର ସବୁଠାରୁ ବଡ଼ ହାତ ହତିଆର ସାଜିଛି। ଏହି କୁନି ମାଛର ଜେନେଟିକ୍ ଗଠନ ମନୁଷ୍ୟ ସହିତ ପ୍ରାୟ ୮୬ ପ୍ରତିଶତ ମିଶିଥାଏ। ଏହି କାରଣରୁ ମଣିଷ ଶରୀରରେ ହେଉଥିବା ଜଟିଳ ରୋଗଗୁଡ଼ିକର ରହସ୍ୟ ଖୋଲିବାରେ ଏହା ବୈଜ୍ଞାନିକମାନଙ୍କୁ ସବୁଠାରୁ ଅଧିକ ସାହାଯ୍ୟ କରୁଛି। କର୍କଟ, ହୃଦ୍‌ରୋଗ ଏବଂ ଅନେକ ଆନୁବଂଶିକ ରୋଗର ନୂଆ ନୂଆ ଔଷଧର ପରୀକ୍ଷଣ ଏବେ ଏହି ମାଛ ଉପରେ ଅତ୍ୟନ୍ତ ସଫଳତାର ସହ କରାଯାଉଛି। ଜେବ୍ରା ଫିଶ୍‌ର ଅନ୍ୟ ଏକ ବଡ଼ ବିଶେଷତ୍ୱ ହେଉଛି ଏହାର ଅତି ଦ୍ରୁତ ଶାରୀରିକ ବିକାଶ। ଫର୍ଟିଲାଇଜେସନର ମାତ୍ର ୧୬ ଘଣ୍ଟା ମଧ୍ୟରେ ଏହି ମାଛର ହୃଦ୍‌ସ୍ପନ୍ଦନ ଆରମ୍ଭ ହୋଇଯାଏ। ସବୁଠାରୁ ଚମତ୍କାର କଥା ହେଉଛି, ବିକାଶ ସମୟରେ ଏହାର ଶରୀର ସମ୍ପୂର୍ଣ୍ଣ ସ୍ୱଚ୍ଛ ବା ପାରଦର୍ଶୀ ରହିଥାଏ। ଫଳରେ ଗବେଷଣାଗାରରେ ବୈଜ୍ଞାନିକମାନେ କୌଣସି ଜଟିଳ ଅସ୍ତ୍ରୋପଚାର ନ କରି, କେବଳ ମାଇକ୍ରୋସ୍କୋପ୍ ସାହାଯ୍ୟରେ ଏହାର ଭିତର ଅଙ୍ଗପ୍ରତ୍ୟଙ୍ଗ କିଭଳି ତିଆରି ହେଉଛି ଏବଂ ଔଷଧ ଏହା ଉପରେ କି ପ୍ରଭାବ ପକାଉଛି, ତାହା ବାହାରୁ ଅତି ସହଜରେ ଦେଖିପାରନ୍ତି। ପୂର୍ବରୁ ଯେକୌଣସି ଗବେଷଣା ପାଇଁ ମୂଷା କିମ୍ବା ମାଙ୍କଡ଼ମାନଙ୍କୁ ବ୍ୟବହାର କରାଯାଉଥିଲା, ଯାହା ବେଶ୍ ବ୍ୟୟବହୁଳ ଏବଂ ସମୟସାପେକ୍ଷ ଥିଲା। ଜେବ୍ରା ଫିଶ୍ ଆସିବା ପରେ ଏହି ଚିନ୍ତା ଏକପ୍ରକାର ଦୂର ହୋଇଛି। ଏହାର ରକ୍ଷଣାବେକ୍ଷଣ ଅତି ସହଜ ଏବଂ ଶସ୍ତା। ଏହା ଅଳ୍ପ ଜାଗାରେ ଏବଂ ମଧୁର ଜଳରେ ସହଜରେ ବଂଶବୃଦ୍ଧି କରିପାରେ। ଏକ ସାଙ୍ଗରେ ଶତାଧିକ ମାଛ ଉପରେ ପରୀକ୍ଷା କରି ଖୁବ୍ କମ୍ ସମୟରେ ସଠିକ୍ ପରିଣାମ ମିଳିପାରୁଛି। ବିଜ୍ଞାନ ଏବଂ ପ୍ରକୃତିର ଏହି ମିଳନ ପ୍ରକୃତରେ ଅଦ୍ଭୁତ। ଯେଉଁ ମାଛକୁ ଦିନେ ଲୋକେ କେବଳ ଘରର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଆକ୍ୱାରିୟମ୍‌ରେ ରଖୁଥିଲେ, ଆଜି ସେ ମାନବ ଜାତି ପାଇଁ ସଞ୍ଜୀବନୀ ସଦୃଶ ସାବ୍ୟସ୍ତ ହୋଇଛି। ଆଗାମୀ ଦିନରେ କର୍କଟ ଏବଂ ହୃଦ୍‌ରୋଗ ଭଳି ମାରାତ୍ମକ ବ୍ୟାଧିର ସହଜ ଚିକିତ୍ସା ଖୋଜିବାରେ ଏହି କୁନି 'ଜେବ୍ରା ଫିଶ୍' ବିଶ୍ୱ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବାକୁ ଯାଉଛି, ଏଥିରେ କୌଣସି ସନ୍ଦେହ ନାହିଁ। ଭାରତ, ବାଂଲାଦେଶ, ନେପାଳ, ପାକିସ୍ତାନ ଭଳି ଦକ୍ଷିଣ ଏସୀୟ ଦେଶଗୁଡ଼ିକରେ ଏହି ମାଛ ଦେଖାଯାଏ। ଏମାନେ ସାଧାରଣତଃ ଧୀର ଗତିରେ ବହୁଥିବା ନଦୀ, ନାଳ, ଝରଣା, ପୋଖରୀ ଏବଂ ଗଭୀର ନ ଥିବା ସ୍ୱଚ୍ଛ ଜଳାଶୟରେ ରହିବାକୁ ପସନ୍ଦ କରନ୍ତି।

ବଦଳିଲା ଅଜୟଙ୍କ ଫିଲ୍ମର ଟାଇଟଲ୍



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନଙ୍କ ଆଗାମୀ ସୁପରନ୍ୟାଚୁରାଲ୍ ହରର୍-ଥ୍ରୀଲର୍ ଫିଲ୍ମର ନାମ 'ସୂର୍ଯ୍ୟସ୍ପର୍ଶ' ରଖାଯାଇଛି। ପୂର୍ବରୁ ଏହି ଫିଲ୍ମର ଟାଇଟଲ୍ 'ଗୃହ ପ୍ରବେଶ'ଥିଲା। ଏହି ଚଳଚ୍ଚିତ୍ରର କାହାଣୀ ମହର୍ଷି ବ୍ୟାସଦେବଙ୍କ ପ୍ରସିଦ୍ଧ ସଂସ୍କୃତ ଗ୍ରନ୍ଥ 'ଗରୁଡ଼ ପୁରାଣ'ରୁ ଅନୁପ୍ରାଣିତ। ଭଗବାନ ବିଷ୍ଣୁ ଏବଂ ପକ୍ଷୀରାଜ ଗରୁଡ଼ଙ୍କ ମଧ୍ୟରେ ହୋଇଥିବା କଥୋପକଥନର ପୃଷ୍ଠଭୂମିକୁ ନେଇ ଏକ ରହସ୍ୟମୟ ଦୁନିଆ ଏଥିରେ ଦେଖିବାକୁ ମିଳିବ। ଫିଲ୍ମରେ ଅଜୟ ଏକ ଅଲୌକିକ ଏବଂ ଗ୍ରେ-ଶେଡ୍ ଚରିତ୍ରରେ ଅଭିନୟ କରୁଛନ୍ତି, ଯାହା ତାଙ୍କର ଅନ୍ୟ ଫିଲ୍ମଗୁଡ଼ିକର ଚରିତ୍ରଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ଏହାର ନିର୍ଦ୍ଦେଶନା ଦେଉଛନ୍ତି ରୋହିତ ଯୁଗରାଜ। ସେ ପୂର୍ବରୁ ଅଜୟଙ୍କ ସୁପରହିଟ୍ ହରର୍ ଫିଲ୍ମ 'ଭୂତ' (୨୦୦୩) ରେ ସହକାରୀ ନିର୍ଦ୍ଦେଶକ ଭାବେ କାମ କରିଥିଲେ। ଅଜୟ ଦେବଗନ ଫିଲ୍ମସ୍ ଏବଂ ପ୍ୟାନୋରାମା ଷ୍ଟୁଡିଓ ମିଳିତ ଭାବେ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ସେପ୍ଟେମ୍ବର ୨୦୨୬ରୁ ଏହାର ସୁଟିଂ ଆରମ୍ଭ ହୋଇସାରିଛି ଏବଂ ପ୍ରଥମ ସେଡ୍ୟୁଲ୍ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ନିର୍ମାତାମାନେ ଏହି ମେଗା ପ୍ରୋଜେକ୍ଟକୁ ୨୦୨୭ ମସିହାର ଦ୍ୱିତୀୟାର୍ଦ୍ଧରେ ପ୍ରେକ୍ଷାଳୟକୁ ଆଣିବା ପାଇଁ ଯୋଜନା କରିଛନ୍ତି।

ଟଙ୍କା ନୁହେଁ, ପଥରରେ ହୁଏ କାରବାର

ଜିନିଷଗୁଡ଼ିକର କିଣାବିକା ପାଇଁ କାଗଜ ନୋଟ୍, ମୁଦ୍ରା ଏବଂ ଡିଜିଟାଲ୍ କାରବାରକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ଦୁନିଆରେ ଏପରି ଏକ ଆଶ୍ଚର୍ଯ୍ୟଜନକ ସ୍ଥାନ ରହିଛି, ଯେଉଁଠାରେ ମୁଦ୍ରା ବଦଳରେ ପଥରକୁ ଟଙ୍କା ଭାବରେ ବ୍ୟବହାର କରାଯାଏ। ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ୟାପ୍ ଦ୍ୱୀପରେ ପାରମ୍ପରିକ ଭାବେ ବଡ଼ ଚୂନ ପଥରଗୁଡ଼ିକୁ ମୁଦ୍ରା ଭାବେ ବ୍ୟବହାର କରାଯାଏ। ଏଠାରେ ବ୍ୟବହୃତ ପଥରଗୁଡ଼ିକ 'ରାଇ ଷ୍ଟୋନ୍' ଭାବରେ ଜଣାଶୁଣା, ଏଗୁଡ଼ିକ ହେଉଛି ବଡ଼ ଆକାରର ଗୋଲାକାର ଚୂନ-ପଥରର ଖଣ୍ଡ, ଯାହାର ମଝିରେ ଏକ ଛିଦ୍ର ଥାଏ। ଏହି ପଥରଗୁଡ଼ିକର ଓଜନ କିଛି କିଲୋଗ୍ରାମ୍‌ରୁ ଆରମ୍ଭ କରି ଅନେକ ଟନ୍ ପର୍ଯ୍ୟନ୍ତ ହୋଇଥାଏ। ଯଦିଓ ବର୍ତ୍ତମାନ ଏଠାରେ ଦୈନନ୍ଦିନ କାରବାର ପାଇଁ ଆଧୁନିକ ମୁଦ୍ରାର ବ୍ୟବହାର କରାଯାଉଛି, କିନ୍ତୁ ଏହି ଦ୍ୱୀପରେ ରାଇ ଷ୍ଟୋନ୍‌ର ସାଂସ୍କୃତିକ ଏବଂ ପାରମ୍ପରିକ ଗୁରୁତ୍ୱ ଆଜି ମଧ୍ୟ ରହିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପଥରଗୁଡ଼ିକ ୟାପ୍ ଦ୍ୱୀପରେ ମିଳେନାହିଁ। ପ୍ରାୟ ୪୦୦ କିଲୋମିଟର ଦୂରରେ ଥିବା ପାଲାଉ ଦ୍ୱୀପରୁ ୟାପ୍ ଦ୍ୱୀପର ଅଧିବାସୀମାନେ ଡଙ୍ଗା ସାହାଯ୍ୟରେ କଷ୍ଟସାଧ୍ୟ ସମୁଦ୍ର ଯାତ୍ରା କରି ଏହାକୁ ଖୋଦେଇ କରି ଆଣୁଥିଲେ। ରାଇ ଷ୍ଟୋନ୍‌ର ମୂଲ୍ୟ କେବଳ ତା'ର ଆକାର ଉପରେ ନିର୍ଭର କରେ ନାହିଁ, ବରଂ ତାକୁ ଆଣିବା ପାଇଁ କେତେ ପରିଶ୍ରମ କରିବାକୁ ପଡ଼ିଥିଲା ଏବଂ ସେହି ଯାତ୍ରାରେ କେତେ ଜଣଙ୍କର ଜୀବନ ଯାଇଥିଲା, ତାହା ଉପରେ ଧାର୍ଯ୍ୟ କରାଯାଏ। ଯେହେତୁ ଏହି ପଥରଗୁଡ଼ିକ ବହୁତ ଭାରୀ, ତେଣୁ କେହି ଏହାକୁ କାରବାର ସମୟରେ ଏପଟ ସେପଟ କରନ୍ତି ନାହିଁ, ଏହା ନିଜ ଜାଗାରେ ହିଁ ରହିଥାଏ। କେବଳ ମୌଖିକ ଭାବେ ସମସ୍ତଙ୍କ ସାମ୍ନାରେ ଘୋଷଣା କରି ଏହାର ମାଲିକାନା ବଦଳାଯାଏ। ଏହି କାରଣରୁ ଆଧୁନିକ ଅର୍ଥନୀତିଜ୍ଞମାନେ ଏହାକୁ ଆଜିର ଡିଜିଟାଲ୍ କ୍ରିପ୍ଟୋକରେନ୍ସିର ପ୍ରାଥମିକ ରୂପ ବୋଲି ମଧ୍ୟ କହିଥାନ୍ତି। ବର୍ତ୍ତମାନ ଦୈନନ୍ଦିନ କାରବାର ପାଇଁ ସେଠାରେ ଆମେରିକୀୟ ଡଲାର ବ୍ୟବହାର ହେଉଛି। ଏହି ପଥରଗୁଡ଼ିକୁ ଦୈନନ୍ଦିନ ପନିପରିବା କିଣିବା ପାଇଁ ବ୍ୟବହାର କରାଯାଏ ନାହିଁ ବରଂ କୌଣସି ବଡ଼ ଜମି କିଣିବା, ବିବାହ ସମୟରେ ଯୌତୁକ ଦେବା କିମ୍ବା ଦୁଇଟି ଗୋଷ୍ଠୀ ମଧ୍ୟରେ ଝଗଡ଼ା ସମାଧାନ କରିବା ଭଳି ବଡ଼ ବଡ଼ କାର୍ଯ୍ୟରେ ଏହାର ବ୍ୟବହାର ହୋଇଥାଏ।

'ସକାଳ'ର ସ୍ୱାସ୍ଥ୍ୟ

ହାଇପୋକ୍ୟାଲସେମିଆ

ମନୁଷ୍ୟ ଶରୀରର ହାଡ଼, ଦାନ୍ତ, ମାଂସପେଶୀ, ସ୍ନାୟୁ ଏବଂ ହୃଦୟକୁ ସୁସ୍ଥ ରଖିବା ପାଇଁ କ୍ୟାଲସିୟମ ଅତ୍ୟନ୍ତ ଜରୁରି। ଏହା ହାଡ଼ ଓ ଦାନ୍ତକୁ ଶକ୍ତ କରିଥାଏ। ହେଲେ ରକ୍ତରେ କ୍ୟାଲସିୟମର ମାତ୍ରା ସାଧାରଣସ୍ତରଠାରୁ କମିଯିବା ଅବସ୍ଥାକୁ 'ହାଇପୋକ୍ୟାଲସେମିଆ' କୁହାଯାଏ। ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ। ଏହି ରୋଗ ଅସ୍ଥି, ମାଂସପେଶୀ ଏବଂ ସ୍ନାୟୁପ୍ରଣାଳୀକୁ ପ୍ରଭାବିତ କରିପାରେ।

କାରଣ: ଭିଟାମିନ୍ ଡି'ର ଅଭାବ, ପାରାଥାଇରଏଡ ହରମୋନ୍ ଅସନ୍ତୁଳନ, ମେନୋପଜ୍ ଏବଂ ବୟସଜନିତ ରୋଗ ଆଦି ଏହି ରୋଗର ମୂଳ କାରଣ। ପ୍ରାଥମିକ ଅବସ୍ଥାରେ ଏହି ରୋଗର ଲକ୍ଷଣ ଏତେଟା ଜଣାପଡ଼େନି। ସେଥିପାଇଁ ଅନେକେ ଏହାକୁ ଥକ୍କାପଣ ଓ ବୟସଜନିତ ସମସ୍ୟା ଭାବି ଅଣଦେଖା କରନ୍ତି। ଫଳରେ ରକ୍ତରେ କ୍ୟାଲସିୟମ ପରିମାଣ କମି ଶରୀରର ବିଭିନ୍ନ ଅଙ୍ଗ ପ୍ରଭାବିତ ହୋଇଥାଏ।

ଲକ୍ଷଣ: ପାଦ, କମରରେ ଯନ୍ତ୍ରଣା, ଅଙ୍ଗୁଠି, ହାତ କିମ୍ବା ମୁହଁ ଚାରିପାଖ ଝିମ୍‌ଝିମ୍ ଲାଗିବା, ଶୁଷ୍କ ତ୍ୱଚା, ଅସ୍ଥି, ନଖ ଏବଂ କେଶ ଦୁର୍ବଳ ହେବା, ସାମାନ୍ୟ ଆଘାତରେ ହାଡ଼ଭାଙ୍ଗିବା ଆଶଙ୍କା, କ୍ଳାନ୍ତି ଅନୁଭବ, ସ୍ମୃତିଶକ୍ତିହ୍ରାସ, ଗମ୍ଭୀର ମାମଲାରେ ହୃଦସ୍ପନ୍ଦନ ଗତି ବଢ଼ିଯିବା ଆଦି ଲକ୍ଷଣ ଦେଖାଯାଏ।

ଉପଚାର: ହାଇପୋକ୍ୟାଲସେମିଆ ଆଶଙ୍କା ଦୂର କରିବାକୁ ସମୟେ ସମୟେ ରକ୍ତ ପରୀକ୍ଷା, ସେରମ୍ କ୍ୟାଲସିୟମ ପରୀକ୍ଷା କରାଇବା ଆବଶ୍ୟକ। ରୋଗର ଗମ୍ଭୀରତା ଏବଂ ପୀଡ଼ିତଙ୍କ ଶାରୀରିକ ସ୍ଥିତି ଆଧାରରେ ଚିକିତ୍ସା କରାଯାଏ। ଏହାସହ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଖାଦ୍ୟରେ କ୍ଷୀର, ଦହି, ପନିର, ପନିପରିବା ଏବଂ ବାଦାମ ସାମିଲ କରିପାରିବେ। ଡାକ୍ତରଙ୍କ ପରାମର୍ଶକ୍ରମେ ଭିଟାମିନ୍ ଡି' କିମ୍ବା କ୍ୟାଲସିୟମ ସପ୍ଲିମେଣ୍ଟ ଖାଇବା ଏକାନ୍ତ ଆବଶ୍ୟକ।

ମଧୁମେହର ଆୟୁର୍ବେଦ ଉପଚାର

ମଧୁମେହ ଏକ ଦୀର୍ଘକାଳୀନ ଜୀବନଶୈଳୀଜନିତ ରୋଗ। ଆୟୁର୍ବେଦରେ ଏହାକୁ 'ମଧୁମେହ' ନାମରେ ବର୍ଣ୍ଣନା କରାଯାଇଛି ଏବଂ ଏହା ପ୍ରମେହ ରୋଗର ଏକ ପ୍ରମୁଖ ପ୍ରକାର। ଅତ୍ୟଧିକ ମିଠା ଓ ଗୁରୁ ଖାଦ୍ୟ, ଅଧିକ ଖାଇବା, ଅଳ୍ପ ଶାରୀରିକ ପରିଶ୍ରମ, ଦିନରେ ଅଧିକ ଶୋଇବା ଓ ଅନିୟମିତ ଜୀବନଶୈଳୀ ଏହାର ପ୍ରମୁଖ କାରଣ ଭାବେ ଗ୍ରହଣ କରାଯାଏ। ଆୟୁର୍ବେଦୀୟ ଗ୍ରନ୍ଥଗୁଡ଼ିକରେ ରକ୍ତଶର୍କରା ପରିବର୍ତ୍ତେ ମୂତ୍ରରେ ମଧୁରତା ଓ ଶର୍କରାସଦୃଶ ଲକ୍ଷଣ ଆଧାରରେ ପ୍ରମେହର ବର୍ଣ୍ଣନା କରାଯାଇଛି।

ଆଧୁନିକ ଚିକିତ୍ସାର ଟାଇପ୍-୨ ମଧୁମେହ ସହିତ କଫଜ ପ୍ରମେହର କେତେକ ସାମ୍ୟ ଦେଖାଯାଏ। ଆୟୁର୍ବେଦରେ କଫଜ ପ୍ରମେହକୁ ସାଧ୍ୟ ଅର୍ଥାତ୍ ଚିକିତ୍ସା ଓ ନିୟମିତ ଜୀବନଶୈଳୀ ଦ୍ୱାରା ନିୟନ୍ତ୍ରଣ ବୋଲି ବର୍ଣ୍ଣନା କରାଯାଇଛି। ବିଶେଷକରି ପ୍ରାରମ୍ଭିକ ଅବସ୍ଥାରେ ଟାଇପ୍-୨ ମଧୁମେହର ନିୟନ୍ତ୍ରଣ ସହିତ ଏହାର 'ରିଗ୍ରେସନ୍' ବା 'ରିମିଶନ୍' ମଧ୍ୟ ସମ୍ଭବ ହୋଇପାରେ।

ମଧୁମେହର ନିୟନ୍ତ୍ରଣରେ ଆହାର, ବିହାର ଓ ଔଷଧ ଏହି ତିନିଟିର ସମନ୍ୱିତ ଭୂମିକା ରହିଛି। ନିୟମିତ ଚାଲିବା, ଯୋଗାଭ୍ୟାସ, ଶାରୀରିକ ପରିଶ୍ରମ ଏବଂ ଓଜନ ନିୟନ୍ତ୍ରଣ ଉପକାରୀ। ଖାଦ୍ୟରେ ଅଧିକ ଚିନି, ମିଠା, ମଇଦା ଓ ଅତ୍ୟଧିକ ତେଲିଆ ଖାଦ୍ୟକୁ କମାଇବା ଏକାନ୍ତ ଆବଶ୍ୟକ। ଏହାସହିତ ବିଭିନ୍ନ ପନିପରିବା, ଶାଗ, ସବ୍‌ଜି ଏବଂ ଫଳମୂଳ ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ। ବିଶେଷକରି କଲରା, ଭେଣ୍ଡି, ପାଳଙ୍ଗ ଶାଗ, ମେଥିଶାଗ, ଜହ୍ନି, କାକୁଡ଼ି, ପିଜୁଳି ବିଶେଷ ଉପାଦେୟ।

ଡ. ଅଶୋକ କୁମାର ପଣ୍ଡା

ଆୟୁର୍ବେଦୀୟ ଚିକିତ୍ସାରେ ନିଶା ଆମଳକୀ ଚୂର୍ଣ୍ଣ, ମାମଜକ ଘନବଟୀ, ଆୟୁଷ-୮୨, ଚନ୍ଦ୍ରପ୍ରଭାବଟି, ମଧୁମେହାନ୍ତକ ଚୂର୍ଣ୍ଣ ଆଦି ଔଷଧ ଚିକିତ୍ସକଙ୍କ ପରାମର୍ଶରେ ଖାଇବା ପୂର୍ବରୁ ବ୍ୟବହାର କରାଯାଇପାରେ। କେତେକ ରୋଗୀଙ୍କ କ୍ଷେତ୍ରରେ ବସନ୍ତ କୁସୁମାକର ରସ ମଧ୍ୟ ଚିକିତ୍ସକଙ୍କ ନିରୀକ୍ଷଣରେ ପ୍ରୟୋଗ କରାଯାଏ। ଏହାସହିତ ଜାମୁକୋଳି, ନିମ୍ବ, ହଳଦୀ, ଅଁଳା, ଗୁଡ଼ମାରୀ, ପିଆଶାଳ, ଅଶ୍ୱଗନ୍ଧା ବୀଜ (ପନିର ଫଳ) ମଧୁମେହ ରୋଗ ପାଇଁ ଉପାଦେୟ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉପବାସ ଏବଂ ଏକକାଳ ଭୋଜନ ମଧୁମେହ ଏବଂ ମେଦବହୁଳତା ରୋଗର ଉପାଦେୟ ସ୍ୱନିୟନ୍ତ୍ରିତ ପ୍ରକ୍ରିୟା। ଏହା ଦ୍ୱାରା ମଧ୍ୟ ମଧୁମେହର ଆରୋଗ୍ୟ କରାଯାଇପାରେ।

ମଧୁମେହ ଏକ ନିୟନ୍ତ୍ରଣଯୋଗ୍ୟ ରୋଗ। ନିୟମିତ ରକ୍ତଶର୍କରା ପରୀକ୍ଷା, HbA1c, ସନ୍ତୁଳିତ ଆହାର, ଶାରୀରିକ ପରିଶ୍ରମ ଓ ଯୋଗ୍ୟ ଚିକିତ୍ସକଙ୍କ ପରାମର୍ଶରେ ଆୟୁର୍ବେଦୀୟ ଚିକିତ୍ସା ଗ୍ରହଣ କଲେ ରୋଗୀ ନିଜ ଜୀବନଶୈଳୀକୁ ଅଧିକ ସୁସ୍ଥ ଓ ନିୟମିତ କରିପାରିବେ।

- ଗବେଷଣା ଅଧିକାରୀ,
ଆଞ୍ଚଳିକ ଆୟୁର୍ବେଦ ଗବେଷଣା ସଂସ୍ଥାନ,
ଅହମ୍ମଦାବାଦ

ଘର ବଇଦ: ମଳକଣ୍ଟକ

- ବରଓହଳ ଅଗି ୪ଖଣ୍ଡ ସେଥିରେ ୪ ଗୋଟି ଲବଙ୍ଗ ମିଶାଇ କ୍ଷୀରରେ ବାଟି ପିଇବେ। ସାତ ଦିନ ଔଷଧ ଖାଇବେ।
- ରଙ୍ଗବାଣ ଗଛର ମଞ୍ଜି ଘୋରି ମଳ କଣ୍ଟକରେ ଲଗାଇଲେ ଭଲ ହୁଏ।
- ପଦ୍ମପତ୍ରରେ ମହୁ, ଘିଅ ଲଗାଇ ଅଗ୍ନିରେ ଉଷୁମ କରି ମଳଦ୍ୱାରରେ ସେକ ଦେବେ। ପରେ ଗୋଟିଏ ପଦ୍ମପତ୍ର ଦେଇ ଲେଙ୍ଗୁଟି ମାରିବେ। ଏହି ପରି ୪/୫ ଦିନ, ଦିନକୁ ଦୁଇ ବେଳା ବ୍ୟବହାର କରିବେ।
- ମଲ୍ଲୀପତ୍ରକୁ ଚାଉଳଧୂଆ ପାଣିରେ ବାଟି ଲେପ ଦେବେ।
- ଚିତାପାରୁ ଗଛର ଚେରର ଚୂର୍ଣ୍ଣ ଏକ ଅଣା ଓଜନ ଦହି ସହିତ ଖାଇଲେ ମଳକଣ୍ଟକ ବିନଷ୍ଟ ହୁଏ। ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବେ।
- ଅକାନବିନ୍ଧି ଚେର ସୁକି ଓଜନ ସମଭାଗ ଶୁଣ୍ଠି ମିଶାଇ ଖାଇଲେ ମଳକଣ୍ଟକ ବେଦନା ଦୂର ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

ମାନସିକ ଅବସାଦ ଓ ନିଦ ପାଇଁ ଔଷଧ ଖାଉଥିଲେ ...

ବୟସ ବଢ଼ିବା ସହିତ ଶାରୀରିକ ଓ ମାନସିକ ପରିବର୍ତ୍ତନ ହୁଏ। ଶରୀର ଥକ୍କା ଲାଗିବା ସହିତ ନିଦ ନ ଆସିବା ଏବଂ ମାନସିକ ଅବସାଦ ପରି ସମସ୍ୟା ଅଧିକ ଦେଖାଯାଏ। ଏଥିପାଇଁ ଅଧିକାଂଶ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇଥାନ୍ତି। ବୟସ୍କଙ୍କ କ୍ଷେତ୍ରରେ ଏହି ଔଷଧ ସେବନ ଦ୍ୱାରା ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ଯାହାକୁ ଅଣଦେଖା କରିବା ଅନୁଚିତ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ନିଦ ହେବା ପାଇଁ ଗ୍ରହଣ କରାଯାଉଥିବା ଔଷଧ ମସ୍ତିଷ୍କକୁ ଶାନ୍ତି କରି ନିଦ କରେ। ହେଲେ ସକାଳୁ ଉଠିବା ପରେ ମଧ୍ୟ ଏହି ଔଷଧର ପ୍ରଭାବ ରହିଥାଏ। ଫଳରେ ବୟସ୍କ ଲୋକ ସକାଳୁ ଉଠିବା ପରେ ବି ନିଦ ଲାଗିବା, ମୁଣ୍ଡ ବୁଲାଇବା କିମ୍ବା ଦୁର୍ବଳତା ଅନୁଭବ କରିଥାନ୍ତି। ଚଲାବୁଲା କରିବାରେ ଶରୀରର ସନ୍ତୁଳନ ବିଗିଡ଼ି ଯାଉଥିବାରୁ ପଡ଼ିଯିବାର ଆଶଙ୍କା ଅଧିକ ରୁହେ। ସେହିପରି ଅନେକଙ୍କ କ୍ଷେତ୍ରରେ ବାନ୍ତି ଲାଗିବା, ମୁଣ୍ଡ ଭାରି ଲାଗିବା, ଭୋକ ନ ଲାଗିବା, ସବୁବେଳେ ଅର୍ଦ୍ଧଚେତନାରେ ରହିବା ପରି ଅନୁଭବ ହୋଇଥାଏ। ଏପରି ସମସ୍ୟା ହେଉଥିଲେ ଡାକ୍ତରଙ୍କ ପରାମର୍ଶରେ ଏହି ପାର୍ଶ୍ୱପ୍ରତିକ୍ରିୟାର ସଠିକ କାରଣ ଜାଣି ଔଷଧର ମାତ୍ରାରେ ପରିବର୍ତ୍ତନ କରାଯାଏ।

ସେହିପରି ଅବସାଦ ପାଇଁ ବ୍ୟବହୃତ କିଛି ଔଷଧ ମୁଣ୍ଡବୁଲାଇବା କିମ୍ବା ନିଦ୍ରାସମସ୍ୟା ସୃଷ୍ଟି କରିପାରେ। ବୟସ ବଢ଼ିବା ସହିତ ଶରୀରରେ ଏହି ଔଷଧଗୁଡ଼ିକର ପ୍ରଭାବ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ତେଣୁ ଏକରୁ ଅଧିକ ଔଷଧ ସେବନ କରୁଥିବା ବ୍ୟକ୍ତି ସତର୍କ ରହିବା ଆବଶ୍ୟକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିଦ କିମ୍ବା ଅବସାଦରୁ ମୁକ୍ତି ପାଇଁ ନିଜ ମନ ଇଚ୍ଛା ଔଷଧ ବନ୍ଦ କରିବା ଅନୁଚିତ। ଔଷଧ ମାତ୍ରା କମ୍ କି ବେଶୀ କରିବେ ତାହା ଡାକ୍ତରଙ୍କ ପରାମର୍ଶକ୍ରମେ କରିବା ଆବଶ୍ୟକ। ଔଷଧ ସେବନ ସହିତ ବ୍ୟାୟାମ, ପ୍ରାଣାୟମ ଏବଂ ସନ୍ତୁଳିତ ଜୀବନଶୈଳୀ ଆପଣାଇବା ଉଚିତ।

୪୦ ପରେ

ତେଲ ମସଲାଯୁକ୍ତ ଖାଦ୍ୟ, ବ୍ୟସ୍ତ ଦିନଚର୍ଯ୍ୟା, ଶାରୀରିକ ନିଷ୍କ୍ରିୟତା ଯୋଗୁଁ ଶରୀରରେ ଚର୍ବି ଜମିଯାଏ। ଏହା ମେଦବହୁଳତା, ରକ୍ତ ଚାପ, ରକ୍ତ ଶର୍କରା ଏବଂ ଉଚ୍ଚ କୋଲେଷ୍ଟ୍ରଲ ଆଶଙ୍କାକୁ ବଢ଼ାଇଦିଏ।

ସେହିପରି ୪୦ ବର୍ଷ ବୟସ ପରେ ମହିଳା ଏବଂ ପୁରୁଷଙ୍କ ହରମୋନ ପରିବର୍ତ୍ତନ ହୁଏ। ମହିଳାଙ୍କକ୍ଷେତ୍ରରେ ମେନୋପଜ କାରଣରୁ ଲିପିଡ ପ୍ରୋଫାଇଲରେ ପରିବର୍ତ୍ତନ ଦେଖାଯାଏ।

ପୁରୁଷଙ୍କ ଶରୀରରେ ଚର୍ବି ଜମା ହୋଇ କୋଲେଷ୍ଟ୍ରଲସ୍ତରକୁ ବୃଦ୍ଧି କରିଥାଏ। ସେହିପରି ବୟସ ବଢ଼ିଲେ ଯକୃତ ରକ୍ତରୁ ଏଲ୍‌ଡିଏଲ୍ ତଥା ଖରାପ କୋଲେଷ୍ଟ୍ରଲକୁ ବାହାର କରିପାରେ ନାହିଁ। ଏହାଦ୍ୱାରା ଶରୀରରେ ଏଲ୍‌ଡିଏଲ୍‌ସ୍ତର ବଢ଼ିଯାଏ। ତେଣୁ ୪୦ ବର୍ଷ ପରେ ଡାକ୍ତରଙ୍କ ପରାମର୍ଶରେ ଲିପିଡ ପ୍ରୋଫାଇଲ ପରୀକ୍ଷା କରିବା ଆବଶ୍ୟକ। ଏଥିରୁ ଏଲ୍‌ଡିଏଲ, ଏଚ୍‌ଡିଏଲ୍ ଏବଂ ଟ୍ରାଇଗ୍ଲିସରାଇଡ୍ ଜଣାପଡ଼େ। ରକ୍ତ ଚାପ, ରକ୍ତ ଶର୍କରା ଏବଂ ଓଜନକୁ ନିୟନ୍ତ୍ରଣରେ ରଖିବା ଭଲ। ସନ୍ତୁଳିତ ଖାଦ୍ୟପେୟ, ନିୟମିତ ବ୍ୟାୟାମ, ଧୂମପାନଠାରୁ ଦୂରେଇ ରହିବା ଏକାନ୍ତ ଆବଶ୍ୟକ।

ଆଇଚି-ନାଗୋୟା ଏସିଆନ୍ ଗେମ୍ସ

ରୌପ୍ୟ ଜିତିଲେ ରୋଶିବିନା ଓ ରିଲେ ଟିମ୍

ଟୋକିଓ,୨୪।୯ (ଏଜେନ୍ସି)

ଶେଷମୁହୂର୍ତ୍ତରେ ଦଳରେ ସ୍ଥାନ ପାଇଥିବା ଉଶୁ ଖେଳାଳି ରୋଶିବିନା ଦେବୀ ଓ ଆଥଲେଟିକ୍ସରେ ମିକ୍ସଡ ମହିଳା ରିଲେ ଟିମ୍ ଜାପାନରେ ଚାଲିଥିବା ଆଇଚି-ନାଗୋୟା ୨୦ତମ ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଗୁରୁବାର ପ୍ରତିଯୋଗିତାର ଷଷ୍ଠ ଦିନରେ ଭାରତକୁ ୫ଟି ପଦକ ମିଳିଛି। ଏହା ମଧ୍ୟରୁ ଦୁଇଟି ରୌପ୍ୟ ଓ ୩ଟି

- ମହିଳା ୧୦,୦୦୦ ମିଟରରେ ସୀମାଙ୍କୁ ଐତିହାସିକ କାଂସ୍ୟ
- ସେମିରେ ଅନିମେଶ ଓ ଗୁରିନ୍ଦରବୀର
- ସୁଟିଂର ମିକ୍ସଡ ସ୍କିଟ୍, ରୋଇଂରେ କାଂସ୍ୟ
- ମହିଳା ସ୍କ୍ୱାଶ୍‌ରେ ପଦକ ନିଶ୍ଚିତ

କାଂସ୍ୟ ପଦକ ରହିଛି। ଏହା ମଧ୍ୟରେ ସୁଟିଂର ସ୍କିଟ୍ ମିକ୍ସଡ ଇଭେଣ୍ଟରେ ପ୍ରଥମଥର ଓ ରୋଇଂ ଡବଲ ସ୍କଲ୍‌ରେ ଗୋଟିଏ ଲେଖାଏଁ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୧୦,୦୦୦ ମିଟର ଦୌଡ଼ରେ ସୀମା କୁମାରୀ ଐତିହାସିକ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଟିନ୍ ଏଜ୍ ସ୍କ୍ୱାଶ ଖେଳାଳି ଅନାହତ ସିଂ ଓ ତନ୍‌ଭୀ ଖାନା କ୍ୱାଟର ଫାଇନାଲ୍‌ରେ ମୁକାବିଲା କରିବା ଫଳରେ ଆଉ ଏକ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି।

ଦଳଗତ ଖେଳରେ ସ୍ୱର୍ଣ୍ଣ ଆଶାରେ ଥିବା କବାଡିର ଉଭୟ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ପ୍ରବେଶ କରିବା ଫଳରେ ଅତିକମ୍‌ରେ ଏହି ଇଭେଣ୍ଟରୁ ଆଉ ଦୁଇଟି କାଂସ୍ୟ ପଦକ ମିଳିବା ନିଶ୍ଚିତ ହୋଇଛି। ପୁରୁଷ ହକି ଦଳ ୮-୨ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଜୟଯାତ୍ରା ଅବ୍ୟାହତ ରଖି ସେମିଫାଇନାଲ ପ୍ରବେଶ ନିଶ୍ଚିତ କରିଛି। ଆଜିଠାରୁ ଆରମ୍ଭ ହୋଇଥିବା ଆଥଲେଟିକ୍ସ ଇଭେଣ୍ଟର ୪ ଗୁଣା ୪୦୦ ମିଟର ମିକ୍ସଡ ରିଲେ ଟିମ୍ ରୌପ୍ୟ ପଦକ ହାସଲ କରିଛି। ପୁରୁଷ ୧୦୦ ମିଟରରେ ଅନିମେଶ କୁଜୁର ଓ ଗୁରିନ୍ଦରବୀର ସିଂହ ଆସନ୍ତାକାଲି ହେବାକୁ ଥିବା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ୬ଷ୍ଠ ଦିନ ଶେଷ ସୁଦ୍ଧା ଭାରତ ୧୭ଟି ପଦକ ଜିତି ପଦକ ତାଲିକାର ୧୫ତମ ସ୍ଥାନରେ ରହିଛି। ଏହା ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି।

ମିକ୍ସଡ ରିଲେ ଟିମ୍‌ର କମାଲ, ଇତିହାସ ସୃଷ୍ଟିକଲେ ସୀମା

ଆଜିଠାରୁ ଆରମ୍ଭ ହୋଇଛି ଏସିଆନ ଗେମ୍ସ ଆଥଲେଟିକ୍ସ ମେଡାଲ ଇଭେଣ୍ଟ। ପ୍ରଥମ ଦିନ ପ୍ରତିଯୋଗିତାରେ ଭାରତ ଦୁଇଟି ପଦକ ଜିତିବାରେ ସଫଳ ହୋଇଛି। ଏହା ମଧ୍ୟରୁ ୪ ଗୁଣା ୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ବିଶେଷ କରି ବିତ୍ୟା ରାମରାଜଙ୍କ ସଫଳ ଆଙ୍କରିଂ ଫଳରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିଲା। ବାହାରିନ୍ ଗେମ୍ସ ରେକର୍ଡ ସହ ସ୍ୱର୍ଣ୍ଣପଦକ ହାସଲ କରିଥିଲା। ଭାରତ ପକ୍ଷରୁ କିରଣ, ଜୟ କୁମାର, ପୁଭାମ୍ମା ରାଜୁ ଓ ମାନୁ ଟିଏସ୍ ଏହି ରିଲେ ରେସ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ।

ସେହିପରି ଦୀର୍ଘ ୧୬ ବର୍ଷର ବ୍ୟବଧାନ ପରେ ମହିଳା ୧୦,୦୦୦ ମିଟରରେ ଭାରତକୁ ଏକ ପଦକ ମିଳିଛି। ସୀମା କୁମାରୀ ଏହି ରେସ୍‌ରେ ତୃତୀୟସ୍ଥାନ ଅଧିକାର କରି ଏହି ଐତିହାସିକ ସ୍ୱର୍ଣ୍ଣପଦକ ପାଇଛନ୍ତି। ମହିଳା ଟ୍ରିପଲ ଜମ୍ପରେ ଭାରତ ଅଳ୍ପକେ ଏକ ପଦକରୁ ବଞ୍ଚିତ ହୋଇଛନ୍ତି। ଆଶା ଇଲାଙ୍ଗୋ ୧୩.୮୩ ମିଟର ଦୂରତାକୁ ଡେଇଁ ଚତୁର୍ଥ ସ୍ଥାନରେ ରହିଥିଲେ। ହେପ୍ଟାଥଲନରେ ପୂଜା ୮ମ ସ୍ଥାନରେ ରହିଛନ୍ତି।

ସେମିରେ ଅନିମେଶ ଓ ଗୁରିନ୍ଦରବୀର

ପୁରୁଷ ୧୦୦ ମିଟର ଦୌଡ଼ରେ ଭାରତର ଦୁଇ ପ୍ରତିଯୋଗୀ ଅନିମେଶ କୁଜୁର ଓ ଗୁରିନ୍ଦରବୀର ସିଂହ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମେ ଅନିମେଶ ଏହି ଦୂରତାକୁ ୧୦.୩୬ ସେକେଣ୍ଡରେ ଅତିକ୍ରମ କରି ହିଟ-୧ରେ ତୃତୀୟ ସ୍ଥାନରେ ରହିଥିଲେ। ହିଟ-୪'ରେ ଗୁରିନ୍ଦରବୀର ୧୦.୩୮ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଫାଇନାଲ ଲାଗି ଆସନ୍ତାକାଲି ଉଭୟ ପ୍ରତିଯୋଗୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେବେ।

ରୌପ୍ୟରେ ସନ୍ତୁଷ୍ଟ ରୋଶିବିନା ଦେବୀ

ଦୁଇଥରର ଏସିଆନ ଗେମ୍ସ କାଂସ୍ୟପଦକ ବିଜେତା ନାଓରେମ୍ ରୋଶିବିନା ଦେବୀ ଆଜି ଅନୁଷ୍ଠିତ ମହିଳା ୬୦ କେଜି ଉଶୁ ଫାଇନାଲରେ ପରାଜିତ ହୋଇଛନ୍ତି। ଆଇଚି ପରଫେକ୍‌ଚୁଆଲ ମାର୍ଶିଆଲ ଆର୍ଟସ ହଲ୍‌ରେ ଅନୁଷ୍ଠିତ ଫାଇନାଲ ବା ସ୍ୱର୍ଣ୍ଣପଦକ ମୁକାବିଲାରେ ଚୀନ୍‌ର ଜିୟାୟୁ ଝାଙ୍ଗଙ୍କଠାରୁ ୨-୦ରେ ରୋଶିବିନା ପରାଜିତ ହେବା ଫଳରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏହା ଫଳରେ ସେ ଏସିଆନ ଗେମ୍ସରେ ତୃତୀୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ପୂର୍ବରୁ ୨୦୧୮ ଓ ୨୦୨୩ରେ କାଂସ୍ୟ ପଦକ ହାସଲ କରିଥିବା ଏହି ମଣିପୁର ଖେଳାଳି ଶେଷ ମୁହୂର୍ତ୍ତରେ ଦଳରେ ସ୍ଥାନ ପାଇଥିଲେ। ତାଙ୍କ ସ୍ଥାନରେ ସାମିଲ କରାଯାଇଥିବା ଦିବ୍ୟାଂଶୀ ଚୌଧୁରୀ ଅନ୍‌ଫିଟ୍ ଘୋଷିତ ହେବା ଯୋଗୁ ରୋଶିବିନାଙ୍କୁ ସ୍ଥାନ ମିଳିଥିଲା। ଏହି ସୁଯୋଗର ସେ ପୂରା ଫାଇଦା ଉଠାଇ ଦେଶର ଗୌରବ ବଢ଼ାଇଥିଲେ। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ଇଣ୍ଡୋନେସିଆର ଥାନିଆଙ୍କୁ ଓ କ୍ୱାର୍ଟରଫାଇନାଲରେ ମାକାଉର ସିନ୍ ଟୁ'ଙ୍କୁ ହରାଇଥିଲେ। ସୂଚନାଯୋଗ୍ୟ ୨୦୧୮ ଓ ୨୦୨୩ ପରେ ରୋଶିବିନା କ୍ରମାଗତ ଏସିଆନ ଗେମ୍ସରେ ପଦକ ଜିତିଥିଲେ। କିନ୍ତୁ ଚଳିତବର୍ଷ ଦିବ୍ୟାଂଶୀ ଚୌଧୁରୀ ଅନ୍‌ଫିଟ୍ ହେବାରୁ ଶେଷ ମୁହୂର୍ତ୍ତରେ ରୋଶିବିନାଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଥିଲା।

ଭାରତୀୟ ଜନସାଧାରଣ ମୋ'ଠାରୁ ଯାହା (ସ୍ୱର୍ଣ୍ଣପଦକ) ଆଶା କରୁଥିଲେ ତାହା ମୁଁ ଦେବାରେ ଅସଫଳ ହୋଇଛି। ମୁଁ କେବଳ ରୌପ୍ୟ ପଦକ ଜିତିଛି। ପରବର୍ତ୍ତୀ ପ୍ରତିଯୋଗିତାରେ ମୁଁ ମୋର ତ୍ରୁଟିକୁ ସୁଧାରିବା ସହ ଅଧିକ ସଫଳ ହେବାକୁ ଚେଷ୍ଟା କରିବି ବୋଲି ରୋଶିବିନା କହିଛନ୍ତି। ଶେଷ ମୁହୂର୍ତ୍ତରେ ଦଳରେ ସାମିଲ ହୋଇଥିବାରୁ ପ୍ରସ୍ତୁତି କରିବାକୁ ବିଶେଷ ସୁଯୋଗ ମିଳି ନ ଥିଲା। କୋଚ୍ ଅମିତ ପାଲଙ୍କ ପ୍ରଚେଷ୍ଟା ଯୋଗୁଁ ମୁଁ ମଣିପୁରରୁ ସିଧା ଜାପାନ ଆସିଥିଲି ଓ ଏଠାରେ ଭାଗନେଇଥିଲି।

ସ୍କିଟ୍ ମିକ୍ସଡ ଟିମ୍ ସୁଟିଂରେ ପ୍ରଥମ ପଦକ

ପରିନାଜ ଧାଲିୱାଲ ଓ ଅନନ୍ତଜିତ ସିଂହ ନାରୁକା ସ୍କିଟ୍ ମିକ୍ସଡ ଟିମ୍ ସୁଟିଂରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ଏହି ବିଭାଗରେ ଭାରତକୁ ପ୍ରଥମ ପଦକ ମିଳିଛି। ଆଇଚି ପରଫେକ୍‌ଚୁଆଲ ଜେନେରାଲ ସୁଟିଂ ଗ୍ୟାଲେରୀରେ ଅନୁଷ୍ଠିତ ଫାଇନାଲ ଲଢ଼େଇରେ ପରିନାଜ ଓ ଅନନ୍ତଜିତ ୪୮ଟି ଟାର୍ଗେଟ୍‌ରୁ ୪୪ଟି ହିଟ୍ କରିବାରେ ସଫଳ ହୋଇଥିଲେ। ଏହି ଟାର୍ଗେଟ ଦକ୍ଷିଣ କୋରିଆ ପ୍ରତିଯୋଗୀଙ୍କ ସହ ସମାନ ହୋଇଥିଲା। କିନ୍ତୁ ବିଶ୍ୱ ମାନ୍ୟତାରେ ଭାରତୀୟଙ୍କଠାରୁ କୋରିଆର ପ୍ରତିଯୋଗୀ ଆଗରେ ଥିବାରୁ ସେମାନଙ୍କୁ ରୌପ୍ୟ ପଦକ ଦିଆଯାଇଥିଲା। ଚୀନକୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ଗତକାଲି ସ୍କିଟ୍ ଇଭେଣ୍ଟରେ ଭାରତକୁ ୨ଟି କାଂସ୍ୟ ପଦକ ମିଳିଥିଲା। ଏହା ଫଳରେ ଏସିଆନ ଗେମ୍ସ ସ୍କିଟ୍‌ରେ ଭାରତ ୩ଟି ପଦକ ଜିତିବାରେ ସଫଳତା ପାଇଥିଲା।

ସତ୍‌ନାମ-ସଲମାନ ସମ୍ମାନ ରଖିଲେ

ଦଳ ମଧ୍ୟରେ ବୁଝାମଣାର ଅଭାବ ଓ ଅସନ୍ତୋଷ ମଧ୍ୟରେ ସତ୍‌ନାମ ସିଂହ ଓ ସଲମାନ ଖାନ୍ ଏସିଆନ ଗେମ୍ସ ରୋଇଂ ଡବଲ ସ୍କଲ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହି ବିଭାଗରେ ଭାରତ ଲାଗି ପ୍ରଥମ ପଦକ। ଏହି ପଦକ ବିଜୟ ଫଳରେ ରୋଇଂରେ ଭାରତର ସମ୍ମାନ ରକ୍ଷା ହୋଇପାରିଛି। ୨୪ ବର୍ଷରେ ଏହାକୁ ନିକୃଷ୍ଟ ପ୍ରଦର୍ଶନ ବୋଲି ସଂଘ କହୁଥିଲେ ମଧ୍ୟ ପ୍ରତିଯୋଗୀଙ୍କୁ ଠିକ୍ ଭାବେ ପ୍ରସ୍ତୁତି କରିବାରେ ସମର୍ଥ ହୋଇ ନ ଥିଲା। ଫଳରେ ଭାରତକୁ ଏଭଳି ଦୟନୀୟ ଅବସ୍ଥା ଭୋଗିବାକୁ ପଡ଼ିଛି। ଏହା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଉଭୟ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଯାହା ହେଉ ନୂଆ ପାର୍ଟନରଙ୍କୁ ନେଇ ସତ୍‌ନାମ ଯେଉଁ ସଫଳତା ପାଇଛନ୍ତି ତାହା ସବୁଦିନେ ସ୍ମରଣୀୟ ହୋଇ ରହିବ।

ପୁରୁଷ ହକି ଦଳର ଆଉ ଏକ ବିଜୟ

ପୁରୁଷ ହକିରେ ଆଜି ଖେଳାଯାଇଥିବା ମୁକାବିଲାରେ ଭାରତ ୮-୨ ଗୋଲରେ ଶକ୍ତିଶାଳୀ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଏହା ଫଳରେ ୩ଟି ମ୍ୟାଚ୍‌ରୁ ୩ଟିରେ ବିଜୟୀ ହୋଇ ଭାରତ ସେମିଫାଇନାଲରେ ପ୍ରବେଶ କରିବା ରାସ୍ତା ପରିଷ୍କାର କରିଛି। ପୂର୍ବରୁ ମହିଳା ଦଳ ମଧ୍ୟ ୩ଟି ବୃହତ୍ ବିଜୟ ସହ ସେମିଫାଇନାଲ ରାସ୍ତା ପରିଷ୍କାର କରିଥିଲା। ଏହି ବିଭାଗରେ ଯେଉଁ ଦଳ ସ୍ୱର୍ଣ୍ଣପଦକ ବିଜୟୀ ହେବ, ସେହି ଦଳ ସିଧାସଳଖ ୨୦୨୮ ଅଲିମ୍ପିକ୍ସରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିବ।

କବାଡ଼ି ଓ ସ୍କ୍ୱାଶ୍‌ରେ ପଦକ ନିଶ୍ଚିତ

ଏସିଆନ ଗେମ୍ସ କବାଡିରେ କ୍ରମାଗତ ସ୍ୱର୍ଣ୍ଣପଦକ ଜିତିଆସୁଥିବା ଭାରତର କବାଡି ଟିମ୍ ଉଭୟ ପୁରୁଷ ଓ ମହିଳା ବିଭାଗ ସେମିଫାଇନାଲରେ ପ୍ରବେଶ କରିଛି। ଏହା ଫଳରେ ଦଳ ପଦକ ଜିତିବା ନିଶ୍ଚିତ କରିଛି। ଆଜି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ପୁରୁଷ ଦଳ ୩୭-୨୧ରେ ଦକ୍ଷିଣ କୋରିଆକୁ ଓ ମହିଳା ଦଳ ୫୦-୨୫ରେ ଜାପାନକୁ ପରାସ୍ତ କରି ଗ୍ରୁପର ଶୀର୍ଷସ୍ଥାନ ଅଧିକାର କରି ସେମିଫାଇନାଲରେ ପ୍ରବେଶ କରିଛି। ଉଭୟ ଦଳ କ୍ରମାଗତ ଚତୁର୍ଥ ବିଜୟ ସହ ଗ୍ରୁପରେ ଅପରାଜେୟ ରହିଛନ୍ତି।

ସେହିପରି ମହିଳା ସ୍କ୍ୱାଶ କ୍ୱାର୍ଟର ଫାଇନାଲ ଭାରତର ଦୁଇ ପ୍ରତିଯୋଗୀ ନଂ-୧ ଅନାହତ ସିଂ ଓ ନଂ-୨ ତନ୍‌ଭୀ ଖାନ୍‌ଙ୍କ ମଧ୍ୟରେ ଖେଳାଯିବ। ଏହା ଫଳରେ ଭାରତକୁ ଏଥିରେ ଗୋଟିଏ ପଦକ ମିଳିବା ନିଶ୍ଚିତ ହୋଇଛି। ସିଙ୍ଗାପୁରର ଦୁଇ ଭଉଣୀଙ୍କୁ ହରାଇ ଭାରତୀୟ ପ୍ରତିଯୋଗୀ ଅନାହତ ଓ ତନ୍‌ଭୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ପଦାର୍ପଣରେ ଫେଲ୍ ମାରିଲେ ନବିଙ୍କ ପୁଅ ହାସନ

ଆଫଗାନିସ୍ତାନ କ୍ରିକେଟ୍ ଦଳର ବରିଷ୍ଠ ଅଲରାଉଣ୍ଡର ମହମ୍ମଦ ନବିଙ୍କ ପୁଅ ହାସନ ଇସାଖିଲ ଅନ୍ତର୍ଜାତୀୟ କ୍ରିକେଟ୍ ପଦାର୍ପଣ କରିଛନ୍ତି। ଚଳିତ ଏସିଆନ ଗେମ୍ସରେ ଘରୋଇ ଜାପାନ ବିପକ୍ଷରେ ଖେଳି ୨୦ ବର୍ଷୀୟ ହାସନ ଆଫଗାନିସ୍ତାନ ସିନିଅର ଦଳ ପକ୍ଷରୁ କ୍ୟାରିୟର ଆରମ୍ଭ କରିଛନ୍ତି। ତେବେ ପଦାର୍ପଣ ମ୍ୟାଚରେ ହାସନ ଫେଲ୍ ମାରିଛନ୍ତି। ଏହି ଡାହାଣହାତୀ ବ୍ୟାଟର୍ ଓପନିଂ ଆସି ୧୦ଟି ବଲ ଖେଳି ମାତ୍ର ୩ ରନ କରି ଆଉଟ୍ ହୋଇଥିଲେ। ଏହା ସତ୍ତ୍ୱେ ଆଫଗାନିସ୍ତାନ ଏହି ମ୍ୟାଚରେ ୪୮ ରନରେ ଜାପାନକୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଛି। ତେବେ ହାସନଙ୍କ ପଦାର୍ପଣ ମ୍ୟାଚରେ ତାଙ୍କ ପିତା ତଥା ୪୧ ବର୍ଷୀୟ ନବି ଦଳରେ ଉପସ୍ଥିତ ନ ଥିଲେ। ଏସିଆନ ଗେମ୍ସ ଲାଗି ନବିଙ୍କୁ ବିଶ୍ରାମ ଦିଆଯାଇଛି।

ଷଷ୍ଠରେ ରହିଲେ ପ୍ରଣତି

ଜିମ୍ନାଷ୍ଟ ପ୍ରଣତି ନାୟକ ମହିଳା ଜିମ୍ନାଷ୍ଟିକ୍ ଭଲ୍ଟ ଫାଇନାଲରେ ଷଷ୍ଠ ସ୍ଥାନରେ ରହିଛନ୍ତି। ୭ମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିବା ପ୍ରଣତି ପଦକ ଜିତିବାରେ ସଫଳ ହୋଇନାହାନ୍ତି। ଭାରତରୁ ସେ ଏକମାତ୍ର ପ୍ରତିଯୋଗୀଭାବେ ଏସିଆନ ଗେମ୍ସରେ ଭାଗନେଇଛନ୍ତି।

ମୁମ୍ବାଇ ଇଣ୍ଡିଆନ୍ସର କୋଚ୍ ହେଲେ ଲ୍ୟୁକ୍

ଡବ୍ଲ୍ୟୁପିଏଲ୍-୨୦୨୭

ମୁମ୍ବାଇ, ୨୪।୯ (ଏଜେନ୍ସି): ଆଇପିଏଲ୍ ଢାଞ୍ଚାରେ ଭାରତରେ ଖେଳାଯାଉଥିବା ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଆଗାମୀ ପଞ୍ଚମ ସଂସ୍କରଣ ଲାଗି ମୁମ୍ବାଇ ଇଣ୍ଡିଆନ୍ସ ଲ୍ୟୁକ ୱିଲିୟମ୍ସଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଛି। ଲିସା କେଥଲୀଙ୍କ ସ୍ଥାନରେ ଅଷ୍ଟ୍ରେଲିଆର ୱିଲିୟମ୍ସ ଏହି ଗୁରୁଦାୟିତ୍ୱ ତୁଲାଇବେ। ୪୬ ବର୍ଷୀୟ ୱିଲିୟମ୍ସ ଏଥିପୂର୍ବରୁ ଅଷ୍ଟ୍ରେଲିଆର 'ୱିମେନ୍ସ ବିଗ୍ ବାସ୍ ଲିଗ୍', ଇଂଲଣ୍ଡର 'ଦି ହଣ୍ଡ୍ରେଡ' ଓ ଡବ୍ଲ୍ୟୁପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ଲ୍ୟୁକଙ୍କ ପ୍ରଶିକ୍ଷଣରେ ଆରସିବି ମହିଳା ଦଳ ୨୦୨୪ରେ ପ୍ରଥମଥର ଲାଗି ଡବ୍ଲ୍ୟୁପିଏଲ ଟାଇଟଲ୍ ଜିତିଥିଲା। ଏହି ଅବସରରେ ମୁମ୍ବାଇ ଇଣ୍ଡିଆନ୍ସର ମାଲିକାଣୀ ନୀତା ଅମ୍ବାନୀ କୋଚ୍ ୱିଲିୟମ୍ସଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। 'ୱିଲିୟମ୍ସଙ୍କ ପାଖରେ ବ୍ୟାପକ ଅଭିଜ୍ଞତା ଓ ମହିଳା କ୍ରିକେଟ ବିଷୟରେ ଗଭୀର ଜ୍ଞାନ ରହିଛି। ତାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇ ଆଗାମୀ ଡବ୍ଲ୍ୟୁପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରିବ' ବୋଲି ନୀତା ଆଶାବାଦୀ ରହିଛନ୍ତି।

ଓଡ଼ିଶା ଟି-୨୦ ଲିଗ୍: ୧୦ ଓଭରବିଶିଷ୍ଟ ହେବ ବାତିଲ ମ୍ୟାଚ୍

ଭୁବନେଶ୍ୱର, ୨୪।୯ (ସମିସ)

ଆଇକନିକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା 'ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍- ସିଏମ ଟ୍ରଫି'ର ଦ୍ୱିତୀୟ ସଂସ୍କରଣରେ ବର୍ଷା ବାଧକ ସାଜିଛି। ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଗୁରୁବାର ସୁଦ୍ଧା ପ୍ରଥମ ୯ଟି ମ୍ୟାଚରୁ ୬ଟି ବାଧାପ୍ରାପ୍ତ ହୋଇଛି। ଯେଉଁଥିରେ ୫ଟି ମ୍ୟାଚ୍ ଆଦୌ ଖେଳ ସମ୍ଭବପର ହୋଇପାରି ନ ଥିଲା। ସେହିଭଳି ସୋମବାର ରାଉରକେଲା ସୁପରଷ୍ଟାର୍ସ ଓ ସମ୍ବଲପୁର ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଲାଗି ଅଧାରୁ ବାତିଲ କରିବାକୁ ପଡ଼ିଥିଲା। ଏବେ ଆୟୋଜକ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ଗୁରୁବାର ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ବର୍ଷା ଲାଗି ଆଦୌ ଖେଳ ସମ୍ଭବପର ହୋଇପାରି ନ ଥିବା ମ୍ୟାଚଗୁଡ଼ିକ ପୁନଃଆୟୋଜନ କରିବାକୁ ଓସିଏ ନିଷ୍ପତ୍ତି ନେଇଛି। ଏହି ମ୍ୟାଚ୍‌ଗୁଡ଼ିକ ୧୦ ଓଭରବିଶିଷ୍ଟ ହେବ। ପୂର୍ବସୂଚୀ ଅନୁଯାୟୀ ଦିନକୁ ଦୁଇଟି ମ୍ୟାଚ ଖେଳାଯିବାର ଥିଲା। କିନ୍ତୁ ଓସିଏ ପକ୍ଷରୁ ଜାରି ହୋଇଥିବା ନୂଆ ଖେଳସୂଚୀ ଅନୁଯାୟୀ ଏବେ ସେପ୍ଟେମ୍ବର ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଦିନକୁ ୩ଟି ମ୍ୟାଚ୍ ଖେଳାଯିବ। ବାତିଲ ହୋଇଥିବା ମ୍ୟାଚଟି ସକାଳ ୧୦ଟା ୩୦ରୁ ଆରମ୍ଭ ହେବ। ଏହାପରେ ପୂର୍ବସୂଚୀ ଭଳି ଅପରାହ୍ଣ ୨ଟା ୩୦ରୁ ଗୋଟିଏ ଓ ଶେଷ ମ୍ୟାଚଟି ରାତି ୭ଟାରୁ ଖେଳାଯିବ।

ଶୁକ୍ରବାର ମ୍ୟାଚ୍
ସକାଳ ୧୦ଟା ୩୦: ସମ୍ବଲପୁର ବନାମ ଭୁବନେଶ୍ୱର
ଅପରାହ୍ଣ ୨ଟା ୩୦: ରାଉରକେଲା ବନାମ କଟକ
ରାତି ୭ଟା ୩୦: ପୁରୀ ବନାମ କେନ୍ଦୁଝର

ବ୍ରିଜ୍‌କେଙ୍କ ଶତକ; ଅଷ୍ଟ୍ରେଲିଆ ପରାସ୍ତ

ଡର୍ବାନ, ୨୪।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୬୭ ରନରେ ବିଜୟୀ ହୋଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ମାଥ୍ୟୁ ବ୍ରିଜ୍‌କେଙ୍କ ଶତକ ବଳରେ ୫୦ ଓଭରରେ ୮ ୱିକେଟ ହରାଇ ୨୯୭ ରନ କରିଥିଲା। କ୍ୟାରିୟରର ଦ୍ୱିତୀୟ ଦିନିକିଆ ଶତକ ହାସଲ କରିଥିବା ବ୍ରିଜକେ ୧୦୬ ବଲ୍‌ରେ ସର୍ବାଧିକ ୧୧୨ ରନ କରିଥିଲେ। ସେହିଭଳି ମାର୍କୋ ଜାନସେନ ୫୯ ବଲରେ ୭୫ ରନର ଦ୍ରୁତ ପାଳି ଖେଳିବାରୁ ଦଳୀୟ ସ୍କୋର ୩୦୦ ନିକଟତର ହୋଇପାରିଥିଲା। ଅଷ୍ଟ୍ରେଲିଆର ନାଥନ ଏଲିସ ୩ ଓ ଆଦାମ ଜାମ୍ପାଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ପ୍ରତିପକ୍ଷ ବାମହାତୀ ସ୍ପିନର କେଶବ ମହାରାଜ (୯.୨-୨-୨୦-୪)ଙ୍କୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ୪୧.୨ ଓଭରରେ ୨୩୦ ରନରେ ଅଲ୍‌ଆଉଟ୍ ହୋଇଥିଲା। ଅଧିନାୟକ ମିଚେଲ ମାର୍ଶ ସର୍ବାଧିକ ୬୦ ରନ କରିଥିଲେ।

ସକାଳ THE SAKALA
A unit of Nandighosha Network Pvt. Ltd.

The Sakala (A unit of Nandighosha Network Pvt. Ltd.) invites application for the following position

C.T.P. Operator

Minimum 2-3 Yrs. experience

APPLY NOW

Please send your CV with recent passport size photo to hr@thesakala.com

The Sakala
A unit of Nandighosha Network Pvt. Ltd.

Sd/-
Asst. Manager HR

ସାହାଣୀ କପ୍: କଳାହାଣ୍ଡି, ଆରଏସ୍‌ପି'ର ବଡ଼ ବିଜୟ

ଭୁବନେଶ୍ୱର, ୨୪।୯ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ସିନିଅର ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟ ସାହାଣୀ କପ୍‌ର ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଚାରୋଟି ଜୋନରେ ମୋଟ୍ ୯ଟି ମ୍ୟାଚ୍ ଖେଳାଯାଇଥିଲା। ଭୁବନେଶ୍ୱର ଜୋନରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ୭-୦ ଗୋଲରେ କେନ୍ଦୁଝରକୁ ହରାଇଛି। ପାରାଦୀପ ପୋର୍ଟ ଟ୍ରଷ୍ଟ ଓ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିଥିଲା। ସେହିଭଳି ସୁନ୍ଦରଗଡ଼ ଜୋନରେ ଭଦ୍ରକ ୭-୦ରେ ଅନୁଗୋଳକୁ, ମୟୂରଭଞ୍ଜ ୪-୦ରେ ବାଲେଶ୍ୱରକୁ, ସୁବର୍ଣ୍ଣପୁର ଜୋନରେ ବରଗଡ଼ ୪-୦ ଗୋଲରେ ଘରୋଇ ସୁବର୍ଣ୍ଣପୁରକୁ ପରାସ୍ତ କରିଥିଲା। ଏଠାରେ ଯାଜପୁର ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ନୂଆପଡ଼ା ଜୋନରେ କୋରାପୁଟ-କନ୍ଧମାଳ ଏବଂ ନୂଆପଡ଼ା-ମାଲକାନଗିରି ମଧ୍ୟରେ ଅନୁଷ୍ଠିତ ଦୁଇଟିଯାକ ମ୍ୟାଚ୍ ଗୋଲଶୂନ୍ୟ ଭାବରେ ଶେଷ ହୋଇଥିଲା। ଗତକାଲି ପ୍ରବଳ ବର୍ଷା ଲାଗି ଏଠାରେ ଅଧାରୁ ବନ୍ଦ ରହିଥିବା କଳାହାଣ୍ଡି-ରାୟଗଡ଼ା ମ୍ୟାଚ୍ ଗୁରୁବାର ପୁନଃଖେଳାଯାଇଥିଲା। ଏଥିରେ କଳାହାଣ୍ଡି ୮-୨ ଗୋଲରେ ବିଜୟୀ ହୋଇଥିଲା।

ପୁଣି ରେକର୍ଡ କଲେ ନୂଆପଡ଼ାର ସଚିନ

ଭୁବନେଶ୍ୱର, ୨୪।୯ (ସମିସ): ଓଡ଼ିଶାର ଗର୍ବ ତଥା ଦୁଇଥର ଗିନିଜ୍ ୱାର୍ଲ୍ଡ ରେକର୍ଡ ଅଧିକାରୀ ସଚିନ ବେହେରା ଆଉ ଏକ କୀର୍ତ୍ତିମାନ କରିଛନ୍ତି। ସେ ୫ କେଜି ଓଜନର ଆଙ୍କଲ ୱେଟ୍ ପିନ୍ଧି ଗୋଟିଏ ଗୋଡ଼ରେ ଏକ ମିନିଟରେ ୮୮ ଥର ଫୁଲ୍ କଣ୍ଟାକ୍ଟ ନି ଷ୍ଟ୍ରାଇକ୍ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ଏହି ରେକର୍ଡ ପ୍ରୟାସ ସେପ୍ଟେମ୍ବର ୧୦ରେ ଭୁବନେଶ୍ୱରସ୍ଥିତ ସ୍ପୋର୍ଟସ ଏକାଡେମୀଠାରେ ଅନୁଷ୍ଠିତ ହୋଇଥିଲା। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପକ୍ଷରୁ ଅଫିସିଆଲ୍ ଭାବେ ଏହି ରେକର୍ଡକୁ ନିଶ୍ଚିତ କରାଯାଇଛି। ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଲର୍କା ଗ୍ରାମର ସଚିନ ହେଉଛନ୍ତି ଜିଲ୍ଲାର ପ୍ରଥମ ଗିନିଜ୍ ୱାର୍ଲ୍ଡ ରେକର୍ଡ ହୋଲ୍ଡର। ସେ ୨୦୧୯ରେ ୧୩୭ ନି ଷ୍ଟ୍ରାଇକ୍ ଏବଂ ୨୦୨୨ ରେ ଦ୍ୱିତୀୟ ବିଶ୍ୱ ରେକର୍ଡ କରିଥିଲେ। ସେ ହାଇ-ଟେକ୍ ମେଡିକାଲ କଲେଜରୁ ବିପିଟି ସମାପ୍ତ କରି ଏମପିଟି ପଢ଼ୁଛନ୍ତି। ଏହି ସଫଳତା ପାଇଁ ସେ ହାଇ-ଟେକ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଚେୟାରମ୍ୟାନ୍ ଡଃ ତିରୁପତି ପାଣିଗ୍ରାହୀ ଏବଂ କୋଚ୍ ସୌମ୍ୟ ରଞ୍ଜନ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS